

আফগানিস্তান... 

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 353 ଭାଗ ୩୩ | ସଂଖ୍ୟା ୩୫୩ | Thursday 19 March 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୧୯ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

**ଏସସିବି ଟ୍ରାଜେଡି**

# ଜିରୋ ଟଲରାନ୍ସ ନୀତି ଆପଣେଇଲେ ମୁଖ୍ୟମନ୍ତ୍ରୀ



- ପ୍ରାରମ୍ଭିକ ପର୍ଯ୍ୟାୟରେ ୪ ଅଧିକାରୀ ନିଲମ୍ବିତ
- ଆଗକୁ କାର୍ଯ୍ୟାନୁଷ୍ଠାନର ଶିକାର ହେବେ ବଡ଼ବଡ଼ିଆ
- ଆଇସିୟୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନେଇ ଉଠିଲା ପ୍ରଶ୍ନ
- ଟ୍ରମା ଆଇସିୟୁରେ କାମ କରୁନଥିଲା ୱାଟର୍ ସ୍ପ୍ରିଙ୍କଲର ଓ ଆଲାର୍ମ

**ନିଲମ୍ବିତ ହେଲେ...**

- କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା
- କଟକ ସର୍କଲ ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା
- ଏସସିବି ମେଡିକାଲ ଓ ହସ୍ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି
- ଏସସିବି ସବ୍-ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ବିଶ୍ୱାଳ



ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃ କଟକ ଏସସିବି ମେଡିକାଲ କଲେଜରେ ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆହୁରି ୨୦ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତର ସହ ନେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଜିରୋ ଟଲାରାନ୍ସ ନୀତି ଆପଣେଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜି ୪ ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସରକାର ଏନେଇ ଉନ୍ନୟନ କମିଶନର ଡିକେ ସିଂହଙ୍କ ତତ୍ତ୍ୱାବଧାନରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି। କମିଟି ରିପୋର୍ଟ ଆଧାରରେ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ଏଥିପାଇଁ ଦାୟୀ, ତା'ର ତଦନ୍ତ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କମିଶନ ଗଠନ କରାଯାଇଛି। କମିଶନ ଗତ ୧୬ ତାରିଖ ଦିନ କାହିଁକି ଏଭଳି ଅଭାବନୀୟ ଘଟଣା ଘଟିଲା, ତା'ର ତଦନ୍ତ କରିବା ସହ ଏହି ଘଟଣା ପାଇଁ କେଉଁ ଅଧିକାରୀ ଦାୟୀ, ହସ୍ପିଟାଲରେ ଘଟୁଥିବା ଏଭଳି ଦୁର୍ଘଟଣା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି, ଦୁର୍ଘଟଣା ପୂର୍ବରୁ ଓ ପରେ ନିଆଯାଉଥିବା ପଦକ୍ଷେପ ଏଭଳି ଅଘଟଣକୁ ଏଡ଼ାଇବାକୁ ଯଥେଷ୍ଟ କି ନାହିଁ, ସେନେଇ ସରକାରଙ୍କୁ ଦୁଇ ମାସ ମଧ୍ୟରେ ରିପୋର୍ଟ ଦେବେ। ତେବେ ତା' ପୂର୍ବରୁ ସରକାର ଆକ୍ସନ ମୋଡ୍‌କୁ ଆସିଛନ୍ତି।

ସେପଟେ ଏଭଳି ଅଭାବନୀୟ ଘଟଣାକୁ ନେଇ ଏସସିବି ମେଡିକାଲ କଲେଜର ପ୍ରଫେସର ଓ ଅଧିକାରୀମାନେ ଭିନ୍ନ ଭିନ୍ନ କାରଣ ଦର୍ଶାଉଛନ୍ତି। ଟ୍ରମା କେୟାର ଭଳି ସମ୍ବେଦନଶୀଳ ଆଇସିୟୁରେ ଜଣେ ଅନଭିଜ୍ଞ ଡାକ୍ତରଙ୍କୁ ଇନଚାର୍ଜ ରଖାଯିବା ନେଇ ପ୍ରଶ୍ନ ଉଠୁଛି। ଟ୍ରମା କେୟାର ଦାୟିତ୍ୱରେ ଥିବା ଅଧିକାରୀ ଜଣେ ସାଧାରଣ ଏମବିବିଏସ ଡାକ୍ତର। ଏସସିବି ଭଳି ସୁପର ସ୍ପେଶାଲିଟି ହସ୍ପିଟାଲରେ ଜଣେ ସାଧାରଣ ଏମବିବିଏସ ଡାକ୍ତରଙ୍କୁ କିଭଳି ଏତେବଡ଼ ଦାୟିତ୍ୱ ଦିଆଗଲା, ସେନେଇ ଏବେ ପ୍ରଶ୍ନ ଉଠୁଛି। ଚର୍ଚ୍ଚା ହେଉଛି ଯେ ନିକଟରେ ଟ୍ରମା ଆଇସିୟୁ ପାଇଁ କିଛି ନୂଆ ବୈଦ୍ୟୁତିକ ବେଡ୍ କ୍ରୟ କରାଯାଇଥିଲା। ଏହି ବୈଦ୍ୟୁତିକ ବେଡ୍ ଲଗାଯିବା

➩ପୃଷ୍ଠା-୬

## ଖୁବ୍‌ଶୀଘ୍ର ବଦଳିବେ ଫାୟାର ଡିଜି

ରାଜ୍ୟ ଅଗ୍ନିଶମ ବିଭାଗର ଦମ୍ଭୋକ୍ତି ଓ ଦକ୍ଷତାର ଅସଲ ଚେହେରା ଏବେ ପଦାରେ ପଡ଼ିଛି। ଏ ସମ୍ପର୍କରେ 'ସଂଚାର' ପକ୍ଷରୁ ନିକଟରେ ଏକ ଖବର ପ୍ରକାଶ ପାଇଥିଲା। ବିଭାଗୀୟ ଦକ୍ଷତା ଅପେକ୍ଷା କେବଳ ପ୍ରଚାରରେ ମାତିଛି ଅଗ୍ନିଶମ ବିଭାଗ। ଚକଚକିଆ ପାୱାରପଏଣ୍ଟ ପ୍ରେଜେଣ୍ଟେସନ ଓ ବଡ଼ ବଡ଼ ଘୋଷଣା ସହ କୋଟି କୋଟି ଟଙ୍କାର ଯନ୍ତ୍ରପାତି କିଣାଯାଇ ମିଡିଆରେ ପ୍ରଦର୍ଶନ କରାଯାଉଛି। ହେଲେ ଅସଲ ସମୟରେ ସବୁ ଯନ୍ତ୍ରପାତି ଫେଲ୍ ମାରୁଛି। କୋଟି କୋଟି ଟଙ୍କାରେ ରୋବର୍ଟ କିଣାଯାଇଥିଲା। ଦୁଇ ଘଣ୍ଟାରେ ଯେତେବଡ଼ ଅଗ୍ନିକାଣ୍ଡ ହେଲେ ବି ତା'ର ସଫଳ ମୁକାବିଲା କରାଯିବ ବୋଲି ପ୍ରଚାର କରାଯାଇଥିଲା। ହେଲେ ଲିଙ୍ଗିପୁରର ଚାରି

➩ପୃଷ୍ଠା-୬

**କ୍ରସ୍ ଭୋଟିଂକୁ ନେଇ ରମେଶଙ୍କ ବିସ୍ଫୋରଣ**

## ପ୍ରତିଶୋଧ ନେବାକୁ ଦିଲୀପଙ୍କୁ ଭୋଟ୍



- ଶୀଘ୍ର ବନ୍ଦ ହେବ କଂଗ୍ରେସ ଅଫିସଃ ରମେଶ
- ଭକ୍ତ ଦାସ କମ୍ପାନୀ ଦ୍ୱାରା ପରିଚାଳିତ ହେଉଛନ୍ତି

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃରାଜ୍ୟସଭା ନିର୍ବାଚନ ସରିବା ପରେ କ୍ରସ ଭୋଟିଂକୁ ନେଇ ଜାରି ରହିଛି ବିବାଦ। ଏହାମଧ୍ୟରେ ସାନଖେମୁଣ୍ଡିରୁ କଂଗ୍ରେସରୁ ନିଲମ୍ବିତ ବିଧାୟକ ରମେଶ ଜେନା ଦେଇଛନ୍ତି ବିସ୍ଫୋରକ ବୟାନ। କାହିଁକି କ୍ରସ ଭୋଟିଂ କଲେ ତା'ର କାରଣ କହିବା ସହ ପିସିସି ସଭାପତି ଭକ୍ତ ଦାସଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସରୁ ୫ କ୍ରସ୍ ଭୋଟ୍ ହୋଇଛି। ୫ ଭୋଟ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ୍ ଦିଲୀପ ରାୟଙ୍କୁ ଯାଇଛି। ପ୍ରଥମ ରାଗ ବିଜେଡି ଓ ଦ୍ୱିତୀୟ ରାଗ କଂଗ୍ରେସ ଉପରେ ଥିଲା। ପ୍ରତିଶୋଧ ନେବାକୁ ଦିଲୀପ ରାୟଙ୍କୁ ଭୋଟ୍ ଦେଲି ବୋଲି ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି ରମେଶ ଜେନା। ସେ କହିଛନ୍ତି, ଅଳ୍ପ ଦିନରେ

➩ପୃଷ୍ଠା-୬

**ବିଧାନସଭାରେ ଥମୁନି ଅଗ୍ନିକାଣ୍ଡ ତାତି**

## ଅଭିନବ ପ୍ରତିବାଦ ବୁଲିଲା କୋକେଇ





- ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି
- ସରକାରୀ ହସ୍ପିଟାଲରେ ଅଗ୍ନିକାଣ୍ଡ ପାଇଁ ମନ୍ତ୍ରୀ ଉତ୍ତରଦାୟୀ
- ସମ୍ବେଦନଶୀଳ ଘଟଣାରେ ବିରୋଧୀ ରାଜନୀତି କରୁଛନ୍ତିଃବିଜେପି

ଭୁବନେଶ୍ୱର, ୧୮।୩ (ସଂଚାର ବ୍ୟୁରୋ)ଃ ମଙ୍ଗଳବାର ପରି ବୁଧବାର ବିଧାନସଭାରେ ବିରୋଧୀ ଦଳର ବିଧାୟକମାନେ ଏସସିବି ଦୁର୍ଘଟଣା ପ୍ରସଙ୍ଗକୁ ନେଇ ହଟଗୋଳ କରିଛନ୍ତି। ଆଜି ପ୍ରଶ୍ନକାଳ କାର୍ଯ୍ୟ ଆରମ୍ଭ ହେବ କ୍ଷଣି ଉଭୟ କଂଗ୍ରେସ ଓ ବିଜେଡି ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ। ନିଜ ସହ ଆଣିଥିବା ଏକ ଟାୱେଲକୁ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ଶବ ପରି ସଜେଇ ସେଥିରେ ଫୁଲ ମାଳ ଦେଇ ବାଚସ୍ପତିଙ୍କ ସମ୍ମୁଖରେ ଥିବା ରିପୋର୍ଟର୍ସ ଟେବୁଲ୍ ଉପରେ ରଖି ଅଭିନବ ଉପାୟରେ ପ୍ରତିବାଦ କରିଥିଲେ। ବିଜେଡିର ଅନ୍ୟ ସଦସ୍ୟମାନେ ହାତରେ ପୋଷ୍ଟର ବ୍ୟାନର ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦେଇଥିଲେ। ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ମୃତାବସ୍ଥାରେ ଥିବା କହି ସରକାରଙ୍କୁ ଟାର୍ଗେଟ କରିଥିଲେ ବିରୋଧୀ। ହୋହଲ୍ଲା ମଧ୍ୟରେ ଗୃହରେ ବିଜେପି ବିଧାୟକ ବିଜୟ

➩ପୃଷ୍ଠା-୬

## ରାଜ୍ୟସଭା ଇଫେକ୍ଟଃ ଭାଗଭାଗ ହେଲା ବିଜେଡି






- ନିଜ ଦଳର ବିଧାୟକଙ୍କୁ ଘେରିଲେ ଯୁବ ଓ ଛାତ୍ର ନେତା
- ଇସ୍ତଫା ଦେଇ ଆଉ ଥରେ ଲଢ଼ିବାକୁ ଚ୍ୟାଲେଞ୍ଜ
- 'ମୁଁ ଦଳକୁ ବିରୋଧ କରୁନି, କୁଚକ୍ରୀଙ୍କୁ ଚେକ୍ ଦେଉଛି'

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃ ରାଜ୍ୟସଭା ନିର୍ବାଚନରେ ବିଜେଡିର ୬ ଜଣ ବିଧାୟକ କ୍ରସ ଭୋଟିଂ କରିବା ଘଟଣାକୁ ନେଇ ଦଳ ଏବେ ବିଭାଜନ ଆଡ଼କୁ ଗତି କରୁଛି। ଖୋଦ ବିଜେଡି ବିଧାୟକମାନଙ୍କ ବିରୋଧରେ ଯୁବ ଓ ଛାତ୍ର ବିଜେଡି ନେତା ଓ କର୍ମୀ ରାସ୍ତାକୁ ଓହ୍ଲାଇଛନ୍ତି। ଏପରିକି ସେମାନେ ଦଳର ବିଧାୟକଙ୍କୁ ଇସ୍ତଫା ଦେଇ ଉପନିର୍ବାଚନର ସମ୍ମୁଖୀନ ହେବାକୁ ଆହ୍ୱାନ ଦେଇଛନ୍ତି। ରାସ୍ତାରେ ବିଜେଡିର ନେତା ଓ କର୍ମୀ ପରସ୍ପର ବିରୋଧରେ ନାରାବାଜି କରିବା ସହ ମୁହାଁମୁହିଁ ହୋଇଛନ୍ତି।

ରାଜ୍ୟ ବିଜେଡିରେ ଏବେ ଏକ ବିଚିତ୍ର ସ୍ଥିତି। ଆଲୋ ସଖୀ ଆପଣା ମହତ ଆପେ ରଖି ନ୍ୟାୟରେ ଦଳ ଭିତରେ ଯେଉଁ ବିବାଦର ସମାଧାନ ବା ପ୍ରତିକାର ହେବା କଥା, ତା' ନ କରି ଏବେ ବିଜେଡିର ଯୁବ ଓ ଛାତ୍ର ନେତା ଓ ତାଙ୍କ ସହଯୋଗୀମାନେ ରାସ୍ତାକୁ ଓହ୍ଲାଇପଡ଼ିଛନ୍ତି। ଆଉ ପ୍ରମାଣିତ କରିଦେଇଛନ୍ତି ଯେ ଦଳ ଏବେ ଆଉ ଏକ ହୋଇନାହିଁ। ଦଳ ଏବେ ସମାନ୍ତରାଳ ବିଭାଜନମୁଖୀ ହୋଇଛି। ବିଜେଜି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ବାସଭବନକୁ ଦଳର ଯୁବ ଓ ଛାତ୍ର ନେତାମାନେ ଘେରାଉ କରିବା ଏବଂ ସେଠାରେ ଆଉ କିଛି ଯୁବ ନେତା ତାଙ୍କୁ ପ୍ରତିରୋଧ କରିବା ଘଟଣାରୁ ଏହା ପ୍ରମାଣିତ ହୋଇଛି ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

ଏହି ଘଟଣା କେବଳ ଭୁବନେଶ୍ୱରରେ ହୋଇନି। ବାଲେଶ୍ୱରରେ ବିଜେଡି କର୍ମୀ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ବିରୋଧରେ ନାରାବାଜି କରିଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀରେ ବିଧାୟକ ନବ କିଶୋର ମଲ୍ଲିକଙ୍କ ବିରୋଧରେ ଦଳୀୟ କର୍ମୀ ମଧ୍ୟ କରିଛନ୍ତି ସ୍ଲୋଗାନବାଜି। ବର୍ତ୍ତମାନ ପର୍ଯ୍ୟନ୍ତ ବିଜେଡିର ଏହି ୬ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କେବଳ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କିନ୍ତୁ କାହା ଇଙ୍ଗୀତରେ ଦଳର ବିଧାୟକଙ୍କୁ ଦଳୀୟ କର୍ମୀ ବିରୋଧ କରି ଦଳର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଛନ୍ତି, ସେନେଇ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି ରାଜନୈତିକ ସମୀକ୍ଷକ।

ସେପଟେ ବିଜେଡି ଯୁବ ଓ ଛାତ୍ର ନେତାଙ୍କୁ କଡ଼ା ଜବାବ ଦେଇଛନ୍ତି ଦେବୀ ରଞ୍ଜନ। ସେ ସିଧାସଳଖ କହିଛନ୍ତି ଯେ ବିଜେଡି ଅଣକଂଗ୍ରେସ ଆଭିମୁଖ୍ୟକୁ ନେଇ ଗଠନ ହୋଇଥିଲା। ହେଲେ କଂଗ୍ରେସ ସହ ମେଣ୍ଟ କରି ବିଜେଡି ସେ ଆଭିମୁଖ୍ୟଠାରୁ ଦୂରେଇଯାଇଛି। ଏଥିସହିତ ଦଳ ପ୍ରତି ଯାହାର ସାମାନ୍ୟତମ ଅବଦାନ ନାହିଁ, ସେଭଳି ଜଣେ ନେତା ସଂତୃପ୍ତ ମିଶ୍ରଙ୍କୁ ପ୍ରାର୍ଥୀ କରାଯିବା ପ୍ରମାଣିତ କରୁଛି ଯେ ନବୀନ ପଟ୍ଟନାୟକ ଏକ ନିର୍ଦ୍ଦିଷ୍ଟ କୋଟେରୀର ବଶବର୍ତ୍ତୀ

➩ପୃଷ୍ଠା-୬

**ବିଜୁ-ନବୀନ ଇନସ୍ପିରେସନାଲ ଫାଉଣ୍ଡେସନ ଝଡ଼**

## ମୁହଁ ଖୋଲିଲେ ନବୀନ; କହିଲେ ଅପପ୍ରଚାର



**ସ୍ପଷ୍ଟୀକରଣ ପରେ ବି ଥମୁନି ବିବାଦ**

ଭୁବନେଶ୍ୱର, ୧୮।୩ (ସଂଚାର ବ୍ୟୁରୋ) ଃ ବିଜୁ-ନବୀନ ଇନସ୍ପିରେସନାଲ ଫାଉଣ୍ଡେସନକୁ ନେଇ ମୁହଁ ଖୋଲିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଫାଉଣ୍ଡେସନରେ ବିଜେଡି କିମ୍ବା କୌଣସି ପାର୍ଟି ଫଣ୍ଡର ବ୍ୟବହାର କରାଯାଇନାହିଁ। ଏହି ଫାଉଣ୍ଡେସନକୁ ନେଇ ଅପପ୍ରଚାର କରାଯାଉଛି ବୋଲି ଆଜି ନିଜେ ନବୀନ ସ୍ପଷ୍ଟ କରିଛନ୍ତି। କିଛି ରାଜନୈତିକ ନେତା ଏହାକୁ ନେଇ ମିଛ ପ୍ରଚାର କରୁଥିବାରୁ ନବୀନ ଆଜି ମୁହଁ ଖୋଲିବାକୁ ବାଧ୍ୟ ହୋଇଛନ୍ତି।

ବିଜୁ-ନବୀନ ଇନସ୍ପିରେସନାଲ ଫାଉଣ୍ଡେସନକୁ ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଆଜି ନିଜେ ନବୀନ ସ୍ପଷ୍ଟୀକରଣ ଦେଇଛନ୍ତି। ସେ ବିଜୁ ପଟ୍ଟନାୟକଙ୍କୁ ଚିରଦିନ ପାଇଁ ଅମର କରି ରଖିବାକୁ ତାଙ୍କର ଆଦର୍ଶକୁ କାର୍ଯ୍ୟକାରୀ କରିବା ସକାଶେ ଏଭଳି ଏକ ଫାଉଣ୍ଡେସନ ଗଠନ କରିଛନ୍ତି। ବିଜୁ ପଟ୍ଟନାୟକ ମାତ୍ର ୩୦ ବର୍ଷ ବୟସରେ ବିଜ୍ଞାନର ପ୍ରଚାର ପ୍ରସାର ପାଇଁ କଳିଙ୍ଗ ୟୁନେସ୍କୋ ପୁରସ୍କାରକୁ ଦାନ କରିଦେଇଥିଲେ। ସେ ନିଜ ଜୀବନ କାଳରେ ଅନେକ ଜନହିତକର କାମ କରିଛନ୍ତି, ଯେଉଁଥିପାଇଁ ସେ ଖୁବ୍ ପରିଚିତ।

ଏପରିକି ସେ ନିଜେ ଓ ତାଙ୍କ ଭାଇ ଓ ଭଉଣୀ ଉଭୟଙ୍କ ସହମତିରେ କଟକ ଆନନ୍ଦ ଭବନକୁ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଦାନ କରିଦେଇଛନ୍ତି। ତେଣୁ ସେ ନିଜର ସର୍ଜିକାଲ ଅପରେସନ ପାଇଁ ମୁମ୍ବାଇ ଯାଇଥିବା ସମୟରେ ଦିଲ୍ଲୀରେ କିଛି ଡାକ୍ତରଙ୍କ ସହ ମଧ୍ୟ କଥା ହୋଇଥିଲେ। ସେ ସମୟରେ ଦିଲ୍ଲୀରେ ରହିବା ଅବସରରେ ସେ କିଛି ବରିଷ୍ଠ ଆଇନଜୀବୀ ଓ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ମତାମତ ନେଇ ତାଙ୍କ ବାପାଙ୍କ ନାଁରେ ଏହି ଟ୍ରଷ୍ଟ ଗଠନ କରିଛନ୍ତି। ଏହି ଟ୍ରଷ୍ଟ ଓଡ଼ିଶାବାସୀଙ୍କ ହିତ ପାଇଁ ଖୋଲାଯାଇଛି। ଏଥିପାଇଁ ସେ ନିଜ ଆକାଉଣ୍ଟରୁ ଏକ ଲକ୍ଷ ଟଙ୍କାର ଛୋଟ ରାଶିରୁ ଟ୍ରଷ୍ଟ ଆରମ୍ଭ କରିଛନ୍ତି। ଏହି ଟ୍ରଷ୍ଟରେ ବିଜେଡି କିମ୍ବା ଅନ୍ୟ କୌଣସି ପାର୍ଟି ଫଣ୍ଡର କୌଣସି ସମ୍ପର୍କ ନ ଥିବା ସେ ସ୍ପଷ୍ଟ କରିଛନ୍ତି।

ଏହି ଟ୍ରଷ୍ଟକୁ ନେଇ ଆଜି ମଧ୍ୟ ବିଧାନସଭାରେ କିଛି ବିଜେପି ନେତା ପ୍ରଶ୍ନ ଉଠାଇଥିଲେ। ଅଭିଯୋଗ କରିଥିଲେ ଯେ ଟ୍ରଷ୍ଟ ବିବାଦକୁ ଏଡ଼ାଇବାକୁ ଏସସିବି ଘଟଣାକୁ ନେଇ ବିଜେଡି ରାଜନୀତି କରୁଛି। ନବୀନଙ୍କ ସ୍ପଷ୍ଟୀକରଣ ପରେ ମଧ୍ୟ ଏହି ବିବାଦ ଥମିନାହିଁ। ସେମାନେ ପ୍ରଶ୍ନ କରିଛନ୍ତି ଯେ

➩ପୃଷ୍ଠା-୬



**କାନ ଡେରିଥା**

ନିଲମ୍ବନ ହେଲେ
ସୋଫିଆ,ରମେଶ
କଂଗ୍ରେସ କର୍ମୀ ଛାନିଆ
ବହିଷ୍କାର ହେଲେ ଦଳ
ଛାଡ଼ିଦେଇ
ଲଗାଇ ଦେବେ କି ନିଆଁ
ଭକ୍ତଙ୍କର ବାଣ ଧୂଆଁ...
ଭକ୍ତ କର୍ମଫଳ କଂଗ୍ରେସ
ଭୋଗୁଛି
ଚାଳକ ବିହୀନ ନାଆ ।

■ ଦେବାଶିଷ

# ସବୁ ଦଗାଦିଆ ବବିଙ୍କ ଲୋକ



- ପରଦା ପଛରେ ହୋଇଛି ଖେଳ
- ରାଗ ଶୁଝାଇଦେଲେ ପୂର୍ବତନ

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃ ରାଜ୍ୟସଭା ନିର୍ବାଚନରେ ବିଜେଡିକୁ ଦଗା ଦେଇ କ୍ରସ ଭୋଟିଂ କରିଥିବା ପ୍ରାୟ ସମସ୍ତ ବିଧାୟକ ହେଉଛନ୍ତି ଦଳର ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଓରଫ ବବିଙ୍କ ଲୋକ। ଏମାନଙ୍କୁ ହିଁ ବବି ଆଣି ଦଳରେ ମିଶାଇଥିଲେ ଓ ବବିଙ୍କ ନିର୍ଦ୍ଦେଶରେ ଏମାନେ ଦଳକୁ ଦଗା ଦେଇଦେଲେ ବୋଲି ଏବେ ବିଜେଡି ମହଲରେ ଜୋରଦାର ଆଲୋଚନା ହେଉଛି।

କର୍ମୀମାନେ କରୁଥିବା ଆଲୋଚନା ଅନୁଯାୟୀ, ନିର୍ବାଚନରେ ପରାଜୟ ପରେ ବବି ନିଜେ ରାଜ୍ୟସଭା ଯିବାକୁ ଚାହୁଁଥିଲେ। ହେଲେ ଦଳରୁ ଏଥିପାଇଁ ଗ୍ରୀନ୍ ସିଗନାଲ ନ ମିଳିବାରୁ ବବି ପରଦା ପଛରେ ରହି ନିଜ ଲୋକଙ୍କ ଜରିଆରେ ଦଳ ଉପରେ ରାଗ ଶୁ ଝା ଇ ଛ ନ୍ତି । କାରଣ ଦଳରୁ ନିଲମ୍ବିତ ହୋଇଥିବା ଅରବିନ୍ଦ ମହାପାତ୍ର ହୁଅନ୍ତୁ କି ରମାକାନ୍ତ ଭୋଇ, କ୍ରସ ଭୋଟିଂ କରିଥିବା ପ୍ରାୟତଃ ସମସ୍ତେ ହେଉଛନ୍ତି ବବିଙ୍କ ନିଜ ଲୋକ। ଦିନେ ଏମାନଙ୍କୁ ବବି ହିଁ ଆଣି ବିଜେଡିରେ ମିଶାଇବା ସହ ଦଳୀୟ ଟିକେଟ ଦେଇ ବିଧାୟକ କରିଥିଲେ। ସେମାନେ ବି ମଉକା ଦେଖି ଋଣ ଶୁଝିଦେଲେ।

ବିଜୟଙ୍କ ନାଁ ଶୁଣିଲେ ନାକ ଟେକୁଥିବା ନବୀନଙ୍କୁ ମନାଇ ବବି ହିଁ ତାଙ୍କ ପୁଅ ଅରବିନ୍ଦଙ୍କୁ ଆଣି ବିଜେଡିରେ ମିଶାଇଥିଲେ। ଖାଲି ମିଶାଇ ନ ଥିଲେ, ନବୀନଙ୍କ ଆଶୀର୍ବାଦ ଦେବା ସହ ତାଙ୍କୁ ଟିକଟ ବି ଦେଇଥିଲେ। ସେହିଭଳି କେନ୍ଦୁଝର ଜିଲ୍ଲା ଦାୟିତ୍ୱରେ ଥିବା ବେଳେ ସନାତନ ମହାକୁଡ଼ଙ୍କୁ ଆଣି ବିଜେଡିରେ ମିଶାଇଥିଲେ ବବି। ତିର୍ତ୍ତୋଲର ବିଧାୟକ ରମାକାନ୍ତ ଭୋଇଙ୍କ ହାତ ଧରି ଭିଡ଼ିଆଣିଥିଲେ ବବି। ନବୀନ ନିବାସରେ ହାଜର କରାଇ ସିଧା ଟିକଟ ଦେଲେ ଓ ରମାକାନ୍ତ ବିଜୟୀ ବି ହେଲେ। ରମାକାନ୍ତ ଏଭଳି ସହାୟତାକୁ ସହଜରେ ଭୁଲିନାହାନ୍ତି। ରାତିରେ ନବୀନ ନିବାସରେ ଲୁଙ୍ଗି ପିନ୍ଧି ବସିବା ପରେ ସକାଳେ କ୍ରସ ଭୋଟିଂ ପାଇଁ ସାହସ କଲେ।

ବିଜେଡିକୁ ଦଗା ଦେଇଥିବା ଆଉ ଜଣେ ବିଧାୟକ ହେଲେ ନବ ମଲ୍ଲିକ। ଜୟଦେବର ନବ ବି ହେଉଛନ୍ତି ବବିଙ୍କ ଆବିଷ୍କାର। ନିଜର ତିନି ଅନୁଗତଙ୍କ ଜରିଆରେ ନବଙ୍କୁ ଆଣି ବିଜେଡିରେ ମିଶାଇବା ସହ ଟିକଟ ଦେଇଥିଲେ ବବି। ଲକ୍ଷ୍ୟ ଥିଲା ବାଲି ଖାଦାନ ଲୁଟ୍। ତେଣୁ ସମସ୍ତ ପ୍ରକାର ଆର୍ଥିକ ସହାୟତା କରି ବିଧାୟକ ବି କରିଥିଲେ। ନବ ବି ଏହାକୁ ଭୁଲିନାହାନ୍ତି।

ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜେଡି ସଭାପତିଙ୍କ ନିର୍ଦ୍ଦେଶ ମାନି ଭୋଟ୍ ଦେଇଛନ୍ତି ବୋଲି କହି କ୍ରସଭୋଟିଂ କରିଥିବା ବିଧାୟିକା ସୁବାସିନୀ ଜେନା ହେଉଛନ୍ତି ବବିଙ୍କ ପାରିବାରିକ ବନ୍ଧୁ। ତେଣୁ ବବିଙ୍କ ଅଜାଣତରେ ରବୀନ୍ଦ୍ର ହଠାତ୍ ବିଜେପିକୁ ପଳାଇବା ଓ ସୁବାସିନୀ କ୍ରସ

➩ପୃଷ୍ଠା-୬

## ପାରାଦୀପରେ ପହଞ୍ଚିଲା ୨.୫ ଲକ୍ଷ ମେଟ୍ରିକ୍ ଟନ୍ ତୈଳ

- ସିଙ୍ଗାପୁର ଦେଇ ଓମାନ୍‌ରୁ ଆସିଛି

ପାରାଦୀପ,୧୮।୩(ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱରେ ତୈଳ ସଂକଟ ସୃଷ୍ଟି ହେବାର ଆଶଙ୍କା ରହିଛି। ବିଶେଷକରି ଭାରତ ତା'ର ଆବଶ୍ୟକତାର ସିଂହଭାଗ ଆମଦାନୀ କରୁଥିବାରୁ ଦେଶରେ ତୈଳ ଓ ଇନ୍ଧନ ଗ୍ୟାସ୍ ସଙ୍କଟ କେତେକ ସ୍ଥାନରେ ଦେଖାଦେଇଥିବା ବେଳେ ଆଗାମୀ ଦିନରେ ଏହା ଗୁରୁତର ହେବ ବୋଲି ଆକଳନ କରାଯାଉଛି। ଓଡ଼ିଶାରେ ମଧ୍ୟ କିଛି ଦିନ ତଳେ କେତେକ ପେଟ୍ରୋଲ୍ ଟାଙ୍କିରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିବା ବେଳେ ଆଉ କେତେକ ଟାଙ୍କି



ପେଟ୍ରୋଲ୍ ନ ଥିବାରୁ ବନ୍ଦ ପଡ଼ିଥିବା ଦେଖାଯାଇଥିଲା। ତେବେ ଆଜି ଏନେଇ ଏକ ସୁଖଦ ଖବର ଆସିଛି, ଯାହାକି ଓଡ଼ିଶାରେ ତୈଳ ସଙ୍କଟ ସମସ୍ୟା ଉପୁଜିବାକୁ ଦେବ ନାହିଁ ବୋଲି ଆଶା କରାଯାଉଛି। ଆଜି ପାରାଦୀପ ବନ୍ଦରରେ ଏକ ତୈଳବାହୀ ଜାହାଜ ପହଞ୍ଚିଛି, ଯେଉଁଥିରେ ୨.୫ ଲକ୍ଷ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ରହିଛି। ଏମ୍‌ଟି ଫ୍ଲୋରା ନାମକ ଏହି ଜାହାଜରେ ଓମାନ୍‌ରୁ ତୈଳ ଆସି ଏଠାରେ ପହଞ୍ଚିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ କୌଣସି ତୈଳବାହୀ ଜାହାଜ ମସ୍କାଟ୍‌ରୁ ଆସି ପାରାଦୀପ ବନ୍ଦରରେ ଅଟକିଛି। ଆଜି

➩ପୃଷ୍ଠା-୬

## ଖରିନାସୀ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ
# ୫୫ ଅଭିଯୋଗରୁ ୩୨ର ସମାଧାନ



ମହାକାଳପଡା,୧୮।୩(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଖରିନାସୀ ପଞ୍ଚାୟତରେ ଆଜି "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ରାମବାସୀମାନେ ଜମି ସମସ୍ୟା, ପାନୀୟ ଜଳ, ଭତ୍ତା, ରାସ୍ତା ଓ ବିଦ୍ୟୁତ ସମସ୍ୟା ଭଳି ମୋଟ୍ ୫୫ ଟି ଅଭିଯୋଗ ଦାଖଲ କରିଥିଲେ। ଉପସ୍ଥିତ ଅଧିକାରୀମାନେ ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହିତ ଶୁଣି ସେଥିରୁ ୩୨ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଇଥିଲେ। ୧୨ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ମହାକାଳପଡ଼ାର ଭାରା ପ୍ରାପ୍ତ ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମଧ୍ୟବସ୍ଥା କେନ୍ଦ୍ର ସହାୟତାରେ ଯୋଡା ହେଲା ଭଙ୍ଗା ପରିବାର



କେନ୍ଦ୍ରାପଡା, ୧୮।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ମଧ୍ୟସ୍ଥା କେନ୍ଦ୍ର ସହାୟତାରେ ଏକ ଭଙ୍ଗା ପରିବାର ଯୋଡି ହୋଇ ପୁନର୍ବାର ଘର ସଂସାର କରିବାକୁ ନିଷ୍ପତି ନେଇଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଓରିସବିନ୍ଧା ଗ୍ରାମର ସନାତନ ନାଥ ପାଟକୁରା ଥାନା ଅନ୍ତର୍ଗତ କସୋରି ଗ୍ରାମର ସଂନ୍ଧ୍ୟାରାଣୀ ନାଥଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ମନମାଳିନୀ ହେବାରୁ ପରିବାର ଅଦାଲତରେ ଛାଡପତ୍ର ମାମଲା ଦାଏର ହୋଇଥିଲା। ପରିବାର ଅଦାଲତ ର ମାନ୍ୟବର ବିଚାରପତି ମାମଲାକୁ ମଧ୍ୟସ୍ଥା କେନ୍ଦ୍ରୁ ହସ୍ତାନ୍ତର କରି ବୁଝାସୁଝା କରିବାକୁ ପଠାଇଥିଲେ। ମଧ୍ୟସ୍ଥା କେନ୍ଦ୍ରର ବରିଷ୍ଠ ଆଇନଜିବୀ ଗଦାଧର ଶତପଥୀ, ସ୍ୱୟଂ ପ୍ରକାଶ ଦାସ, ଅମ୍ରିତା ମିଶ୍ର ପ୍ରମୁଖ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରାଇବା ପରେ ଉଭୟ ମଧ୍ୟସ୍ଥା କେନ୍ଦ୍ରର ବରିଷ୍ଠ ଆଇନଜିବୀଙ୍କ ମତାମତ ରେ ରାଜି ହୋଇ ପୁନର୍ବାର ଘର ସଂସାର କରିବାକୁ ଖସଖୁସିରେ ଫେରିଛନ୍ତି।

## ଦୁର୍ଘଟଣାରେ ବିଧାୟକଙ୍କ ଭାଇ ମୃତ



କେନ୍ଦ୍ରାପଡ଼ା, ୧୮।୩(ସଂଚାର ବ୍ୟୁରୋ)ଃ ଏକ ସଡ଼କ ଦୁର୍ଘଟଣାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ସାନ ଭାଇ ସର୍ବେଶ୍ୱର ବେହେରା(୪୬)ଙ୍କ ମୃତ୍ୟୁ ଘଟିଛି। ସେ ଗତ ଏକ ସପ୍ତାହ ତଳେ ନିଶ୍ଚିନ୍ତକୋଇଲିରେ ସର୍ବେଶ୍ୱର ଏକ ବାଇକରେ କେନ୍ଦ୍ରାପଡ଼ା ଫେରୁଥିବା ବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ବୁଧବାର ସର୍ବେଶ୍ୱରଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଏକ ଡାକ୍ତରଖାନାରେ ପନାମା ହେବାପରେ ତାଙ୍କ ମୃତଦେହ ଏକ ବିରାଟ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ାକୁ ଅଣାଯାଇଥିଲା। ବାଟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇ ବିଧାୟକ ଗଣେଶ୍ୱର ବେହେରାଙ୍କ ସହ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବିଜେଡି ଜିଲ୍ଲା ସଭାପତି ଶିବପ୍ରସାଦ ଭଳ, ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ନଗରପାଳ ସରିତା ସାହୁ, ସମାଜସେବୀ ରଞ୍ଜିତ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ହିରଣ୍ୟ ପଣ୍ଡା, ରଞ୍ଜନ ବିଶ୍ୱାଳ, ସମ୍ବିତ ଶ୍ରୀଚନ୍ଦନ, ନାରାୟଣ ପରିଡା, ରାଜେଶ ମହାନ୍ତି, ପ୍ରଭାଶିଷ ପଣ୍ଡା, ପୀତବାସ ବେହେରା, ଯଯାତି ମହାନ୍ତି, ବିଜୟ ମଣ୍ଡଳ, ମୋହନ ଆଚାର୍ଯ୍ୟ, ଉମେଶ ନାୟକ, ଚୌଧୁରୀ ସୁକୁମାର ଦାସ, ପ୍ରିୟଦର୍ଶିନୀ ତରାଇ, ଗିତାଞ୍ଜଳୀ ସେଠୀ, ଚନ୍ଦନପୁର ସରପ ରମାକାନ୍ତ ମଲ୍ଲିକ, ନିରଞ୍ଜନ ବାରିକ, ଅଭୟ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚଉଦକୁଲାଟ ସ୍ଥିତ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ପୁତ୍ର ଅବିନାଶ ବେହେରା ମୁଖାଗ୍ନି ଦେଇଥିଲେ।

## ବାଘମାରିରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି



ରାଜନଗର,୧୮।୩(ସଂଚାର ବ୍ୟୁରୋ)ଃ ଚଳିତ ମାସ ୧୧ ତାରିଖ ଠାରୁ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ୯ଟି ବ୍ଲକରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୧ ତାରିଖ ଦିନ ରାଜନଗର ବ୍ଲକର ତାଳଚୁଆ ପଞ୍ଚାୟତରେ ପଞ୍ଚାଯତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଆଜି ବାଘମାରୀ ପଞ୍ଚାଯତରେ ଅଭିଯୋଗ ଶୁଣିଛି ପ୍ରଶାସନ। ବାଘମାରି ପଞ୍ଚାଯତରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ ଶିବିରରେ ବାଘମାରୀ ପଞ୍ଚାୟତର ଅଧିବାସୀଙ୍କ ଅଭିଯୋଗର ଶୁଣାଣି କରାଯାଇଥିଲା।ବିଡିଓ ଅଶୋକ କୁମାର ମହାନ୍ତିଙ୍କ ପୌରହିତରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ରେ ଡେପୁଟି କଲେକ୍ଟର ନିତ୍ୟ ରଂଜନ ସାମଲ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ପ୍ରମୁଖ ଯୋଗ ଦେଇ ୩୨ ଟି ଅଭିଯୋଗର ଶୁଣାଣି କରିଥିଲେ। ରାଶନ କାର୍ଡ, ଭତା ଓ ପ୍ରଧାନମନ୍ତ୍ରୀ ଆବାସ ନେଇ ଅଭିଯୋଗ ଆସିଥିଲା। ଏପରିକି ଗତ ୩/୪ ମାସ ଧରି ହିତାଧିକାରୀ ଭତା ପାଉନଥିବା ନେଇ ଅଭିଯୋଗ କରିଥିଲେ।। ଏହି ଅଭିଯୋଗ ଶୁଣାଣିରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

ନିଘୋଡ଼ ନିଦରେ ତହସିଲ୍

# ବେଆଇନ୍ ଇଟାଭାଟି ଜାଳୁଛନ୍ତି ମାଫିଆ

- ତାତି ବଢୁଛି କଲବଲ
- କରୁଛି ଧୂଆଁ
- ଜନଜୀବନ ଅସ୍ତବ୍ୟସ୍ତ



ମାର୍ଶାଘାଇ, ୧୮।୩(ସଂଚାର ବ୍ୟୁରୋ)ଃ ଗ୍ରୀଷ୍ମ ଋତୁର ତାତି ବଢ଼ିବା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏବେ ମାର୍ଶାଘାଇ ରେ ଇଟା ମାଫିଆଙ୍କ ରାଜୁତି ବଢ଼ିବା ଆରମ୍ଭ ହୋଇଛି। ପ୍ରଶାସନର କୋହଳ ମନୋଭାବ ପାଇଁ ଏବେ ମାଫିଆ ମାନେ ବେଫିକର୍ ହୋଇ ବେଆଇନ୍ ନାଲି ଇଟା ଭାଟି ବେଧଡକ ଭାବେ ପୋଡ଼ି ଚାଲିଛନ୍ତି। ଯାହା ଫଳରେ ଇଟାଭାଟି ଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ନା ଏଥିପାଇଁ ସ୍ଥାନୀୟ ତହସିଲଦାର ଙ୍କ ନଜର ରହିଛି ନା ଜିଲ୍ଲା ପ୍ରଶାସନର। ଯାହାକୁ ନେଇ ଅଞ୍ଚଳରେ ଉଦବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ, ପରିବେଶବିତ୍ ଓ ସାଧାରଣ ଲୋକେ। ବେଆଇନ୍ ନାଲି ଇଟା ପୋଡାର ଭୁସ୍ୱର୍ଗ ପାଲଟିଛି ମାର୍ଶାଘାଇ। ତହସିଲ ପ୍ରଶାସନର ପ୍ରିୟା ପ୍ରତି ପୋଷଣ ନୀତି ପାଇଁ ବେଆଇନ୍ ଇଟାଭାଟି ବିଭିନ୍ନ ପଞ୍ଚାୟତକୁ ବ୍ୟାପି ଗଲାଣି। ନା ଏଥିପାଇଁ ଚଢାଉ ହେଉଛି ନା ଧରପଗଡ଼। ସ୍ଥାନୀୟ ରାଜସ୍ୱ ନିରିକ୍ଷକ ଅସାଧୁ ଇଟାଭାଟି ମାଲିକମାନଙ୍କ ସହିତ ଯୋଗାଯୋଗରେ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି। ନାଲି ଇଟା ପୋଡିବାକୁ ରାଜ୍ୟ ସରକାର ବେଆଇନ୍ ବୋଲି ଘୋଷଣା କରିଛନ୍ତି। ବେଆଇନ୍ ଇଟାଭାଟି ଦେଖାଗଲେ ତୁରନ୍ତ ତାହାକୁ ନଷ୍ଟ କରିବା ସହିତ ମୋଟା ଅଙ୍କର ଜୋରିମାନା ଆଦାୟ କରିବାକୁ ତହସିଲଦାର ମାନଙ୍କୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ମାର୍ଶାଘାଇ ତହସିଲ ଅଧୀନରେ କିନ୍ତୁ ଏହାର ପ୍ରତିଫଳନ ଦେଖିବାକୁ ମିଳୁ ନାହିଁ। ମାର୍ଶାଘାଇ ତହସିଲ ଅଧୀନ ଅନ୍ତେଇ ଗ୍ରାମ ପଞ୍ଚାୟତ ର ବାଲିଘାଇ, ବଟିରା ଗ୍ରାମ ପଞ୍ଚାୟତ ରାମଚନ୍ଦ୍ରପୁର ଏବଂ ଏହି ପଞ୍ଚାୟତ ନିକଟରେ ଥିବା ପାଇକା ନଦୀ କୂଳରେ ଥିବା ବରିପଲା ଗ୍ରାମରେ ଏବେ ଖୋଲାଖୋଲି ଭାବେ ନାଲି ଇଟା ପ୍ରସ୍ତୁତି କରି ଅହରହ ପୋଡୁଛନ୍ତି ମାଫିଆ ଏମାନଙ୍କ ମଧ୍ୟରେ ସଞ୍ଜୟ, ମହିଆ ଏବଂ କବିର ଥିବା ଜାଣିବାକୁ ମିଳିଛି। ସରକାର ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନାଲି ଇଟା ଭାଟିକୁ ବନ୍ଦ କରାଯାଇଥିବା ସତ୍ତ୍ୱେ ଏଠାରେ ନିର୍ବିଘ୍ନରେ କାର୍ଯ୍ୟ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସ୍ଥାନୀୟ ଲୋକ ମାନଙ୍କ କହିବା ଅନୁସାରେ ଇଟା ଭାଟିରୁ ଉଠୁଥିବା ଧୂଆଁ ପରିବେଶକୁ ଭୟାବହ ଭାବେ ପ୍ରଭାବିତ କରୁଛି। ଏହାର ପରିଣାମରେ ବାୟୁମଣ୍ଡଳରେ ମଧ୍ୟ ପ୍ରଦୂଷଣ ବଢ଼ିବାରୁ ଲୋକମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କୁନିକୁନି ଶିଶୁ ଓ ବୟସ୍କ ଲୋକଙ୍କର ଶ୍ୱାସ ଜନିତ ସମସ୍ୟା ଦେଖାଦେଉଛି। ଏପରି ଗୁରୁତର ପରିସ୍ଥିତି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରଶାସନ ଜାଣତରେ ମାଫିଆମାନେ ଏ ବେଆଇନ୍ କାର୍ଯ୍ୟ କରୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ତଳଠାରୁ ଉପର ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ବେଆଇନ ଇଟାଭାଟି ପୋଡ଼ା ବିଷୟରେ ଅବଗତ ଅଛନ୍ତି ହେଲେ କାର୍ଯ୍ୟାନୁଷ୍ଠାନ ନାହିଁ କି ଧରପଗଡ଼ ବି ନାହିଁ। ଯେଉଁଥିପାଇଁ ପଞ୍ଚାୟତ ବାସୀ ଗରମ ତାତିରେ ଛଟପଟ ହେଉଛନ୍ତି। ଏଠି ପ୍ରଶ୍ନ ଏତେ ସଂଖ୍ୟାରେ ବେଆଇନ ଇଟାଭାଟି ପୋଡ଼ା ଚାଲିଛି ତହସିଲଦାର ଜାଣି ପାରୁ ନାହାଁନ୍ତି କେମିତି? ଯଦି ଜାଣି ପାରୁଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି? ଅସାଧୁ ବ୍ୟବସାୟୀ ମାନଙ୍କ ସହିତ ଅଧିକାରୀ ମାନଙ୍କ ସମ୍ପୃକ୍ତି ନାହିଁ ତ?

## ୨୧ବର୍ଷ ପରେ ଫେରିଲେ ନିଖୋଜ ପୁଷ୍ପଲତା



୧୨ ବର୍ଷରେ ସରିଥିଲା ଶୁଦ୍ଧିକ୍ରିୟା

ଆଳି,୧୮।୩(ସଂଚାର ବ୍ୟୁରୋ)ଃ ଆଳି ବ୍ଲକ ଭୁଇଁପୁର ପଞ୍ଚାୟତ ମାନପୁର ଗ୍ରାମର ଫକୀର ସାମଲଙ୍କ ଧର୍ମ ପତ୍ନୀ ପୁଷ୍ପଲତା ସାମଲ ୨୧ ବର୍ଷ ତଳେ ନିଖୋଜ ହୋଇଯାଇଥିଲେ। ମଙ୍ଗଳ ବାର ଦିନ ଘରବାହୁଡ଼ା କରିଥିବା ବେଳେ ପରିବାର ଖୁସିର ଲହରୀ ଖେଳିଛି।ସୂଚନା ଅନୁଯାଇ ପୁଷ୍ପଲତା ମାନସିକ ବିକାର ଥିବା ବେଳେ ତାଙ୍କ ସ୍ୱାମୀ ଫକୀର ସାମଲ ୨୦୦୫ ମସିହାରେ ଚିକିତ୍ସା ନିମନ୍ତେ ଉତ୍ତରପ୍ରଦେଶ ଟ୍ରେନ ଯୋଗେ ଯାଇଥିବା ବେଳେ ବିହାର ମଧୁପୁର ଷ୍ଟେସନରେ ନିଖୋଜ ହୋଇଯାଇଥିଲେ। ପରେ ବହୁତ ଖୋଜା ଖୋଜି କଲା ପରେ ପୁଷ୍ପଲତାଙ୍କ କିଛି ଖବର ନମିଳିବାରୁ ଘରକୁ ଫେରି ଫକୀର ଥାନାରେ ଅଭିଯୋଗ କରିଥିଲେ ପୁରା ପରିବାର ଲୋକେ। ଅନ୍ୟ ପଟେ ୧୨ ବର୍ଷ ପରେବି ଘରକୁ ଫେରୁ ନ ଥିବାରୁ ଶେଷରେ ଓଡ଼ିଆ ରୀତି ନୀତି ଅନୁଯାଇ ତାଙ୍କର ଶୁଦ୍ଧିକ୍ରିୟା କରିଥିଲେ ପୁରା ପରିବାର। ମହାରାଷ୍ଟ୍ର ଏକ ଶ୍ରଦ୍ଧା ସେବା ସଂଗଠନ ମୁମ୍ବାଇରୁ ପୁଷ୍ପଲତାଙ୍କୁ ୪ ମାସତଳେ ଉଦ୍ଧାର କରି ଚିକିତ୍ସା କରି ତାଙ୍କୁ ନିଜ ବାପ ଘର ମାହାରକୂଳ ପରେ ଶାଶୁ ଘର ମାନପୁର ଫେରାଇ ଆଣିଛନ୍ତି। ଅନ୍ୟ ପଟେ ଏହି ଖବର ମିଳିବା ପରେ ତାଙ୍କର ବିବାହିତ ଝିଅ ବନ୍ଧୁ ବାନ୍ଧବ ତାଙ୍କ ଘରକୁ ଦେଖିବାକୁ ଆସୁଥିବା ବେଳେ ପୁରା ପରିବାର ଖୁସିର ଲହରୀ ଖେଳି ଯାଇଛି। ତାଙ୍କର ପୁତୁରା ଅକ୍ଷୟ ସାମଲ ଓ ପୁତୁରା ବୋହୁ ଗୀତାଞ୍ଜଳି ନାୟକ ଶୁଦ୍ଧିକ୍ରିୟା କରିଥିବାରୁ ପଣ୍ଡିତଙ୍କୁ ପଚାରି ପୁନର୍ବାର ନୀତି କାନ୍ତି କରିବେ ବୋଲି ସୂଚନା ଦେଇଛନ୍ତି।

### ନଳକୂପ ଅଚଳ ୮୦ ପରିବାରରେ ଜଳ ସଙ୍କଟ
## ଅନ୍ୟ ସରକାରୀ ନଳକୂପରେ ପଡୁଛି ତାଲା



ଆଳି,୧୮।୩(ସଂଚାର ବ୍ୟୁରୋ)ଃ ଗ୍ରୀଷ୍ମ ଆରମ୍ଭରୁ ଦେଖା ଦେଇଛି ଜଳ ସଙ୍କଟ। ଜଳ ଟୋପେ ପାଇଁ ରାତିରୁ ଲାଗୁଛି ଲମ୍ବା ଲାଇନ।ଗୋଟିଏ ମାତ୍ର ନଳକୂପ ଥିବାବେଳେ ତାହା ଅଚଳହୋଇ ପଡ଼ି ରହିଥିବାରୁ ପିଇବା ପାଣିରେ ଘୋର ଅଭାବ ଅଞ୍ଚଳବାସୀଙ୍କୁ ବ୍ୟଥିତ କରୁଛି। ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତ ଠାକୁରସାହିର ମହାରଣାସାହି ର ୭ ଓ ୮ ନମ୍ବର ୱାର୍ଡ ର ପାଖାପାଖି ୮୦ ପରିବାର ବସବାସ କରୁଥିବା ବେଳେ ମାତ୍ର ଗୋଟିଏ ପିଇବା ନଳକୂପ ରହିଥିଲା। ମାତ୍ର ଆଜକୁ ଦୁଇ ମାସ ହେବ ଏହି ନଳକୂପ ଅଚଳ ହୋଇପଡ଼ିଥିବାରୁ ଅଞ୍ଚଳ ବାସୀ ମାନେ ପାନୀୟ ଜଳ ର କଷ୍ଟ ଅନୁଭବ କରୁଛନ୍ତି। ସାନମଙ୍ଗ ପଞ୍ଚାୟତ ରେ ଥିବା ବସୁଧା ଜଳ ଯୋଗାଣ ସେମାନଙ୍କ ପାଇଁ ଅପହଞ୍ଚ ହୋଇରହିଛି। ଠାକୁରସାହିର ଦୂରରେ ଅନ୍ୟ ଏକ ନଳକୂପ ଥିବାବେଳେ ସେଠାକାର କିଛି ଲୋକ ନଳକୂପ କୁ ତାଲାପକାଇ କବ୍ଜା କରିଛନ୍ତି ଯାହା ଫଳରେ ନଦୀ ଓ ପୋଖରୀ ପାଣୀ ହିଁ ସେମାନଙ୍କ ପାଇଁ ସହାଭାରସା ପାଲଟିଛି। ଯାହା ଦ୍ୱାରା ପିଲା ମାନେ ଦୂଷିତ ପାଣି ପିଇ ରୋଗରେ ପଡୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ଅଧିବାସୀ ଓ ସରପଞ୍ଚ ବ୍ଲକ ଠୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଥିଲେ ସୁଦ୍ଧା କେହି ସେମାନଙ୍କ ଦୁଃଖ ଶୁଣୁନଥିବା ଅଭିଯୋଗ କରିଛନ୍ତି।

## ସ୍ଥିତାବସ୍ଥା ସତ୍ତ୍ୱେ ପୁଲିସ ଜାଣତରେ ଗୃହ ନିର୍ମାଣ ଜାରି



ଏସପିଙ୍କୁ ଫେରାଦି ହେଲେ ପରିବାର ଲୋକେ

ଡେରାବିଶ, ୧୮।୩(ସଂଚାର ବ୍ୟୁରୋ)ଃ ନିକିରାଇ ଥାନା ଅଧୀନ ନହଙ୍ଗ ପଞ୍ଚାୟତ ମାଣିପୁରା ଗ୍ରାମରେ ଏକ ଜମି ଉପରେ ସ୍ଥିତାବସ୍ଥା ଥିବା ସତ୍ତ୍ୱେ ଗୃହ ନିର୍ମାଣ କାମକୁ କେନ୍ଦ୍ର କରି ଆଜି ଜ୍ୟୋତ୍ରୀର୍ମୟୀ ସାହୁ ସ୍ୱାମୀ କୈଳାଶ ଚନ୍ଦ୍ର ସାହୁ ଏସପିଙ୍କୁ ଭେଟି ଫେରାଦି ହେବା ସହ ତାଙ୍କ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ ମାଣିପୁରା ମୌଜାର ଖାତା ନମ୍ବର ୧୨ ଓ ପ୍ଲଟ ନମ୍ବର ୩୧୦ ଏକ ଘରବାଡ଼ି ଜାଗା ଏବଂ ଖାତା ୧୮୦, ପ୍ଲଟ ୩୧୨ ଉପରେ ଏକ ରାସ୍ତା ରହିଛି। ଏହି ଜାଗାକୁ ମଡ଼ାଇ ବଂଶୀଧର ସାହୁଙ୍କ ପୁଅ ବିଶ୍ୱରଞ୍ଜନ ସାହୁ ଗୃହ ନିର୍ମାଣ କରୁଛନ୍ତି। ଏହି ପ୍ଲଟଗୁଡିକ ଉପରେ ସିଭିଲ କୋର୍ଟ ପକ୍ଷରୁ ସ୍ଥିତବସ୍ଥା ଜାରି କରାଯାଇଛି। ଏହି ସ୍ଥିତବସ୍ଥା ୨୯/୭/୨୦୨୬ପର୍ଯ୍ୟନ୍ତ ବଳବତ୍ତର ରହିଛି। କିନ୍ତୁ ଆଇନକୁ ଅମାନ୍ୟ କରି ବଂଶୀଧରଙ୍କ ପରିବାର ଲୋକେ ଘର କାର୍ଯ୍ୟ ଚାଲୁ ରଖିଛନ୍ତି। ଏଥିନେଇ ଜ୍ୟୋତିର୍ମୟୀ ନିକିରାଇ ଥାନାର ଦ୍ୱାରସ୍ତ ହେବା ସହ ଅଭିଯୋଗପତ୍ର ଦେଇଥିବା କହିଛନ୍ତି। କିନ୍ତୁ ଥାନା ପକ୍ଷରୁ ଏହି ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ କି କେଶ କରାଗଲା ନାହିଁ। ପୋଲିସର ଏହି ଟାଳଟୁଳ ନୀତି ବଂଶୀଧର ପରିବାର ବର୍ଗଙ୍କୁ ଘର କାମ କରିବାକୁ ପ୍ରୋତ୍ସାହନ ଦେଇଛି। ଯାହାକୁ ନେଇ ଜ୍ୟୋତିର୍ମୟୀ ଆଜି ଏସପି ସିଦ୍ଧାର୍ଥ କଟ୍ଟାରିୟାଙ୍କୁ ଭେଟି କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ନିବେଦନ କରିଛନ୍ତି। ଏହି ଘଟଣାକୁ ନେଇ ସମ୍ପୂର୍ଣ ଭାଙ୍ଗି ପଡ଼ିଛନ୍ତି ଜ୍ୟୋତିର୍ମୟୀ ଓ ତାଙ୍କ ସ୍ୱାମୀ କୈଳାଶ ସାହୁ। ସେ କହିଛନ୍ତି ଯେ ବଂଶୀଧରଙ୍କ ପରିବାର ଘର କାମ ଆରମ୍ଭ ହେବା ଠାରୁ ସ୍ଥିତବସ୍ଥା ନେଇ କୋର୍ଟରୁ ନିର୍ଦ୍ଦେଶ ଜାରି ହୋଇଛି। କିନ୍ତୁ ନିକିରାଇ ପୋଲିସ କାମକୁ ବନ୍ଦ କରିବ କଣ ସବୁ ଜାଣିଶୁଣି ଚୁପ ରହି ପରୋକ୍ଷରେ ଘର କାମ ପାଇଁ ପ୍ରୋତ୍ସାହ୍ନ ଦେଉଛି।

## ବାଇକ ଧକ୍କାରେ ବୃଦ୍ଧ ମୃତ, ଜଣେ ଆହତ



ସତ୍ୟବାଦୀ,୧୮।୩ (ସଂଚାର ବ୍ୟୁରୋ)ଃ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ସାତଶଂଖ ଫାଣ୍ଡି ଅନ୍ତର୍ଗତ ଯଶୁଆପୁର ଛକ ନିକଟରେ ଆଜି ସନ୍ଧ୍ୟା ପ୍ରାୟ ସାଢେ ୭ ଟା ସମୟରେ ଏକ ଦୁର୍ଘଟଣା ଘଟି ଜଣେ ବୃଦ୍ଧ ମୃତ୍ୟୁ ବରଣ କରିଛନ୍ତି। ବାଇକ ଆରୋହୀଙ୍କ ମଧ୍ୟରୁ ଜଣେ ଆହତ ହୋଇଛନ୍ତି। ଭୁବନେଶ୍ୱରରୁ ପୁରୀ ଆସୁଥିବା ଏକ ବାଇକ ଜାତୀୟ ରାଜପଥର ଯଶୁଆପୁର ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ମାନସ ଦାସ (୬୪) ଓ ଭୁବନେଶ୍ୱର ଲିଙ୍ଗି ପୁରର ଦୁର୍ଗା ଦାସ (୧୫) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଜନସାଧାରଣ ଆହତ ଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମାନସ ଦାସଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ପ୍ରିତମ ବାଘ ଘୋଷଣା କରିଛନ୍ତି। ଦୁର୍ଗା ଦାସ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ନାବାଳକ ଏବଂ ଗାଡି ଚଳେଇ ଶିଖିନଥିବା ତାଙ୍କ ବାପା କହିଛନ୍ତି। ଦୁର୍ଗାଙ୍କ ସହିତ ଥିବା ଅନ୍ୟ ସାଙ୍ଗମାନେ ତାଙ୍କୁ ଡାକ୍ତରଖାନାରେ ପହଞ୍ଚେଇବା ପରେ ଏକ ପଲସର ଗାଡି ନଂ ଓଡ଼ଠ୭ଟଠ୩୦୪ ରେ କେଉଁଆଡେ ଚାଲିଯାଇଛନ୍ତି। ଏହି ଦୁର୍ଘଟଣା ସମ୍ପର୍କରେ ସାତଶଂଖ ଫାଣ୍ଡିକୁ ସୂଚନା ପ୍ରଦାନ କରାଯାଇଅଛି ବୋଲି ସତ୍ୟବାଦୀ ଥାନା ଆଇ ଆଇ ସି ସୌମ୍ୟ ରଞ୍ଜନ ମହାଲିକ ସୂଚନା ଦେଇଛନ୍ତି। ଦୁର୍ଘଟଣା ଘଟାଇଥିବା ବାଇକକୁ ପିପିଲି ପୋଲିସ ଜବତ କରିଥିବା ସୂଚନା ମିଳିଛି।

## ତେରଗାଁ ପ୍ରାଥମିକ କୃଷି ସମବାୟ ସମିତିରୁ ଉଠିଲା ଧାନ

- ଚାଷୀମାନେ କରିଥିଲେ ପ୍ରତିବାଦ

ମହାକାଳପଡ଼ା,୧୮।୩(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେର ଗାଁ ପ୍ରାଥମିକ କୃଷି ସମବାୟ ସମିତି ଲିଃ ରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା।ତେର ଗାଁ ପ୍ରାଥମିକ କୃଷି ସମବାୟ ସମିତି ବିରୋଧରେ ଚାଷୀଙ୍କ ପ୍ରତିବାଦ। ପଡ଼ିରହିଛି ହଜାର ହଜାର କୁଇଣ୍ଟାଲ ଧାନ। ମହାକାଳପଡ଼ା, ୧୭/୩(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେର ଗାଁ ପ୍ରାଥମିକ କୃଷି ସମବାୟ ସମିତି ଲିଃ ସମ୍ମୁଖରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଚାଷୀମାନଙ୍କ ହଜାର ହଜାର କୁଇଣ୍ଟାଲ ଧାନ ଆଜି ମିଲରମାନେ ଉଠାଇଛନ୍ତି। ଟାର୍ଗେଟ ଥିବା ସତ୍ତ୍ୱେ ମିଲର ମାନେ ଚାଷୀଙ୍କ ଧାନ ଉଠାଉ ନଥିବା ଓ ସମବାୟ ସମିତି କର୍ମଚାରୀ ଚାଷୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ଆଣି ଚାଷୀମାନେ ଗତକାଲି ନାରାବାଜି କରି ଦୁଇ ଦିନ ମଧ୍ୟରେ ଧାନ ନଉଠିଲେ ଧାନ ବସ୍ତାରେ ନିଆଁ ଲଗାଇ ଦେବାକୁ କହିଥିଲେ। ଘଟଣା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସହିତ ଯୋଗାଯୋଗ କରିବାରୁ ମିଲର ମାନଙ୍କୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ଟାର୍ଗେଟ ଅନୁଯାୟୀ ପର୍ଯ୍ୟାୟକ୍ରମେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି ସେ କହିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମ ଓ ଖବରକାଗଜରେ ପ୍ରକାଶ ପାଇବା ପରେ ଆଜି ମିଲର ମାନେ ଚାଷୀଙ୍କ ଧାନ ଉଠାଇଥିବା ଦେଖିବାକୁ ମିଳିଛି।

## ପଞ୍ଚାୟତ ହାଇସ୍କୁଲରେ ବିଜ୍ଞାନ ଓ ଗଣିତ ବୃତ୍ତି ପ୍ରଦର୍ଶନୀ



କେନ୍ଦ୍ରାପଡ଼ା, ୧୮।୩(ସଂଚାର ବ୍ୟୁରୋ)ଃ 'ଅନୁସନ୍ଧିତ୍ସୁ ହେଲେ ହିଁ ବିଜ୍ଞାନରେ ଉନ୍ନତି ସମ୍ଭବ' ପିଏମଶ୍ରୀ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନ ଓ ଗଣିତ ବୃତ୍ତି ପ୍ରଦର୍ଶନୀରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଓ ବରିଷ୍ଠ ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧ୍ୟାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଚିରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ବାଳିକା ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ଟିଟିକାନ୍ତ ନାୟକ, ତରାଣ୍ଡୋ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପ୍ରଧାନ ଓ ସୁଶ୍ରୀ ସରିତା ବେହେରା, ପସଖା ଶିକ୍ଷା ସେତୁ ଅଧ୍ୟକ୍ଷ ରଞ୍ଜିତ ପ୍ରସାଦ ଜେନା, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷା ମଧୁସ୍ମିତା ନାୟକ, ଯୁବ ସାମ୍ବାଦିକ ମଳୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଉପରେ ଆଲୋଚନା କରିଥିଲେ।

## ଦୁର୍ଘଟଣାରେ ବ୍ୟବସାୟୀ ଗୁରୁତର

ରାଜନଗର,୧୮।୩(ସଂଚାର ବ୍ୟୁରୋ)ଃ ରାଜନଗର ତାଳଚୁଆ ରାସ୍ତାରେ ଆଜି ଭୋରୁ ଏକ ଅଟୋ ଧକ୍କାରେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ଆଜି ଭୋର ପ୍ରାୟ ୫ ଘଟିକା ସମୟରେ ମହୁଲିଆ ପଞ୍ଚାୟତ କଣି ଗାଁର ସୁରେଶ ସ୍ୱାଇଁ ରାସ୍ତା ପାଖ ବିଲ ନିକଟକୁ ଗାଈ ପାଇଁ କୁଟା ନେବାକୁ ଆସିଥିଲେ। ରାସ୍ତା କଡରେ ଗାଡି ରଖୁଥିବା ସମୟରେ ତାଳଚୁଆ ପଟୁ ଆସୁଥିବା ଓଡି ୨୯ ଜେ ୮୦୮୧ ନମ୍ବର ଡାଲା ଅଟୋ ମୋଟର ସାଇକେଲକୁ ପଛପଟୁ ପିଟିଥିଲା। ଅଟୋଟି ଏତେ ଦ୍ରୁତ ଗତିରେ ଆସୁଥିଲା ମୋଟର ସାଇକେଲ ସହିତ ସୁରେଶ ୧୦୦ ଫୁଟ ଛିଟିକି ପଡ଼ିଥିଲେ।

### ନାବାଳିକା ଦୁଷ୍କର୍ମ ମାମଲା
## ଆସାମୀକୁ ୨୦ବର୍ଷ ଜେଲଦଣ୍ଡ

କେନ୍ଦ୍ରାପଡ଼ା, ୧୮।୩(ସଂଚାର ବ୍ୟୁରୋ)ଃ ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ ଆସାମୀ ପିତାମ୍ବର ମଳିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜେଲ ଦଣ୍ଡ ସହ ଆସାମୀକୁ ୫୦ ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଅର୍ଥ ଅନାଦେୟ ଅଭିଯୁକ୍ତ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୨୪ ମସିହା ଜାନୁୟାରୀ ୨୯ ତାରିଖରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ଜଣେ ନାବାଳିକା ଘର ନିକଟରେ ବାସନ ମାଜୁଥିବା ବେଳେ ପିତାମ୍ବର ମଳିକ ନାବାଳିକାଙ୍କ ମୁହଁରେ ଏକ ଗାମୁଛା ଦେଇ ତାଙ୍କୁ ଅପହରଣ କରି ନେଇଥିଲେ। ଏକ ବାଉଁଶ ବୁଦା ମୂଳରେ ତାଙ୍କୁ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣକ ଏ କଥା କାହାକୁ କହିଲେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା। ଫଳରେ ନାବାଳିକା ଜଣକ ଭୟରେ କାହାକୁ ଏ କଥା କହି ନଥିଲେ। ହେଲେ କିଛି ଦିନ ପରେ ତାଙ୍କ ବ୍ୟବହାରରେ ପରିର୍ବନ ହେବା ଦେଖି ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା।

# ଅଜଣା ଫୋନ କଲରେ ଗର୍ଭବତୀଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ୍

ପଟ୍ଟାମୁଣ୍ଡାଇ,୧୮।୩(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଅଜଣା ନମ୍ବରରୁ ଫୋନ କଲ ଆସି ଜନୈକା ଗର୍ଭବତୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ ଥରରେ ୧୮, ୪୦୦ ଟଙ୍କା ଉଭାନ ହୋଇଯାଇଥିବା ଭଳି ଚାଞ୍ଚଲ୍ୟ କର ଖବର ମିଳିଛି। ଏହି ଘଟଣାରେ ସ୍ଥାନୀୟ ଆଶା କର୍ମୀଙ୍କ ସଂପୃକ୍ତି ଥିବା ସନ୍ଦେହ କରି ସଂପୃକ୍ତା ମହିଳାଙ୍କ ସ୍ୱାମୀ ପଟ୍ଟାମୁଣ୍ଡାଇ ଗ୍ରାମାଚଂଳ ଥାନରେ ଏତଲା ଦେଇଛନ୍ତି। ଏହିଭଳି ଘଟଣା ବଳଭଦ୍ରପୁର ପଞ୍ଚାୟତରେ ଥିବା ଅନ୍ୟ ମହିଳାମାନଙ୍କ କ୍ଷେତ୍ରରେ ଘଟିଥିବା ଚର୍ଚ୍ଚା ଚାଲିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ହୋଇଥିବା ଏତଲା ଅନୁଯାୟୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ଶ୍ରୀକାନ୍ତ କୁମାର ଦାସଙ୍କ ପତ୍ନୀ ମିନତୀ ଦାସ ଗର୍ଭବତୀ ଥିବାରୁ ୬ ଦିନ ତଳେ ତାଙ୍କୁ ପଟ୍ଟାମୁଣ୍ଡାଇ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମିନତୀଙ୍କର ଏକ କନ୍ୟା ସନ୍ତାନ ଜନ୍ମଲାଭ କରିଥିଲା। ତେବେ ଗତ୧୬ ତାରିଖ ଦିବା ୪ଟା ୪୫ ମିନିଟ ସମୟରେ ଏକ ଅଜଣା ଫୋନ ନମ୍ବର୭୨୬୧୦୮୯୩୯୪ରୁ ଗର୍ଭବତୀ ମହିଳା ମିନତୀଙ୍କ ଫୋନକୁ କଲ ଆସିଥିଲା ଓ ମିନତୀ ଫୋନ ଉଠାବାରୁ ଫୋନ କରିଥିବା ଅଜଣା ବ୍ୟକ୍ତି ଜଣଙ୍କ କହିଲେ ଆମେ ଅଙ୍ଗନୱାଡି ମୁଖ୍ୟ କାର୍ଯ୍ୟାଳୟରୁ କହୁଛୁ ତୁମ ଅଙ୍ଗନୱାଡିର ଆଶାଦିଦିଙ୍କୁ ଲାଇନକୁ ଆଣୁଛୁ ତୁମେ କଥା ହେବ। ଏହାପରେ ମିନତୀ ଆଶାଦିଦିଙ୍କ ସହିତ ଫୋନ ଯୋଗେ କଥାବାର୍ତା ହେବାରୁ ସ୍ଥାନୀୟ ଆଶା ଦିଦି ମିନତୀଙ୍କୁ କହିଲେ ଆମ ହେଡ ଅଫିସରୁ ବଡ ସାର କଥା ହେଉଛନ୍ତି। ସେ ଯାହା ପଚାରିବେ ଓ କହିବେ ତୁମେ କରିବ ବୋଲି ଆଶା ଦିଦି ଜଣକ ମିନତୀଙ୍କୁ କହିଥିଲେ। ଏହାପରେ ବଡସାର କୁହାଯାଉଥିବା ଅଜଣା ବ୍ୟକ୍ତି ଜଣକ ମିନତୀଙ୍କ ଫୋନକୁ ହାଏ କରିଥିଲେ। ହ୍ୱାଟସ୍ପରେ କଥା ହୋଇ ଏକ ଲିଙ୍କ ପଠାଇ ଓକେ କରିବାକୁ କହିଥିଲେ। ଏହି ଲିଙ୍କକୁ ଓକେ କଲେ ତୁମ ଆକାଉଣ୍ଟ ନମ୍ବର ୬୪୨୨୨୫୬୦୨୦କୁ ଗର୍ଭବତୀ ସହାୟତା ୯, ୬୦୦ଟଙ୍କା ଆସିବ ବୋଲି କହି ଫୋନ କାଟି ଦେଇଥିଲେ।

## ମାର୍ଶାଘାଇ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ



ମାର୍ଶାଘାଇ,୧୮।୩(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ଇଂଲିସ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମବାୟବିତ ତଥା କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ଅତିଥି ଭାବେ ଯୋଗଦେଇ ମାର୍ଶାଘାଇ ଅଞ୍ଚଳରେ ଗରିବ ପିଲାମାନଙ୍କୁ ଅଳ୍ପ ଖର୍ଚ୍ଚରେ ଇଂରାଜୀ ମାଧ୍ୟମରେ ଶିକ୍ଷା ଦେବା ବ୍ୟବସ୍ଥା କରିଥିବାରୁ ସ୍କୁଲରପ୍ରଶଂସା କରିଥିଲେ। ପୁଚି ଖେଳ ଏବଂ ଏକ ନୃତ୍ୟରେ ସୁନ୍ଦର ପରିବେଷଣ କରିଥିବା ଦୁଇଟି ଛାତ୍ରଛାତ୍ରୀ ଗ୍ରୁପଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ କ୍ରେଡିଟ କୋ ଅପରେଟିଭ ସୋସାଇଟି ଗ୍ରହଣ କରିବା ସହିତ ବାର୍ଷିକ ୨୫ ହଜାର ଟଙ୍କର ସହାୟତା ପ୍ରଦାନ କରିବେ ଶ୍ରୀ ସାହୁ ଘୋଷଣା କରିଥିଲେ। ମାର୍ଶାଘାଇ ସବ ରେଜିଷ୍ଟରଅଫିସର ମନୋଜ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଜନ ସିଂ ପ୍ରମୁଖ ମଂଚାସୀନ ଥିଲେ। ସ୍କୁଲର ପ୍ରିନ୍ସିପାଲ ଇ.ଏମି.ରାଜପ୍ରେମା ସଭାରେ ସଭାପତିତ୍ୱ କରିଥିଲେ ଏବଂ ଭାଇସ ପ୍ରିନ୍ସିପାଲ ବିଚିତ୍ରାରେଖା ମହାନ୍ତି ଅତିଥିପରିଚୟ ପ୍ରଦାନ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।



# ଓଡ଼ିଶା 'ଧାନ କ୍ରୟ ମଡେଲ' ଅନୁଧ୍ୟାନ କଲେ ଛତିଶଗଡ଼ ପ୍ରତିନିଧି ଦଳ

ଭୁବନେଶ୍ୱର, ୧୮।୩ (ସଂଚାର ବ୍ୟୁରୋ): ଛତିଶଗଡ଼ର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଆଜି ଲୋକସେବା ଭବନସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଭାଗର ଅତିରିକ୍ତ ସଚିବ ସୁଦାମ ଚରଣ ମଣ୍ଡଳ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଯୋଗାଣ ବିଭାଗର ସାଧାରଣ ପରିଚାଳକ (ସଂଗ୍ରହଣ) ଏଲୋରା ସାମଲ, ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଉପସଚିବ ସରୋଜ କୁମାର ପଣ୍ଡା ଉପସ୍ଥିତ ରହି ବିଭାଗର ବିଭିନ୍ନ ଯୋଜନା ଓ ଡିଜିଟାଲ ପ୍ରକ୍ରିୟା ବିଷୟରେ ଛତିଶଗଡ଼ ପ୍ରତିନିଧି ଦଳଙ୍କୁ ଅବଗତ କରାଇଛନ୍ତି। ପ୍ରତିନିଧି ଦଳରେ ଛତିଶଗଡ଼ ୱେୟାରହାଉସ୍ କର୍ପୋରେସନ୍‌ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଟିକରିହା, ଛତିଶଗଡ଼ ଖାଦ୍ୟ ଓ ନାଗରିକ ଯୋଗାଣ ଓ ଗ୍ରାହକ ସଂରକ୍ଷଣ ବିଭାଗ ଉପସଚିବ ବିଭୋର ଅଗ୍ରୱାଲଙ୍କ ସହ ଛତିଶଗଡ଼ ବିପଣନ ସଂଘର ଦୁଇ ଜଣ ବିଶେଷଜ୍ଞ ରହିଥିଲେ। ସାଟେଲାଇଟ୍ ଡାଟା ସହ କ୍ଷେତ୍ରସ୍ତରୀୟ ଯାଞ୍ଚର ସମନ୍ୱୟ, 'ଟୋକନ୍' ପ୍ରଦାନ ପ୍ରକ୍ରିୟାର କାର୍ଯ୍ୟକାରିତା, ଆଧାର ଇ-କେୱାଇସିଭିତ୍ତିକ ଚାଷୀ ପଞ୍ଜିକରଣ, ସମୟଭିତ୍ତିକ ସ୍ୱୟଂଚାଳିତକରଣ, ଭୂଲେଖ ସହ ସଂଯୋଗ, ଆଇଆରଏସ୍ ସ୍କାନ ମାଧ୍ୟମରେ କ୍ରୟ, ଏସ୍‌ଏମ୍‌ଏସ୍‌ଭିତ୍ତିକ ସୂଚନା, ଇ-ବାହନ ସହ ସଂଯୋଗ, ଧାନ ସଂଗ୍ରହର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଡିଜିଟାଲ ପଦ୍ଧତିରେ ଅର୍ଥ ପ୍ରଦାନ ଆଦି ବିଷୟରେ ଛତିଶଗଡ଼ ପ୍ରତିନିଧି ଦଳ ଅବଗତ ହୋଇଛନ୍ତି। ଓଡ଼ିଶାର ଏହି 'ଡିଜିଟାଲ୍ ସେଫଗାର୍ଡ' ବ୍ୟବସ୍ଥା ଆଗାମୀ ଦିନରେ ଛତିଶଗଡ଼ରେ ମଧ୍ୟ ଲାଗୁ କରାଯାଇ ସେଠାକାର ଧାନ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ସହ ସରକାରୀ ପାଣ୍ଠିର ଦୁରୁପଯୋଗକୁ ରୋକାଯାଇପାରିବ ବୋଲି ପ୍ରତିନିଧି ଦଳ ଆଶା ବ୍ୟକ୍ତ କରିଛନ୍ତି।

### ବିଧାୟକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟରେ ସମୀକ୍ଷା

# ଜୁନ୍ ୩୦ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ

- ବିଧାୟକ ଓ ବରିଷ୍ଠ ଅଧିକାରୀଙ୍କ ପାଇଁ ୩୦୦ ଫ୍ଲାଟ୍‌ର ବ୍ୟବସ୍ଥା
- ସବୁଜ ବଳୟ ସୃଷ୍ଟି ପାଇଁ ଯୋଜନା
- ନିର୍ମାଣ ହେବ ୫୦ କୋଠରୀ ବିଶିଷ୍ଟ କ୍ଲବ୍ ହାଉସ୍
- ଜଳ ସଂରକ୍ଷଣ ଓ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ) :ରାଜଧାନୀ ଭୁବନେଶ୍ୱରରେ ନିର୍ମାଣାଧୀନ ବିଧାୟକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ ଅଗ୍ରଗତି ନେଇ ଆଜି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଞ୍ଚଳ ଗସ୍ତ କରିବା ସହ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ ସମ୍ପୂର୍ଣ୍ଣ ଅଞ୍ଚଳ ବୁଲି ଦେଖିବା ସହ ବାକିଥିବା କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇନେବା ପାଇଁ ବରିଷ୍ଠ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ୬ଟି ଟାୱାରବିଶିଷ୍ଟ ଏହି ଆବାସିକ କମ୍ପ୍ଲେକ୍ସରେ ମୋଟ ୩୦୦ଟି ଫ୍ଲାଟ ରହିଛି। ସେଥିମଧ୍ୟରୁ ୧୦୫ଟି ଟାଇପ୍ ୭ ଫ୍ଲାଟ୍ ରହିଥିବା ବେଳେ ୧୯୫ଟି ଟାଇପ୍ ୬ ଫ୍ଲାଟ୍‌ର ବ୍ୟବସ୍ଥା ରହିଛି। କମ୍ପ୍ଲେକ୍ସରେ ୧୩୦ ଜଣ ବିଧାୟକ ଓ ୧୭୦ ଜଣ ବରିଷ୍ଠ ଅଧିକାରୀ ରହିବା ଭଳି ବ୍ୟବସ୍ଥା ରହିବ। ଏଥିସହ ପରିସରରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ଭୂତଳ ଜଳ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହ ପରସରକୁ ସବୁଜ ବଳୟରେ ପରିଣତ କରବା ପାଇଁ ବଡ଼ ବଡ଼ ଉପାଦେୟ ଗଛ ଲଗାଯିବ। ସେହିଭଳି ଅତିଥିମାନଙ୍କ ପାଇଁ ୫୦ କୋଠରୀ ବିଶିଷ୍ଟ ଏକ କ୍ଲବ୍ ହାଉସ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା।

ବୈଠକରେ ବିଧାୟକ ବାବୁ ସିଂ, ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ଠିକା ସଂସ୍ଥାର ଅଧିକାରୀ ଉପସ୍ଥିତ ଥିଲେ।

### ମନ୍ଦିରରୁ ଚୋରି ମାମଲା: ୧୮ ଦିନରେ ବିଚାର ଶେଷ

# ଅଭିଯୁକ୍ତକୁ ୨ ବର୍ଷ ଜେଲ୍‌ଦଣ୍ଡାଦେଶ

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ଏକ ମନ୍ଦିର ମୂର୍ତ୍ତି ଚୋରି ମାମଲାରେ ଦ୍ରୁତ ବିଚାର କରି ସମ୍ବଲପୁର ଜିଲ୍ଲାର ସମ୍ବଲପୁର ଏସ୍‌ଡିଜେଏମ୍ ଅଦାଲତ ଅଭିଯୁକ୍ତ ରଜନୀକାନ୍ତ ଭୋଇଁଲ ଓରଫ ମୋନୁକୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୩୧(୩)/୩୦୫(ଡି) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାକୁ ଅଦାଲତ ୨ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧ ହଜାର ଟଙ୍କାର ଜରିମାନା ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମାତ୍ର ୧୮ ଦିନ ମଧ୍ୟରେ ତଦନ୍ତରୁ ଦଣ୍ଡାଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ ହେବା ଭାରତୀୟ ନୂତନ ଆଇନର ସଫଳ କାର୍ଯ୍ୟକାରିତାର ଏକ ଉଲ୍ଲେଖନୀୟ ଉଦାହରଣ ବୋଲି କୁହାଯାଉଛି। ମାମଲାର ବିବରଣୀ ଅନୁଯାୟୀ, ଗତ ମାସ ୧୭ ତାରିଖରେ ସମ୍ବଲପୁର ଟାଉନ୍ ଥାନା ଅଧୀନସ୍ଥ ସୋମନାଥ ବାବା ମନ୍ଦିର, ବାଲିବନ୍ଧୁ ପାଡ଼ା ୨ କିଲୋ ଓଜନର ପିତଳ ଗଣେଶ ମୂର୍ତ୍ତି ଚୋରି ହୋଇଥିବା ନେଇ ମନ୍ଦିର ଟ୍ରଷ୍ଟି ଲୋକନାଥ ପାଣ୍ଡେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସମ୍ବଲପୁର ପୁଲିସ ତ୍ୱରିତ ତଦନ୍ତ କରି ୨୦ ଫେବୃଆରୀରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ମୂର୍ତ୍ତିକୁ ଉଦ୍ଧାର କରିଥିଲେ। ମାତ୍ର ୧୧ ଦିନ ମଧ୍ୟରେ ଅର୍ଥାତ ୨୭ ଫେବୃଆରୀରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ସମ୍ବଲପୁର ପୁଲିସର ଏହି ସଫଳତା ପାଇଁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମ୍ବଲପୁର ଏସପି ଓ ତଦନ୍ତକାରୀ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହୁତୁହୁତୁ ହୋଇ ଜଳିଗଲା ଟ୍ରକ୍



ବାଂଶପାଳ, ୧୮।୩ (ସଂଚାର ବ୍ୟୁରୋ) : ଛିଡ଼ା ହୋଇଥିବା ଟ୍ରକ୍ ହୁ ହୁ ହୋଇ ଜଳିଲା । ହଠାତ୍ ନିଆଁ ଲାଗି ଜଳିଗଲା ଟ୍ରକ୍। କେନ୍ଦୁଝର ଶୁଆକାଟୀ ଫାଣ୍ଡି ଅଞ୍ଚଳରେ ଛିଡ଼ା ହୋଇଥିବା ଏକ ଟ୍ରକରେ ହଠାତ୍ ନିଆଁ ଲାଗିଯାଇଥିଲା । ସେଠାରେ ନିୟୋଜିତ ସୁରକ୍ଷା ଅଧିକାରୀ ଟ୍ରକ୍ ରେ ନିଆଁ ଲାଗିଯିବା ଦେଖି ବାଂଶପାଳ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତେବେ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ଟ୍ରକ୍ ସମ୍ପୂର୍ଣ୍ଣ ଜଳି ଯାଇଥିଲା । ସର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ।

# ଛାଡ଼ପତ୍ର ନେବାକୁ ଆସିଥିବା ସ୍ତ୍ରୀକୁ ସ୍ୱାମୀ କଲେ ଲହୁଲୁହାଣ



ବାଲେଶ୍ୱର, ୧୮।୩ (ସଂଚାର ବ୍ୟୁରୋ) : ବିବାହ ବିଚ୍ଛେଦ ପାଇଁ ଫ୍ୟାମିଲି କୋର୍ଟକୁ ଆସିଥିଲେ ସ୍ତ୍ରୀ। ମାତ୍ର ଘରକୁ ଯିବା ରାସ୍ତାରେ ମାଡ଼ଖାଇ ମେଡିକାଲ ଯାଇଛନ୍ତି ସ୍ତ୍ରୀ। ଖବର ପାଇ ପୋଲିସ ସ୍ୱାମୀ ପ୍ରତାପଙ୍କୁ ଉଠାଇ ନେଇ ତଦନ୍ତ ଜାରି ରଖିଛି। ସ୍ତ୍ରୀଙ୍କୁ ବାଉଁଶ ଠେଙ୍ଗାରେ ମାରି ଲହୁଲୁହାଣ କରିଦେଇଛନ୍ତି ସ୍ୱାମୀ। ବାଲେଶ୍ୱର ସଦର ବ୍ଲକ ଛାନୁଆ ଅଞ୍ଚଳର ପ୍ରତାପ ଜେନା ନାମକ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ସହିତ ବିବାହ ବିଚ୍ଛେଦ ମାମଲା ବାଲେଶ୍ୱର ପରିବାର ଅଦାଲତରେ ଚାଲିଥିଲା। ଏନେଇ ବୁଧବାର କାଉନସେଲିଂ ପାଇଁ କୋର୍ଟ ପକ୍ଷରୁ ଡକାଯାଇଥିଲା। ତେବେ କାଉନସେଲିଂ ପରେ ଫେରିବା ବେଳେ ଅତର୍କିତ ଭାବରେ ସ୍ତ୍ରୀ ଅନିମାଙ୍କ ଉପରେ ଆକ୍ରମଣ କରିଥିଲେ ସ୍ୱାମୀ ପ୍ରତାପ। ଏକ ବାଉଁଶ ଠେଙ୍ଗା ଆଣି ସ୍ତ୍ରୀଙ୍କ ଦୁଇ ଗୋଡ଼ରେ ମାଡ଼ ପରେ ମାଡ଼ ମାରି ଚାଲିଥିଲେ। ସ୍ଥାନୀୟ ଲୋକେ ଅନିମାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି।



# କଟକ ଜିଲ୍ଲା କଂଗ୍ରେସର ବିଚାରବିମର୍ଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ନିଲମ୍ବନ ଓ କଟକ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରାଙ୍କୁ କଂଗ୍ରେସ ବହିଷ୍କାର କରିବା ପରିପ୍ରେକ୍ଷୀରେ କଟକ କଂଗ୍ରେସ ଦଳ ପକ୍ଷରୁ ସାଙ୍ଗଠନିକ ତତ୍ପରତା ପ୍ରକାଶ ପାଇଛି। ଆଜି କଂଗ୍ରେସ ଭବନରେ କଟକ ଜିଲ୍ଲା ପାଇଁ ନୂତନ ସଭାପତି ନିଯୁକ୍ତି ତଥା ସମସ୍ତ ସାଙ୍ଗଠନିକ ଗଠନକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଭାପତିତ୍ୱ ଏକ ବିଚାରବିମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ସଭାରେ କଟକ ଜିଲ୍ଲାର ସମସ୍ତ ନେତା ଓ କର୍ମକର୍ତ୍ତା ବାରବାଟୀ ବିଧାୟିକା ଏବଂ ଜିଲ୍ଲା ସଭାନେତ୍ରୀଙ୍କ ଦଳବିରୋଧୀ କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ସଭାପତିଙ୍କ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଥିଲେ। ସାଙ୍ଗଠନିକ ପୁନର୍ଗଠନ ନିମନ୍ତେ ସଭାପତି ଶ୍ରୀ ଦାସ ସମସ୍ତଙ୍କ ମତାମତ ଓ ପ୍ରସ୍ତାବ ଲୋଡ଼ିଥିଲେ ଏବଂ କଟକ କଂଗ୍ରେସ ଯେପରି ରାଜ୍ୟରେ ଉଦାହରଣ ସୃଷ୍ଟି କରିବ ସେ ଦିଗରେ କାମ କରିବା ସକାଶେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ସାଙ୍ଗଠନିକ କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ସୁରେଶ ମହାପାତ୍ର, ରବୀନ୍ଦ୍ର ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ମାନସ ଚୌଧୁରୀ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ବିଶ୍ୱଜିତ ଦାସ, ବିପ୍ଳବ ଶିଳାଦିତ୍ୟ, ଶିବ କୁମାର ଅଗ୍ରୱାଲ, ଅଶୋକ କୁମାର ସ୍ୱାଇଁ, ଜଗନ୍ନାଥ ସାହୁ, ହରିଶଙ୍କର ରାଉତ, ବିଶ୍ୱଜିତ ମହାନ୍ତି, ମାନସ ପରିଡ଼ା, ଉତ୍ତମ ଚନ୍ଦ୍ର ବେହେରା, ଅଜୟ ଦାସ, ବିପିନ ପଣ୍ଡାୟତ, ଉମାକାନ୍ତ ସାହୁ, ଦିଲ୍ଲୀପ ମହାନ୍ତି ଯୋଗଦେଇଥିଲେ।

# ସୁଦର୍ଶନ ପଟ୍ଟନାୟକ ଜନଗଣନାର ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ଆଗାମୀ ଏପ୍ରିଲ ୧୬ରୁ ଆରମ୍ଭ ହେବାକୁ ଯାଉଛି ଜନଗଣନା। ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଓ ଗୃହ ତାଲିକା ପ୍ରସ୍ତୁତି କରାଯିବ। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଗଣନା କରାଯିବ। ଡିଜିଟାଲ ଭାବେ ହେବ ଜନଗଣନା। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ଓ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ଏହା ଆୟୋଜିତ ହେଉଛି। ଏନେଇ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ଜନଗଣନା କାର୍ଯ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜନଗଣନା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ।



- ଜନଗଣନା ପୂର୍ବରୁ ସ୍ୱ-ଗଣନା ବ୍ୟବସ୍ଥା
- ରାଜସ୍ୱ ବିଭାଗ ନୋଡାଲ ଏଜେନ୍ସି

ଏହି କାର୍ଯ୍ୟକ୍ରମରେ ଏପ୍ରିଲ ୧୬ରୁ ମେ' ୧୫ ତାରିଖ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏଥିରେ ନିୟୋଜିତ ହେବେ ୧ ଲକ୍ଷ ୮୭୫ ଗଣନାକାରୀ ଓ ୧୭ ହଜାର ୨୮୨ ସୁପରଭାଇଜର। ଏହା ପୂର୍ବରୁ ଏପ୍ରିଲ ୧ରୁ ଏପ୍ରିଲ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି। ଏହି କାର୍ଯ୍ୟକ୍ରମରେ ସେଲ୍ଫ ଏନୁମିରେସନ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରିପାରିବେ। ଏହି ଗୃହ ଗଣନା ଓ ଗୃହ ତାଲିକା ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ସକାଶେ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ୬୭ ଜଣ ମାଷ୍ଟର ଟ୍ରେନର ତାଲିମ ଗ୍ରହଣ କରିଛନ୍ତି ।

ଏହି ତାଲିମପ୍ରାପ୍ତ ମାଷ୍ଟର ଟ୍ରେନରମାନେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୫୫୨ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ଏହି କ୍ଷେତ୍ର ପ୍ରଶିକ୍ଷକମାନେ ରାଜ୍ୟର ୩୦ଟି ଜିଲ୍ଲାରେ ୯୧ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ୪୮ଟି ପୌରପାଳିକା, ୫ଟି ମହାନଗର ନିଗମ ଓ ୨ଟି ଇଣ୍ଡଷ୍ଟ୍ରିଆଲ ଟାଉନର ୧ ଲକ୍ଷ ୮୭୫ ଗଣନାକାରୀ, ୧୭ ହଜାର ୨୮୨ ସୁପରଭାଇଜରଙ୍କୁ ଗତ ୧୫ରୁ ପ୍ରଶିକ୍ଷଣ ଦେଉଛନ୍ତି। ଡିଜିଟାଲ୍ ତଥା ମୋବାଇଲ ଆପ ମାଧ୍ୟମରେ ଗୃହଗଣନା ଏବଂ ଗୃହତାଲିକା କାର୍ଯ୍ୟକ୍ରମ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଅନୁଷ୍ଠିତ ହେବ। ଜନଗଣନାର ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ସକାଶେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରୁଛି।

# ସ୍ୱେଚ୍ଛାକୃତ ରକ୍ତଦାତା ସମ୍ମାନ ସମାରୋହ

### ରକ୍ତଦାନ ପାଇଁ ଆଗେଇ ଆସିବାକୁ ଯୁବକମାନଙ୍କୁ ଆହ୍ୱାନ

ବାଲିଚନ୍ଦ୍ରପୁର,୧୮।୩(ସଂଚାର ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ବଡ଼ଚଣା ବ୍ଲକ ଓଳାଶୁଣୀର ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପାଦୁକା ଆଶ୍ରମ ବନ୍ଦରେଶ୍ୱର ଶୁଖୁଆପଡ଼ା ତଳମଠଠାରେ ଆୟୋଜିତ ରକ୍ତଦାନ ଶିବିରର ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ରେଡକ୍ରସ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଛି। ଯୁବକମାନଙ୍କର ଏହି କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସ୍ମାରକୀପୀଠ ବାଲିପଡ଼ିଆ ଠକ୍କରବାପା ଆଶ୍ରମଠାରେ ଆୟୋଜିତ ଏକ ସମାରୋହରେ ପୂର୍ବତନ ବିଧାୟକ ତଥା ପୂର୍ବତନ ସାଂସଦ ଓ 'ସମ୍ବାଦ'ର ପ୍ରତିଷ୍ଠାତା ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଅତିଥି ଭାବେ ଯୋଗ ଦେଇ ଏହି ପ୍ରମାଣପତ୍ର ପ୍ରଦାନ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଛନ୍ତି।

ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ, ସଂଗ୍ରାମୀ ଏକାଡେମୀ ବନ୍ଦରେଶ୍ୱର ଓ ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ମାନଧାତା ସ୍ମୃତି ପରିଷଦ ବିକ୍ରମତିରଣ ପକ୍ଷରୁ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗତ ୧୩ ତାରିଖରେ ଆୟୋଜିତ ହୋଇଥିଲା। ଭାରତୀୟ ରିଜର୍ଭ ପୁଲିସ କମାଣ୍ଡୋ ମାନସ ସାମଲ ଏହାକୁ ଉଦଘାଟନ କରିଥିଲେ। ପ୍ରାୟ ୩୫ ଜଣ ଯୁବକ ରକ୍ତଦାନ କରିଥିଲେ। ଗତ ରବିବାର ଠକ୍କରବାପା ଆଶ୍ରମରେ ଆୟୋଜିତ ସମ୍ମାନ ସମାରୋହରେ ପ୍ରଥମେ ଅତିଥିମାନେ ଜାତିର ପିତା ମହାତ୍ମା ଗାନ୍ଧି ଓ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଫଳକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ୱେଚ୍ଛାକୃତ ରକ୍ତଦାତା ନରେଶ ପ୍ରଧାନ, ରାଜା ମହାନ୍ତି, ବିଶ୍ୱରଞ୍ଜନ ଦାଶ, ଶକ୍ତିମୟ ସାହୁ, ନିରଞ୍ଜନ ବେହେରା, ରଶ୍ମୀ ରଞ୍ଜନ ଦାଶ, ଅଶୋକ ମଲ୍ଲିକ, ସତ୍ୟରଞ୍ଜନ ସାମଲ, ପ୍ରିୟଜ୍ୟୋତି ମହାପାତ୍ର, ରାଧୁ ସାହୁଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ଯାଜପୁର ଜିଲ୍ଲା ସଭାପତି ଶ୍ରୀକାନ୍ତ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ବଡ଼ଚଣା ବିଡିଓ ରବୀନ୍ଦ୍ର ନାଥ ପ୍ରଧାନ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ବାଲିପଡ଼ିଆ ଯୁବକ ସଂଘ ସମ୍ପାଦକ ସୁବାସ ତ୍ରିପାଠୀ, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଚନ୍ଦ୍ରକାନ୍ତ ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା କବି ଭକ୍ତ ଚରଣ ସାହୁ, ବେତାର କଣ୍ଠଶିଳ୍ପୀ ଅଜୟ କୁମାର ଜେନା, ସାମ୍ବାଦିକ ତଥା ସାହିତ୍ୟ ଦର୍ପଣର ସମ୍ପାଦକ ବିମଳ ପତି, ସାମ୍ବାଦିକ ସମରେନ୍ଦ୍ର ମହଲା, ହେମନ୍ତ ଦାଶ, ପ୍ରଭାସ କୁମାର ଦାଶ, ମହେଶ୍ୱର ରାଉତ, ଶଶୀଭୂଷଣ ସାହୁ, ଜଗନ୍ନାଥ ପାଢ଼ୀ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ସମାଜସେବୀ ଚିତ୍ତରଞ୍ଜନ ତ୍ରିପାଠୀ, ସୁବ୍ରତ ସାମଲ ଓ ହିମାଂଶୁ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



# ପ୍ରାଥମିକ ଶିକ୍ଷା ହିଁ ଛାତ୍ରଛାତ୍ରୀଙ୍କ ମୂଳଦୁଆ ପକାଇଥାଏ



- ମଦର୍ ପ୍ରି-ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ପ୍ରାଥମିକ ଶିକ୍ଷା ହିଁ ଛାତ୍ରଛାତ୍ରୀଙ୍କ ମୂଳଦୁଆ ପକାଇଥାଏ। ଏହି ପର୍ଯ୍ୟାୟରେ ପିଲାମାନେ ସଂସ୍କାର ଶିଖିଥାଆନ୍ତି, ଯାହା ସେମାନଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥାଏ ଏବଂ ବ୍ୟକ୍ତିତ୍ୱକୁ ବିକଶିତ କରିଥାଏ। ତେଣୁ ଏହି ପ୍ରାଥମିକ ଶିକ୍ଷା ସବୁଠୁ ମହତ୍ତ୍ୱପୂର୍ଣ୍ଣ। ସ୍ଥାନୀୟ ଶୈଳଶ୍ରୀବିହାରସ୍ଥିତ ମଦର୍ ପ୍ରି-ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବରେ ଅତିଥିମାନେ ଏପରି ମତ ବାଢ଼ିଛନ୍ତି। ସମାଜସେବୀ ବିଜୟଲକ୍ଷ୍ମୀ ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ପାର୍ଥସାରଥୀ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ସସ୍ମିତା ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଶିକ୍ଷୟିତ୍ରୀ ଉଜ୍ଜ୍ୱଳା ତିୱାରୀ, ଦୀପ୍ତିପ୍ରଭା ଧୀର, ସୁଶ୍ରୀ ସାଗରିକା, ଉମା ଟୁଡୁ, କୃତିକା ସାହୁ ସାମିଲ ହୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଳକା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନିକୁନି ପିଲା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବସନ୍ତ ଉତ୍ସବ 'ବାସନ୍ତିକା' ଅନୁଷ୍ଠିତ



ଭୁବନେଶ୍ୱର, ୧୮।୩ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବସନ୍ତ ଉତ୍ସବ 'ବାସନ୍ତିକା' ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଋତୁରାଜ ବସନ୍ତର ଆଗମନରେ ଉଭୟ ସାହିତ୍ୟ ଓ ସଂସ୍କୃତି ଋଦ୍ଧିମନ୍ତ ହୋଇଥାଏ ବୋଲି କହିଥିଲେ । ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ ଡ. ତମସାରାଣୀ ଦାସମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବସନ୍ତ ଋତୁକୁ ସାହିତ୍ୟ ଓ ସଂସ୍କୃତି ମାଧ୍ୟମରେ ଉପଭୋଗ କରିବା ଆମ ପ୍ରାଚୀନ ପରମ୍ପରା ବୋଲି କହିଥିଲେ । ବସନ୍ତ ଋତୁ ବର୍ଣ୍ଣନାରେ ଓଡ଼ିଆ ସାହିତ୍ୟ ବିଭିନ୍ନ ଯୁଗ ସଂପର୍କରେ ସୁବିସ୍ତୃତ ଆଲୋଚନାକରି ବହୁ କାଳଜୟୀ କବିତାର ଉଦାହରଣ ଦେଇଥିଲେ। କୁଳପତି ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଏହି ଧରଣର ପ୍ରକୃତିଭିତ୍ତିକ ଉତ୍ସବ ମାଧ୍ୟମରେ ଆମେ ଆମର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରସାର ସହ ପରିବେଶ ଓ ପ୍ରକୃତିକୁ ଭଲ ପାଇବାର ପ୍ରୟାସ ଜାରି ରଖିଛୁ ବୋଲି କହିଥିଲେ । କୁଳସଚିବ ଅନାମିକା ଅଧିକାରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ଧରଣରର ଋତୁଭିତ୍ତିକ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ସଂପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ପୁରସ୍କୃତ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଥିବା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଡ. ଧୀରଜ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ବୃନ୍ଦ ତାଳବାଦ୍ୟ, ମିଳିତ ଯନ୍ତ୍ରସଂଗୀତ, ଓଡ଼ିଶୀ ନୃତ୍ୟ ଓ କଣ୍ଠସଂଗୀତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ।

# ମାଛ ଚାଷରେ ହରମୋନ୍ ବ୍ୟବହାର



ଭୁବନେଶ୍ୱର,୧୮।୩: ମାଛ ଉତ୍ପାଦନ ବୃଦ୍ଧି ପାଇଁ ହରମୋନ ବ୍ୟବହାର ହେଉଛି। ଏଥି ସହିତ ରୋଗ ନିୟନ୍ତ୍ରଣ ଓ ଉତ୍କୃଷ୍ଟ ମାଛ ଜାଆଁଳ ଉତ୍ପାଦନ ପାଇଁ କିଛି ହରମୋନ ଓ କେମିକାଲ ବ୍ୟବହୃତ ହୋଇଥାଏ। ତେବେ ଏହା ବୈଜ୍ଞାନିକ ପଦ୍ଧତିରେ ଓ ସଠିକ୍ ମାତ୍ରାରେ ବ୍ୟବହାର ହେଉଥିବା କହିଛନ୍ତି ମତ୍ସ୍ୟ ଓ ପ୍ରାଣି ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ।

ମାଛ ଚାଷରେ ହରମୋନ ବ୍ୟବହାର ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ମାଛ ଜାଆଁଳର କୃତ୍ରିମ ପ୍ରଜନନ ଓ ଶୀଘ୍ର ବଢ଼ିବା ପାଇଁ ହରମୋନ ବ୍ୟବହାର କରାଯାଉଛି। ଏଥିପାଇଁ ମାଛମାନଙ୍କୁ ହରମୋନ ଇଞ୍ଜେକସନ ଦିଆଯାଇଥାଏ। ମାଛମାନଙ୍କ କ୍ଷେତ୍ରରେ ଓଭାପ୍ରିମ୍, ଓଭାଟାଇଡ୍ ଓ ଓଭା-ଏଫ୍‌ଏଚ୍ ଭଳି ହରମୋନ ବ୍ୟବହାର ହୋଇଥାଏ। ଏହାଦ୍ୱାରା ରୋହି, ଭାକୁର, ମିରିକାଳୀ ଆଦି କାର୍ପ ମାଛର ନିୟନ୍ତ୍ରିତ ପ୍ରଜନନ ସମ୍ଭବ ହୋଇଥାଏ। ତିଲାପିଆ ବା ଚାଇନା କଉ ମାଛ ଚାଷ କ୍ଷେତ୍ରରେ ମଧ୍ୟ ଏହା ବ୍ୟବହାର ହୋଇଥାଏ।

ତେବେ ମାଛ ଚାଷରେ ରାସାୟନିକ ପଦାର୍ଥ ମୁଖ୍ୟତଃ ପାଣିର ଗୁଣବତ୍ତାରେ ସୁଧାର, ରୋଗ ନିୟନ୍ତ୍ରଣ ଓ ପୋଖରୀ ପରିଚାଳନା ପାଇଁ ବ୍ୟବହାର ହୋଇଥାଏ। ପୋଖରୀ ପାଣିରେ ପିଏଚ୍ ସନ୍ତୁଳନ ପାଇଁ ଚୂନ ଓ ଜୀବାଣୁମୁକ୍ତ ପାଇଁ ବ୍ଲିଚିଂ ପାଉଡର ବ୍ୟବହାର ହୋଇଥାଏ। ଏହାବ୍ୟତୀତ ପୋଟାସିୟମ ପରମାଙ୍ଗାନେଟ୍, ଜିଓଲାଇଟ୍ ଆଦି ପାଣିରେ ଆମୋନିଆ ହ୍ରାସ ପାଇଁ ବ୍ୟବହାର ହୋଇଥାଏ। ମାଛ ଚାଷରେ ହରମୋନ ଓ କେମିକାଲ ବ୍ୟବହାର କରିବା ସମୟରେ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରାଯାଉଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ଏପରିକି ଆଧୁନିକ ମାଛ ଚାଷରେ ଉତ୍ପାଦନ ବୃଦ୍ଧି ପାଇଁ ହରମୋନ ଓ କେମିକାଲର ମୁଖ୍ୟ ଭୂମିକା ରହିଥିବାରୁ ଏହାକୁ ସଠିକ୍ ଓ ନିୟମ ମାନି ବ୍ୟବହାର କଲେ ମାଛ ଚାଷ କ୍ଷତିକାରକ ହେବା ବଦଳରେ ଅଧିକ ଲାଭଜନକ ତଥା ସ୍ୱାସ୍ଥ୍ୟ ଉପଯୋଗୀ ହେବ ବୋଲି କୁହାଯାଇଛି।

ମାଛ ଆମଦାନୀ ସଂକ୍ରାନ୍ତରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟରେ ବର୍ଷକୁ ୯ ଲକ୍ଷ ଟନ୍‌ରୁ ସାମାନ୍ୟ ଅଧିକ ମାଛ ଆବଶ୍ୟକ ଥିବାବେଳେ ପାଖପାଖି ୧୨ ଲକ୍ଷ ଟନ୍ ମାଛ ଉତ୍ପାଦନ ହେଉଛି। ତେବେ ରାଜ୍ୟରେ ମଧୁର ଜଳ ମାଛର ଅଧିକ ଚାହିଦା ରହୁଥିବାରୁ ଓଡ଼ିଶାକୁ ଛତିଶଗଡ଼ ଭଳି ରାଜ୍ୟରୁ ବର୍ଷକୁ ୨୬୦ ମେଟ୍ରିକ ଟନ୍ ମାଛ ଆମଦାନୀ କରୁଛି। ଓଡିଶା ପଡ଼ୋଶୀ ରାଜ୍ୟରୁ ବାର୍ଷିକ ପାଖାପାଖି ୩୦ହଜାର ମେଟ୍ରିକ ଟନ୍ ମାଛ ଆମଦାନୀ କରୁଥିବା ବେଳେ ଏଥିରେ ସିଂହଭାଗ ଆନ୍ଧ୍ରପ୍ରଦେଶର ରହିଛି। ଆନ୍ଧ୍ରରୁ ବର୍ଷକୁ ପାଖାପାଖି ୨୯ ହଜାର ମେଟ୍ରିକ ଟନ୍ ମଧୁର ମାଛ ଆମଦାନୀ ହେଉଥିବା ବେଳେ ପଶ୍ଚିମବଙ୍ଗ ଓ ଛତିଶଗଡ଼ରୁ ବି ମଧୁରଜଳ ମାଛ ଆମଦାନୀ ହେଉଛି।

ସେହିଭଳି ମନ୍ତ୍ରୀ ତାଙ୍କ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ ଓଡ଼ିଶା ପାଇଁ ବାର୍ଷିକ ୪୩୦ ହଜାର ମେଟ୍ରିକ ଟନ୍ ମାଂସ ଆବଶ୍ୟକ ଥିବା ବେଳେ ୫୦୩ କୋଟି ଅଣ୍ଡା ଆବଶ୍ୟକ ହେଉଛି। ଅଣ୍ଡା ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶାକୁ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରୁ ବର୍ଷକୁ ୯୦ କୋଟି ଅଣ୍ଡା ଆମଦାନୀ କରିବାକୁ ପଡୁଛି। ତେବେ ଓଡ଼ିଶାରୁ ଉତ୍ପାଦିତ ଅନୁରୂପ ସଂଖ୍ୟକ ଅଣ୍ଡା ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ଉତ୍ତର-ପୂର୍ବ ରାଜ୍ୟକୁ ରପ୍ତାନୀ ହେଉଥିବା ମନ୍ତ୍ରୀଙ୍କ ଉତ୍ତରରେ ଦର୍ଶାଯାଇଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଗୁରୁବାର ୧୯ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର

Thursday 19 March 2026, Bhubaneswar

# ପାକିସ୍ତାନର ଆର୍ଥିକ ସଙ୍କଟ ଏକ ଚେତାବନୀ




ପାକିସ୍ତାନ ଏବେ ଏକ ଗଭୀର ଆର୍ଥିକ ସଙ୍କଟର ସମ୍ମୁଖିନ ହୋଇଛି। ଯଦିଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ସହାୟତାରେ ତାତ୍କାଳିକ ଡିଫଲ୍ଟ ଏଡାଇଛି, କିନ୍ତୁ ଦେଶର ଅର୍ଥନୀତି ଏବେ ମଧ୍ୟ ଏକ ଅସ୍ଥିର ଅବସ୍ଥାରେ ରହିଛି। ୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପାକିସ୍ତାନର ବୈଦେଶିକ ଋଣ ପରିମାଣ ପ୍ରାୟ ୧୩୪ ବିଲିୟନ ଡଲାର ପହଞ୍ଚିଛି। ଋଣ ସେବା ପାଇଁ ପ୍ରତି ବର୍ଷ ୨୩ରୁ ୨୬ ବିଲିୟନ ଡଲାର ଆବଶ୍ୟକ ପଡୁଛି। ଆଇଏମ୍ଏଫ୍‌ର ୭ ବିଲିୟନ ଡଲାର ବେଲ୍ଆଉଟ୍ ପ୍ରୋଗ୍ରାମ ଏବଂ ୟୁଏଇ, ସାଉଦି ଆରବ ପରି ଦେଶମାନଙ୍କ ଋଣ ରୋଲଓଭର ସହାୟତା ସତ୍ତ୍ୱେ ଦେଶର ଅର୍ଥନୈତିକ ସ୍ୱାଧୀନତା କ୍ରମଶଃ କ୍ଷୟ ହେଉଛି।

ସରକାରୀ ତଥ୍ୟ ଅନୁଯାୟୀ, ଦାରିଦ୍ର୍ୟ ହାର ୨୯ ପ୍ରତିଶତ ପହଞ୍ଚିଛି - ଯାହା ୧୧ ବର୍ଷର ସର୍ବୋଚ୍ଚ। ପ୍ରାୟ ୭୦ ମିଲିୟନ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଆୟ ଅସମାନତା ୨୭ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବେକାରୀ ହାର ୭.୧ ପ୍ରତିଶତ, ଯାହା ୨୧ ବର୍ଷର ସର୍ବୋଚ୍ଚ ସୀମାରେ ରହିଛି। ଏହି ସଙ୍କଟର ମୂଳ କାରଣ ହେଉଛି ରାଜନୈତିକ ଅସ୍ଥିରତା, ଦୁର୍ନୀତି, ସରକାରୀ ଉଦ୍ୟୋଗର ଅପଚୟ ଏବଂ ଆଇଏମ୍ଏଫ୍ ନିୟମରେ ଜୀବନଧାରଣ ଖର୍ଚ୍ଚ ବୃଦ୍ଧି। ସବସିଡି ପ୍ରତ୍ୟାହାର, ମୁଦ୍ରା ଅବମୂଲ୍ୟନ ଏବଂ ଉଚ୍ଚ କର ବୋଝ ଲୋକଙ୍କ ଜୀବନକୁ କଷ୍ଟକର କରିଦେଇଛି। ସମ୍ପ୍ରତି ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ତେଲ ମୂଲ୍ୟ ବୃଦ୍ଧି ପାଇଛି। ପେଟ୍ରୋଲ ମୂଲ୍ୟ ୩୨୦ ଟଙ୍କା ଲିଟରକୁ ବୃଦ୍ଧି ପାଇଛି। ଲୋକେ ଖାଇବା ଛାଡୁଛନ୍ତି ଏବଂ ଦାନ ଉପରେ ନିର୍ଭର କରୁଛନ୍ତି।

ଆର୍ଥିକ ସ୍ଥିରତା ଆସିଛି ବୋଲି ସରକାର ଦାବି କରୁଛନ୍ତି। ମୂଲ୍ୟବୃଦ୍ଧି ହାର ୪.୫ ପ୍ରତିଶତରେ ନାମିଛି ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ୨୧ ବିଲିୟନ ଡଲାର ପହଞ୍ଚିଛି। କିନ୍ତୁ ଏହା କେବଳ ବାହ୍ୟ ସହାୟତାର ଫଳ। ଜିଡିପି ବୃଦ୍ଧି ମାତ୍ର ୩ ପ୍ରତିଶତ - ଜନସଂଖ୍ୟା ବୃଦ୍ଧି ସହ ସମାନ। ବିଦେଶୀ ନିବେଶ ୩୪-୪୫ ପ୍ରତିଶତ କମିଛି। ପ୍ରୋକ୍ଟର ଏଣ୍ଡ ଗ୍ୟାମ୍ବଲ୍, ଶେଲ୍ ପରି କମ୍ପାନୀ ଦେଶ ଛାଡୁଛନ୍ତି। ବନ୍ୟା, ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ଆର୍ଥିକ ବୃଦ୍ଧିକୁ ବାଧା ଦେଉଛି। ଆଇଏମ୍ଏଫ୍ ପ୍ରୋଗ୍ରାମର ତୃତୀୟ ସମୀକ୍ଷା ସଫଳ ହୋଇଛି ଏବଂ ଅର୍ଥନୀତି ସ୍ଥିର ହେଉଛି ବୋଲି କୁହାଯାଉଛି, କିନ୍ତୁ ଏହା କେବଳ ସ୍ଥିରତା - ପ୍ରଗତି ନୁହେଁ।

ପାକିସ୍ତାନର ଏହି ସଙ୍କଟ ଏକ ଚକ୍ରାକାର ପ୍ରକ୍ରିୟା। ପ୍ରତି କିଛି ବର୍ଷରେ ଆଇଏମ୍ଏଫ୍ ବେଲ୍ଆଉଟ୍ ଆସୁଛି, କିନ୍ତୁ ମୂଳ ସମସ୍ୟା ସମାଧାନ ହେଉନାହିଁ। କର ସୁଧାର, ରାଜ୍ୟ ମାଲିକାନା ଉଦ୍ୟୋଗର ପୁନଃଗଠନ, କୃଷି ଏବଂ ଶିଳ୍ପରେ ନିବେଶ ଏବଂ ରାଜନୈତିକ ସ୍ଥିରତା ଆବଶ୍ୟକ। ସେନା ଓ ଜମିଦାର ପ୍ରଭାବ କମାଇ ସ୍ୱାଧୀନ ଅର୍ଥନୀତି ଗଠନ କରିବାକୁ ପଡ଼ିବ। ଅନ୍ୟଥା ଦାରିଦ୍ର୍ୟ, ବେକାରୀ ଏବଂ ଅସନ୍ତୋଷ ବୃଦ୍ଧି ପାଇବ। ପାକିସ୍ତାନୀ ନାଗରିକଙ୍କ ଜୀବନ କଷ୍ଟକର ହେବ। ସରକାରକୁ ଏବେ ସଂସ୍କାରର ପଥ ବାଛିବାକୁ ପଡ଼ିବ। କେବଳ ବାହ୍ୟ ସହାୟତା ଉପରେ ନିର୍ଭର କରି ଦେଶ ଉନ୍ନତି କରିପାରିବ ନାହିଁ। ଏହା ଏକ ଚେତାବନୀ - ସଂସ୍କାର ନହେଲେ ସଙ୍କଟ ଆହୁରି ଗଭୀର ହେବ।

# ଯୁବ ଚେତନା, ସୋସିଆଲ ମିଡିଆ ଓ ୟୁଟ୍ୟୁବ

ସତ୍ୟ ମହାପାତ୍ର



ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ସାରା ବିଶ୍ୱରେ ଇନଷ୍ଟାଗ୍ରାମ, ଫେସବୁକ, ୟୁଟ୍ୟୁବରେ ପୃଥିବୀର ଅନ୍ୟ ଦେଶର ଶାସନ ମୁଖ୍ୟଙ୍କ ସ୍ତରକୁ ଦେଖିଲେ ସର୍ବାଧିକ ଅନୁଗାମୀ ମୋଦିଜୀଙ୍କର ରହିଛନ୍ତି। ଭାରତକୁ ବିଶ୍ୱଗୁରୁ କୁହାଯାଏ ଏବଂ ବିଶ୍ୱର ସର୍ବାଧିକ ଲୋକପ୍ରିୟ ଓ ଅନ୍ୟତମ ଶକ୍ତିଶାଳୀ ନେତା ଭାବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ସମସ୍ତେ ଜାଣନ୍ତି। ଯଦିଓ ପୃଥିବୀରେ ଏହି ଶ୍ରେଣୀରେ ସବୁଠୁ ଶୀର୍ଷରେ ରହିଛନ୍ତି ପର୍ତ୍ତୁଗାଲର ତାରକା ଖଚିତ ଫୁଟବଲ ଖେଳାଳୀ ରୋନାଲ୍ଡୋ। ଖେଳ କ୍ଷେତ୍ରକୁ ଦେଖିଲେ ଭାରତରେ ବିରାଟ କୋହିଲିଙ୍କର ସତୁରୀ କୋଟିରୁ ଅଧିକ ଫଲୋଅର୍ସ ସୋସିଆଲ ମିଡ଼ିଆରେ ରହିଛନ୍ତି। ସୋସିଆଲ ମିଡ଼ିଆ ବର୍ତ୍ତମାନ ସମୟରେ ଆମ ଜୀବନ ସହିତ ଏପରି ମିଶିଗଲାଣି ଯେ ଏହା ଉଭୟ ଭଲ ଓ ଭେଲ ଦିଗ ପରି କାର୍ଯ୍ୟ କରୁଛି। ଏହା ଅସ୍ୱୀକାର କରି ହେବନାହିଁ ଯେ ସୋସିଆଲ ମିଡ଼ିଆ ଆମକୁ ଅନେକ କିଛି ଦେଇଛି। ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, ବ୍ୟବସାୟ ଠାରୁ ଯୋଗାଯୋଗ, କୃଷି ଠାରୁ ଆଇନ, ମହାକାଶ ବିଜ୍ଞାନ ଠାରୁ କ୍ରୀଡ଼ା, ସବୁକ୍ଷେତ୍ରରେ ଏହି ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମ ଆମର ସାମାଜିକ, ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ସହିତ ଏକ ପ୍ରକାର ମିଶିଗଲାଣି। ସେହିପରି ୟୁଟ୍ୟୁବ ବର୍ତ୍ତମାନ ସମୟରେ ଏପରି ଏକ ଅତ୍ୟାଚାର୍ଯ୍ୟ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଯାହା ସମ୍ବାଦ, ଶିକ୍ଷା, ମନୋରଞ୍ଜନ, ସଙ୍ଗୀତ ସବୁକିଛି ଆମକୁ ଦେଇପାରୁଛି। ସେହିପରି ହ୍ୱାଟସ ଆପ୍ ଏକ ମେସେଜିଂ ପ୍ଲାଟଫର୍ମ ଯାହାଦ୍ୱାରା ଭିଡ଼ିଓ କଲ, ଗ୍ରୁପ ସଂଯୋଗ, ଚାର୍ଟ ଓ ଭଏସ କଲ ଦ୍ୱାରା ଯୁବପିଢ଼ି ନୂତନ ନେଟୱାର୍କିଂ ଦୁନିଆରେ ପାଦ ଦେବା ସହ ବିଶ୍ୱର ଏକ ଅଖ୍ୟାତ ଗ୍ରାମର ଅଜଣା ଯେ କେହି ବି ଜଣେ ଏହି ୟୁଟ୍ୟୁବ ଦ୍ୱାରା କେବଳ ନିଜର ଅନୁଗାମୀ ବଢ଼ାଉ ନାହାଁନ୍ତି ବରଂ ଲକ୍ଷ ଲକ୍ଷ ଟଙ୍କା ହାତପାହାନ୍ତାରେ ଘରେ ବସି ରୋଜଗାର କରୁଛନ୍ତି।

କିଛି ଦିନ ତଳେ ବର୍ଷିଆନ ସାମ୍ବାଦିକ ରବିସ୍ କୁମାର 'ଏନଡିଟିଭି' ଛାଡ଼ିବା ପରେ ନିଜ ୟୁଟ୍ୟୁବ ଚ୍ୟାନେଲ ଖୋଲି ବର୍ଷକୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ସାମାଜିକ ଗଣମାଧ୍ୟମ କ୍ଷେତ୍ର ବିଶେଷକରି ସୋସିଆଲ ମିଡ଼ିଆର ନାଁ କମାଇଥିବା ଇନଫ୍ଲୁଏନସର ମାନଙ୍କ ଆଲୋଚନା କଲେ ଭାରତର ମିଷ୍ଟର ବିଷ୍ଟ ହେଉଛନ୍ତି ସବୁଠାରୁ ପ୍ରଭାବଶାଳୀ ଇନଫ୍ଲୁଏନସର। ତାଙ୍କ ୟୁଟ୍ୟୁବର ସବସ୍କ୍ରାଇବର ସଂଖ୍ୟା ୪୧୫ ନିୟୁତ ହୋଇଥିବାବେଳେ ସେ ବର୍ତ୍ତମାନ ୮୩୫୦ କୋଟି ସମ୍ପତ୍ତିର ମାଲିକ। ତାଙ୍କ ପଛରେ ହରିୟାନାର ରୋଷ୍ଟିଂ ଭିଡ଼ିଓ କରୁଥିବା କ୍ୟାରି ମିନାଟି ମଧ୍ୟ ବେଶ ଲୋକପ୍ରିୟ। ସେହିପରି ଗୁଜୁରାଟର ଭୁବନ ବାମ, ଦିଲ୍ଲୀ ନିବାସୀ ଟ୍ରିଗର୍ଡ଼ ଇନସାନ୍, ଦିଲ୍ଲୀର କଣ୍ଟେଣ୍ଟ କ୍ରିଏଟର ଆଶିଷ ଚଞ୍ଚଲାନୀ, କନ୍ନଡ ସୋସିଆଲ ମିଡ଼ିଆ ଇନଫ୍ଲୁଏନସର ଜନ୍ନତ ଜୁବୈର, ବ୍ଲଗର ଭାବେ ହରିୟାନାର ଜନ୍ମିତ ଜର୍ମାନରେ ରହୁଥିବା ଧ୍ରୁବ ରାଠି, ଟେକ୍ନିକାଲ ଗୁରୁଜୀ ନାଁରେ ଲୋକପ୍ରିୟ ଗୌରବ ଚୌଧୁରୀ, ଭାରତୀୟ ଫେସନ ଇନଫ୍ଲୁଏନସର ନାନ୍ସି ତ୍ୟାଗୀ, ମଜାଳିଆ ଭିଡ଼ିଓ କରୁଥିବା କୁଣା କପିଲା, ଲୋକପ୍ରିୟ ୟୁଟ୍ୟୁବର ପ୍ରାଜକ୍ତା କୋଲି ପ୍ରମୁଖ। ତେବେ ବଡ଼କଥା ହେଉଛି ଏହି ୟୁଟ୍ୟୁବ ଘରେ ବସି ଅନେକ ରୋଜଗାର ଦେଉଛି ଅନେକଙ୍କୁ। କରୋନା ସମୟରେ ଆମ ଓଡ଼ିଶାର ସମ୍ବଲପୁରର ଜନୈକ ଦାଦନ ଫେରନ୍ତା ଇଷାକ୍ ମୁଣ୍ଡାଙ୍କ ପଖାଳ କଂସା ଓ ଘରୋଇ ବ୍ୟଞ୍ଜନ ୟୁଟ୍ୟୁବରେ ଢ଼େର ଚର୍ଚ୍ଚା ସୃଷ୍ଟି କରିବା ସହ ସେ କେବଳ ଲକ୍ଷାଧିକ ଟଙ୍କା ପାଇନଥିଲେ ବରଂ ଖୋଦ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଥିଲେ। ଓଡ଼ିଆ ସମତେ ଅନେକ ଆଞ୍ଚଳିକ ଭାଷାରେ ୟୁଟ୍ୟୁବ ଚ୍ୟାନେଲ ବର୍ତ୍ତମାନ ସମୟରେ ଭର୍ତ୍ତି ହୋଇଛି।

ସୋସିଆଲ ମିଡ଼ିଆ ଯେତିକି ଭଲ ସେତିକ ଖରାପ ମଧ୍ୟ। ଅନେକ କୁହନ୍ତି ବିଦ୍ୟାର୍ଥୀମାନେ ସୋସିଆଲ ମିଡ଼ିଆ ଉପରେ ମାତ୍ରାଧିକ ନିର୍ଭରଶୀଳତା ରଖୁଥିବାରୁ ସେମାନଙ୍କର ବୌଦ୍ଧିକତା, ମୌଳିକତା ହ୍ରାସ ପାଉଛି। ଏହା ନିଃସଙ୍ଗତା ସୃଷ୍ଟି କରିବା ସହ କେତେକ କ୍ଷେତ୍ରରେ ଟ୍ରୋଲିଂ ଭୟରେ କୌଣସି ଦଙ୍ଗା ହଙ୍ଗାମା ପରିସ୍ଥିତି ସହ ଅନେକ ଜୀବନ ହାରି ଥାଆନ୍ତି। ପିଲାମାନଙ୍କ କ୍ଷେତ୍ରରେ ଅତ୍ୟଧିକ ସୋସିଆଲ ମିଡ଼ିଆର ବ୍ୟବହାର ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କ ମେଳର ସମ୍ପର୍କକୁ ନଷ୍ଟ କରିଦେଇଥାଏ। କେତେକ କ୍ଷେତ୍ରରେ ଅଜଣା ଲିଙ୍କର ବ୍ଲାକମେଲିଂ ଶିକାର ହୋଇ କେବଳ ପିଲାମାନେ ନୁହଁନ୍ତି ବୟସ୍କ ମାନେ ମଧ୍ୟ କୁପଥଗାମୀ ହେବାର ନଜିର ରହିଛି। ଭିଡ଼ିଓ ଗେମିଂ ଦ୍ୱାରା ଅନେକ ଛାତ୍ର ଆତ୍ମହତ୍ୟା କରିବା ସହ ବେଳେ ବେଳେ ନିଜ ବାପା-ମାଆଙ୍କ କଥାକୁ ସେମାନେ ବୁଝିବାକୁ ଉଚିତ ମନେ କରିନଥାନ୍ତି। ନିଜକୁ ବିଜ୍ଞାପିତ କରିବାର ଉପଯୁକ୍ତ ସାଧନ ଏହି ସୋସିଆଲ ମିଡ଼ିଆ ହୋଇଥିବାରୁ ଆତ୍ମ ବିଜ୍ଞପିତ କରିବାର ପ୍ରବଳ ଉତ୍ସାହ ଜଣଙ୍କର ସୃଜନ ମୌଳିକତାକୁ ଧ୍ୱଂସ କରିଥାଏ। ସରକାରଙ୍କ ତରଫରୁ କିଛି ନୀତି ନିୟମ ରହୁଛି ତେବେ ଏସବୁ ଭିତରେ ସୋସିଆଲ ମିଡ଼ିଆ ଜଣଙ୍କର ଜ୍ଞାନ ଉନ୍ନତିର ମହାନ ଅସ୍ତ୍ର ତ ନିଶ୍ଚୟ ତେବେ ଭାରତର ବୃହତ୍ କ୍ରୀୟାଶୀଳ ମାନବ ସମ୍ବଳ ଏହି ଡିଜିଟାଲ ନଦୀର ସ୍ରୋତରେ ନ ଭାସି ଏହାର ସୁଯୋଗକୁ ଉପଯୋଗ କଲେ ଏହା ଯୁବ ବର୍ଗଙ୍କ ପାଇଁ ନିର୍ଭରଯୋଗ୍ୟ ବନ୍ଧୁ ପାଲଟି ପାରିବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, 'ସତ୍ୟାଳୟ'
ପ୍ଲଟ ନଂ-୧୦୮୭/ଡି, ସେକ୍ଟର-୬, ସିଡ଼ିଏ, କଟକ,
ମୋବାଇଲ:୯୬୫୮୧୦୫୫୩୨

# ପ୍ରକୃତ ମହାନତା ଜ୍ଞାନ ଓ କରୁଣାର ମିଶ୍ରଣରେ ନିହିତ!



ଅସିତ ମହାନ୍ତି

ଆଲବର୍ଟ ଆଇନଷ୍ଟାଇନ୍ (୧୪ ମାର୍ଚ୍ଚ ୧୮୭୯ - ୧୮ ଏପ୍ରିଲ ୧୯୫୫) ଜଣେ ଜର୍ମାନ ଜନ୍ମିତ ତାତ୍ତ୍ୱିକ ପଦାର୍ଥବିଜ୍ଞାନୀ ଥିଲେ ଯିଏ ଆପେକ୍ଷିକତା ତତ୍ତ୍ୱ ବିକଶିତ କରିବା ପାଇଁ ପ୍ରସିଦ୍ଧ ଥିଲେ, ଯାହା ସ୍ଥାନ, ସମୟ ଏବଂ ଗୁରୁତ୍ୱାକର୍ଷଣ ବିଷୟରେ ଆମର ବୁଝାମଣାକୁ ବିପ୍ଳବୀ କରିଥିଲା। ଉଲ୍ମରେ ଜନ୍ମଗ୍ରହଣ କରିଥିବା ଏବଂ ମ୍ୟୁନିଚ୍ରେ ପାଳିତ ହୋଇଥିବା, ସେ ପରେ ସ୍ୱିଜରଲ୍ୟାଣ୍ଡକୁ ଚାଲିଗଲେ ଏବଂ ଶେଷରେ ଯୁକ୍ତରାଷ୍ଟ୍ରରେ ବାସ କଲେ, ଯେଉଁଠାରେ ସେ କ୍ୱାଣ୍ଟମ୍ ମେକାନିକ୍ସ ଏବଂ ପରମାଣୁ ଶକ୍ତି ଗବେଷଣାରେ ଅବଦାନ ରଖିଥିଲେ। ତାଙ୍କର ପ୍ରସିଦ୍ଧ ସମୀକରଣ ଋ=ଜ୍ଞମବ୍ଦ ବସ୍ତୁତ୍ୱ ଏବଂ ଶକ୍ତି ମଧ୍ୟରେ ସମ୍ପର୍କକୁ ଉଦାହରଣ ଦିଏ। ଆଇନଷ୍ଟାଇନ୍ ଇତିହାସର ସବୁଠାରୁ ପ୍ରଭାବଶାଳୀ ବୈଜ୍ଞାନିକମାନଙ୍କ ମଧ୍ୟରୁ ଜଣେ ଅଟନ୍ତି। ଆମେ ଆଲବର୍ଟ ଆଇନଷ୍ଟାଇନଙ୍କୁ କେବଳ ଜଣେ ମହାନ ବୈଜ୍ଞାନିକ ଭାବରେ ନୁହେଁ ବରଂ ମାନବତାର ଜଣେ ପ୍ରକୃତ ସହାନୁଭୂତିଶୀଳ ଭାବରେ ମନେ ରଖୁଛୁ। ଆଇନଷ୍ଟାଇନ୍ କେବଳ ପରୀକ୍ଷାଗାରରେ ସୀମିତ ନଥିଲେ। ସେ ସମାଜର ଦୁଃଖକୁ ଗଭୀର ଭାବରେ ବୁଝିପାରୁଥିଲେ, ଗରିବ ଏବଂ ଅବହେଳିତଙ୍କ ପ୍ରତି ସମ୍ବେଦନଶୀଳ ଥିଲେ ଏବଂ ମାନବତାର ଜଣେ ପ୍ରକୃତ ସହାନୁଭୂତିଶୀଳ ଥିଲେ। ତାଙ୍କ ଜୀବନର ସଂଘର୍ଷ ଏବଂ ଦୃଷ୍ଟିକୋଣ ପ୍ରମାଣ କରେ ଯେ ବିଜ୍ଞାନ ଏବଂ କରୁଣାର ମିଶ୍ରଣ ହେଲେ ଜଣେ ବ୍ୟକ୍ତି କେତେ ମହାନ ହୋଇପାରନ୍ତି। ତାଙ୍କର ଆବିଷ୍କାରଗୁଡ଼ିକ ଆଧୁନିକ ପଦାର୍ଥ ବିଜ୍ଞାନର ଗତିପଥକୁ ପରିବର୍ତ୍ତନ କରିଥିଲା, କିନ୍ତୁ ତାଙ୍କ ଜୀବନର ସଂଘର୍ଷ ଏବଂ ସମାଜ ପ୍ରତି ସମ୍ବେଦନଶୀଳତା ତାଙ୍କୁ ଆହୁରି ମହାନ କରିଥାଏ।

ଜର୍ମାନୀର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଆଇନଷ୍ଟାଇନଙ୍କୁ ତାଙ୍କ ପିଲାଦିନେ ବିଶେଷ ଭାବରେ ଉଜ୍ଜ୍ୱଳ ବୋଲି ବିବେଚନା କରାଯାଉନଥିଲା, କିନ୍ତୁ ତାଙ୍କ କଷ୍ଟ ତାଙ୍କୁ ଗଭୀର ଚିନ୍ତନ ଏବଂ ଆତ୍ମନିରୀକ୍ଷଣ ପାଇଁ ପ୍ରେରଣା ଦେଇଥିଲା। ପିଲାବେଳେ, ତାଙ୍କୁ ପାଠପଢ଼ାରେ ବିଶେଷ ଭାବରେ ଉଜ୍ଜ୍ୱଳ ବୋଲି ବିବେଚନା କରାଯାଉନଥିଲା ଏବଂ ତାଙ୍କ ଶିକ୍ଷକମାନେ ତାଙ୍କୁ ପ୍ରାୟତଃ ସମାଲୋଚନା କରୁଥିଲେ। ତଥାପି, ଏହି ଅସୁବିଧାଗୁଡ଼ିକ ତାଙ୍କୁ ଆତ୍ମନିରୀକ୍ଷଣ ଏବଂ ଗଭୀର ଚିନ୍ତନ ଆଡ଼କୁ ନେଇଯାଇଥିଲା। ସେ ତାଙ୍କ ଜୀବନରେ ଦାରିଦ୍ର୍ୟ ଏବଂ ସଂଘର୍ଷକୁ ନିକଟରୁ ଦେଖିଥିଲେ, ଯାହା ତାଙ୍କ ମନରେ ସମାଜର ଦୁର୍ବଳ ବର୍ଗ ପାଇଁ ଗଭୀର ସହାନୁଭୂତି ସୃଷ୍ଟି କରିଥିଲା। ତାଙ୍କର ବୈଜ୍ଞାନିକ ସଫଳତା - ତାଙ୍କର ସ୍ୱତନ୍ତ୍ର ଆପେକ୍ଷିକତା ତତ୍ତ୍ୱ, ଫଟୋଇଲେକ୍ଟ୍ରିକ୍ ପ୍ରଭାବର ବ୍ୟାଖ୍ୟା ଏବଂ କ୍ୱାଣ୍ଟମ୍ ତତ୍ତ୍ୱରେ ତାଙ୍କର ଅବଦାନ - ତାଙ୍କୁ ବିଶ୍ୱ ପ୍ରସିଦ୍ଧ କରିଥିଲା। କିନ୍ତୁ ଆଇନଷ୍ଟାଇନଙ୍କ ମହାନତା କେବଳ ତାଙ୍କର ଆବିଷ୍କାର ପର୍ଯ୍ୟନ୍ତ ସୀମିତ ନଥିଲା। ସେ ସର୍ବଦା ମାନବିକ ମୂଲ୍ୟବୋଧକୁ ବିଜ୍ଞାନଠାରୁ ଉପରେ ରଖିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ବିଜ୍ଞାନର ଉଦ୍ଦେଶ୍ୟ କେବଳ ପ୍ରଯୁକ୍ତିବିଦ୍ୟା ଉନ୍ନତି ନୁହେଁ, ବରଂ ମାନବତାର ମଙ୍ଗଳ ହେବା ଉଚିତ୍। ଏହି କାରଣରୁ ସେ ପରମାଣୁ ଶକ୍ତିର ଅପବ୍ୟବହାର ଉପରେ ଚିନ୍ତା ପ୍ରକାଶ କରିଥିଲେ ଏବଂ ଯୁଦ୍ଧ ଏବଂ ହିଂସାକୁ ବିରୋଧ କରିଥିଲେ। ଆଇନଷ୍ଟାଇନ ତାଙ୍କ ଜୀବନସାରା ବାରମ୍ବାର ସାମାଜିକ ନ୍ୟାୟର ସମର୍ଥନ କରିଥିଲେ। ସେ ଜାତିଭେଦର କଠୋର ବିରୋଧୀ ଥିଲେ ଏବଂ ଆମେରିକାରେ ରହୁଥିବା ସମୟରେ କଳା ଲୋକଙ୍କ ଅଧିକାର ପାଇଁ ଖୋଲାଖୋଲି ଭାବରେ କହିଥିଲେ। ସେ କହିଥିଲେ ଯେ ଜାତିଭେଦ ମାନବ ସଭ୍ୟତା ପାଇଁ ସବୁଠାରୁ ବଡ଼ ବିପଦ। ଏହି ଦୃଷ୍ଟିକୋଣ ଦର୍ଶାଏ ଯେ ସେ କେବଳ ଜଣେ ବୈଜ୍ଞାନିକ ନଥିଲେ ବରଂ ଜଣେ ସମ୍ବେଦନଶୀଳ ନାଗରିକ ମଧ୍ୟ ଥିଲେ। ଗରିବ ଏବଂ ଅବହେଳିତଙ୍କ ପ୍ରତି ତାଙ୍କର କରୁଣା ତାଙ୍କ ବ୍ୟକ୍ତିଗତ ଜୀବନରେ ସ୍ପଷ୍ଟ ଥିଲା। ସେ ଏକ ସରଳ ଜୀବନଯାପନ କରୁଥିଲେ ଏବଂ ଭୌତିକ ସୁବିଧାକୁ ପରିହାର କରୁଥିଲେ। ତାଙ୍କ ପାଇଁ, ଜ୍ଞାନ ଏବଂ ନୈତିକତା ଥିଲା ତାଙ୍କର ସର୍ବୋତ୍ତମ ସମ୍ପତ୍ତି।

ସେ ଦାରିଦ୍ର୍ୟ ଏବଂ ସଂଘର୍ଷକୁ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ, ଯାହା ତାଙ୍କ ମନରେ ଅବହେଳିତ ଲୋକଙ୍କ ପ୍ରତି ଗଭୀର ସହାନୁଭୂତି ସୃଷ୍ଟି କରିଥିଲା। ତାଙ୍କର ବୈଜ୍ଞାନିକ ସଫଳତା - ସ୍ୱତନ୍ତ୍ର ଆପେକ୍ଷିକତା ତତ୍ତ୍ୱ, ଫଟୋଇଲେକ୍ଟ୍ରିକ୍ ପ୍ରଭାବର ବ୍ୟାଖ୍ୟା ଏବଂ କ୍ୱାଣ୍ଟମ୍ ତତ୍ତ୍ୱରେ ତାଙ୍କର ଅବଦାନ, ତାଙ୍କୁ ବିଶ୍ୱ ପ୍ରସିଦ୍ଧ କରିଥିଲା। କିନ୍ତୁ ସେ ସର୍ବଦା ମାନବ ମୂଲ୍ୟବୋଧକୁ ବିଜ୍ଞାନଠାରୁ ଉପରେ ରଖିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ବିଜ୍ଞାନର ଉଦ୍ଦେଶ୍ୟ କେବଳ ପ୍ରଯୁକ୍ତିବିଦ୍ୟା ପ୍ରଗତି ନୁହେଁ, ବରଂ ମାନବତାର ମଙ୍ଗଳ ହେବା ଉଚିତ୍। ଆଇନଷ୍ଟାଇନ ଜାତିଭେଦର ଘୋର ବିରୋଧୀ ଥିଲେ ଏବଂ ଆମେରିକାରେ ରହୁଥିବା ସମୟରେ କଳା ଲୋକଙ୍କ ଅଧିକାର ପାଇଁ ଖୋଲାଖୋଲି ଭାବରେ କଥା କହିଥିଲେ। ସେ ଏକ ସରଳ ଜୀବନଯାପନ କରୁଥିଲେ ଏବଂ ଭୌତିକ ସୁବିଧାକୁ ପରିହାର କରୁଥିଲେ। ତାଙ୍କ ପାଇଁ ଜ୍ଞାନ ଏବଂ ନୈତିକତା ସବୁଠାରୁ ବଡ଼ ସମ୍ପତ୍ତି ଥିଲା। ତାଙ୍କ ଜୀବନ ଆମକୁ ଶିଖାଏ ଯେ ସଂଘର୍ଷ ଜଣେ ବ୍ୟକ୍ତିଙ୍କୁ ମହାନ କରିପାରେ ଯଦି ସେ ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇଯାଏ। ତାଙ୍କର ଚିନ୍ତାଧାରା ଆଜି ମଧ୍ୟ ପ୍ରାସଙ୍ଗିକ, କାରଣ ସେ ବିଶ୍ୱାସ କରୁଥିଲେ ଯେ ବିଜ୍ଞାନ କେବଳ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହା ଗରିବ ଏବଂ ନିଷ୍ପେସିତ ଲୋକଙ୍କ ଜୀବନକୁ ଉନ୍ନତ କରେ। ତେଣୁ, ଆଇନଷ୍ଟାଇନ୍ କେବଳ ଜଣେ ବୈଜ୍ଞାନିକ ନଥିଲେ, ବରଂ ମାନବତାର ଜଣେ ପ୍ରକୃତ ବନ୍ଧୁ ଥିଲେ। ତାଙ୍କର ଐତିହ୍ୟ ଆମକୁ ପ୍ରେରଣା ଦିଏ ଯେ ପ୍ରକୃତ ମହାନତା ଜ୍ଞାନ ଏବଂ କରୁଣାର ମିଶ୍ରଣରେ ନିହିତ।

ଆଇନଷ୍ଟାଇନଙ୍କ ପ୍ରସିଦ୍ଧ ସମୀକରଣ, ଋ = ଜ୍ଞମବ୍ଦ, ତାଙ୍କ ବିଶେଷ ଆପେକ୍ଷିକ ତତ୍ତ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ସୂଚିତ କରେ ଯେ ବସ୍ତୁତ୍ୱ ଏବଂ ଶକ୍ତି ପ୍ରକୃତରେ ଗୋଟିଏ ଜିନିଷର ଦୁଇଟି ରୂପ। ଏହି ସମୀକରଣରେ, ଋ ଶକ୍ତିକୁ ପ୍ରତିନିଧିତ୍ୱ କରେ, ଜ୍ଞ ବସ୍ତୁତ୍ୱକୁ ପ୍ରତିନିଧିତ୍ୱ କରେ, ଏବଂ ମ ଆଲୋକର ଗତିକୁ ପ୍ରତିନିଧିତ୍ୱ କରେ। ଯେହେତୁ ଆଲୋକର ବେଗ ବହୁତ ଅଧିକ, ତେଣୁ ଏକ ଛୋଟ ବସ୍ତୁତ୍ୱକୁ ମଧ୍ୟ ଶକ୍ତିରେ ପରିଣତ କରିବା ଦ୍ୱାରା ବିପୁଳ ପରିମାଣର ଶକ୍ତି ନିର୍ଗତ ହୁଏ। ଏହି କାରଣରୁ ଏହି ସମୀକରଣ ଏତେ ଶକ୍ତିଶାଳୀ ଏବଂ ପ୍ରସିଦ୍ଧ। ଜଣେ ସାଧାରଣ ବ୍ୟକ୍ତି ଏହାକୁ ଏହିପରି ବୁଝିପାରିବେ: କଳ୍ପନା କରନ୍ତୁ ଯେ ଆପଣଙ୍କର ଏକ ଛୋଟ ବସ୍ତୁ ଅଛି, ଯେପରିକି ଏକ ପଥର। ପଥରର ବସ୍ତୁତ୍ୱ ବହୁତ ଛୋଟ, କିନ୍ତୁ ଆଇନଷ୍ଟାଇନଙ୍କ ଅନୁସାରେ, ଏଥିରେ ଥିବା ଶକ୍ତି ବିଶାଳ। ଯଦି ସେହି ବସ୍ତୁତ୍ୱକୁ ସମ୍ପୂର୍ଣ୍ଣ ଭାବରେ ଶକ୍ତିରେ ରୂପାନ୍ତରିତ କରାଯାଏ, ତେବେ ମୁକ୍ତ ହୋଇଥିବା ଶକ୍ତି ହଜାର ହଜାର ବଲ୍ବକୁ ଦୀର୍ଘ ସମୟ ପାଇଁ ଶକ୍ତି ପ୍ରଦାନ କରିବା ପାଇଁ ଯଥେଷ୍ଟ ହେବ। ଏହାର ଅର୍ଥ ହେଉଛି ପ୍ରତ୍ୟେକ ବସ୍ତୁରେ ଅପାର ଶକ୍ତି ଥାଏ; ଏହାକୁ ମୁକ୍ତ କରିବା ପାଇଁ କେବଳ ଏକ ଉପାୟ ଆବଶ୍ୟକ।

ବର୍ତ୍ତମାନ ପ୍ରଶ୍ନ ଉଠେ: ପରମାଣୁ ବୋମାରେ ଏହି ନୀତି କିପରି ବ୍ୟବହୃତ ହୋଇଥିଲା? ଆଇନଷ୍ଟାଇନ ନିଜେ ବମ୍ ତିଆରି କରି ନଥିଲେ, କିନ୍ତୁ ତାଙ୍କ ସମୀକରଣ ବୈଜ୍ଞାନିକମାନଙ୍କୁ ପରମାଣୁ ଭିତରେ ଲୁଚି ରହିଥିବା ଅପାର ଶକ୍ତିକୁ ବୁଝିବାରେ ସାହାଯ୍ୟ କରିଥିଲା। ଯେତେବେଳେ ୟୁରାନିୟମ କିମ୍ବା ପ୍ଲୁଟୋନିୟମ ଭଳି ଭାରୀ ଉପାଦାନର ପରମାଣୁ ନ୍ୟୁକ୍ଲିୟର ବିଖଣ୍ଡନ ହୁଏ, ସେତେବେଳେ ଏକ ଛୋଟ ପରିମାଣର ବସ୍ତୁତ୍ୱ ଶକ୍ତିରେ ପରିବର୍ତ୍ତିତ ହୁଏ। ଏହି ଶକ୍ତି ବିସ୍ଫୋରଣ ଆକାରରେ ମୁକ୍ତ ହୁଏ। ଯେହେତୁ ମନ୨, ଆଲୋକର ବେଗର ବର୍ଗ, ଏକ ବହୁତ ବଡ଼ ସଂଖ୍ୟା, ତେଣୁ ଏକ ଛୋଟ ପରିମାଣର ବସ୍ତୁତ୍ୱ ମଧ୍ୟ ପ୍ରଚଣ୍ଡ ଶକ୍ତି ଉତ୍ପାଦନ କରେ। ମାନହାଟନ ପ୍ରକଳ୍ପ ସମୟରେ, ବୈଜ୍ଞାନିକମାନେ ପରମାଣୁ ବୋମା ତିଆରି କରିବା ପାଇଁ ଏହି ନୀତି ବ୍ୟବହାର କରିଥିଲେ। ଆଇନଷ୍ଟାଇନ ସିଧାସଳଖ ଅଂଶଗ୍ରହଣ କରିନଥିଲେ, କିନ୍ତୁ ସେ ଆମେରିକାର ରାଷ୍ଟ୍ରପତିଙ୍କୁ ଏକ ଚିଠିରେ ସ୍ୱାକ୍ଷର କରିଥିଲେ ଯେ ନାଜି ଜର୍ମାନୀ ପରମାଣୁ ଅସ୍ତ୍ର ବିକଶିତ କରିପାରେ। ଏହି ଚେତାବନୀ ପରେ, ଆମେରିକା ପରମାଣୁ ଅସ୍ତ୍ର ଉପରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା। ଶେଷରେ, ୧୯୪୫ ମସିହାରେ ହିରୋସିମା ଏବଂ ନାଗାସାକି ଉପରେ ପକାଯାଇଥିବା ବୋମା ଆଇନଷ୍ଟାଇନଙ୍କ ସମୀକରଣର ବୈଜ୍ଞାନିକ ଭିତ୍ତିଭୂମି ଥିଲା। ତେଣୁ, ଋ = ଜ୍ଞମବ୍ଦ ଆମକୁ କୁହେ ଯେ ବସ୍ତୁତ୍ୱ ଏବଂ ଶକ୍ତି ପରସ୍ପରରେ ପରିବର୍ତ୍ତିତ ହୋଇପାରିବ। ସାଧାରଣ ଲୋକ ଏହାକୁ ଏହି ଭାବରେ ବୁଝିପାରିବେ: ପ୍ରତ୍ୟେକ ବସ୍ତୁରେ ସୁପ୍ତ ଶକ୍ତି ଥାଏ, ଏବଂ ପରମାଣୁ ବୋମା ହଠାତ୍ ଏବଂ ହିଂସାତ୍ମକ ଭାବରେ ଏହି ଶକ୍ତିକୁ ମୁକ୍ତ କରିବାର ଏକ ଉପାୟ। ଆଇନଷ୍ଟାଇନଙ୍କ ଲକ୍ଷ୍ୟ ଥିଲା ମାନବଜାତିର ଲାଭ ପାଇଁ ବିଜ୍ଞାନକୁ ବ୍ୟବହାର କରିବା, କିନ୍ତୁ ତାଙ୍କର ଆବିଷ୍କାରଗୁଡ଼ିକୁ ଯୁଦ୍ଧରେ ବ୍ୟବହାର କରାଯାଇଥିଲା, ଯାହା ପାଇଁ ସେ ନିଜେ ଦୁଃଖିତ ଥିଲେ।

ସୁଜନପୁର, ଯାଜପୁର
ମୋବାଇଲ:୯୪୩୭୨୮୦୨୮

# ଯଦି ଭାରତର ସମସ୍ତ ଯାନବାହନ ଇଲେକ୍ଟ୍ରିକ୍ ହୋଇଯାଏ ?



ମନସିଜ୍ ଦାସ

ମଧ୍ୟପ୍ରାଚ୍ୟରେ ସଂଗଠିତ ଭୟଙ୍କର ଯୁଦ୍ଧ ଭିତରେ ଭାରତରେ ତେଲ, ଘରୋଇ ଗ୍ୟାସ ଓ ଲୁବ୍ରିକାଣ୍ଟକୁ ନେଇ ଭାଳେଣି ପଡ଼ିଗଲାଣି। ପ୍ରତିଦିନ ଭାରତର ରାସ୍ତାରେ ଲକ୍ଷ ଲକ୍ଷ ଯାନବାହାନ ଚାଲୁଛି। ଆମେ ଦେଖୁଛୁ ମଫସଲ ଠାରୁ ସହର ଫାଙ୍କା ରାସ୍ତା ହେଉ ବା ଭିଡ଼, ଦୁଇ ଚକିଆ ଠାରୁ ତିନିଚକିଆ, କାର ଠାରୁ ହାଇୱା ଏବଂ ଦେଶର ଭିତ୍ତିଭୂମି, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗେଇ ନେଉଥିବା ଟ୍ରକ। ଏସବୁ ଭିତରୁ ଅଧିକାଂଶ ପ୍ରେଟୋଲ ବା ଡିଜେଲ ଦ୍ୱାରା ପରିଚାଳିତ। ଥରେ ଚିନ୍ତା କରି ଦେଖନ୍ତୁ, ଯଦି ଭାରତର ସମସ୍ତ ଯାନବାହାନ ଇଲେକ୍ଟ୍ରିକ ହୋଇଯାଏ ତେବେ କ'ଣ ହେବ? କେହି କେହି ଏହାକୁ ଧୂଆଁ ମିଶା ଭାଷଣ କହିପାରନ୍ତି କିନ୍ତୁ ଏହା ନିଃସନ୍ଦେହ ଯେ ଏ ବ୍ୟବସ୍ଥାଟି ଭାରତର ଅର୍ଥନୀତି, ଉର୍ଜ୍ଜା ସୁରକ୍ଷା ଓ ପରିବେଶର ଭବିଷ୍ୟତକୁ ଆମୂଳ ଚୂଳ ଓଲଟ ପାଲଟ କରିଦେଇପାରେ।

ଆମେ ଜାଣିଛେ ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନୀ କାରୀ ଦେଶ। ଭାରତରେ ଚାହିଦା ଠାରୁ ଖୁବ କମ ପରିମାଣର ତେଲ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନୀ କରିଥାଏ। ଦେଶର ଜିଡ଼ିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନୀ ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ। ତେଲ ବ୍ୟବହାରର ବଡ଼ ରାଜସ୍ୱ ପରିବହନ ଖାତାରୁ ଆସିଥାଏ। ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହାନ ଉପଭୋଗ କରେ। ଏହି କ୍ଷେତ୍ରରେ ହିଁ ଆମେ ଆଜିର ଆଲୋଚନାଟି ରଖୁଛୁ। ଯଦି ଯାନବାହାନ ଗୁଡ଼ିକ ଧୀରେ ଧୀରେ ଇଲେକ୍ଟ୍ରିକ ଯୁକ୍ତ ହୋଇଯାଆନ୍ତି ତେବେ ଭାରତର ତୈଳ ଆମଦାନୀର ଚାପଗ୍ରସ୍ତ ବଡ଼ ଅଂଶଟି କମିଯିବ। ଏହାର ସୁଯୋଗର ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବା ସହ ଆମ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ପନ୍ନ କରିବା ପାଇଁ ଏକା ଏକ ବଡ଼ ସ୍ୱାସ୍ଥ୍ୟକର ପରିବର୍ତ୍ତନର ସହାୟକ ହେବ।

ଆମେ ଜାଣିଛେ ସମଗ୍ର ବିଶ୍ୱରେ ତେଲ ବଜାର ସବୁବେଳେ ଅସ୍ଥିର ରହିଥାଏ। ପରିପାର୍ଶ୍ୱିକ ଘଟଣାବଳୀ, ଯୁଦ୍ଧ, ଭୂରାଜନୈତିକ ସଙ୍କଟ, ନିଷେଧାଦେଶ କିମ୍ବା ଉତ୍ପାଦନ କମିଲେ ତେଲ ଦାମ ହଠାତ୍ ବଢ଼ିଯାଏ। ଭାରତ ଭଳି ବଡ଼ ଆମଦାନକାରୀ ଓ ତେଲ ଉପରେ ଅଧିକ ନିର୍ଭରଶୀଳ ଦେଶମାନେ ଏହି ଅସ୍ଥିରତାର ପ୍ରଭାବକୁ ବେଶ ସହଜରେ ଅନୁଭବ କରନ୍ତି।



କିନ୍ତୁ ଇଲେକ୍ଟ୍ରିକ ଯୁକ୍ତ ଯାନବାହାନ ବ୍ୟବସ୍ଥା ବିଦେଶୀ ତେଲ ଉପରୁ ନିର୍ଭରତା କମାଇ ପାରିବ। ତାହାର ବଦଳରେ ଦେଶରେ ଉତ୍ପାଦିତ ବିଦ୍ୟୁତ ଶକ୍ତି ଯାନବାହାନକୁ ଚଲାଇ ପାରିବେ। ଏହା ଭାରତକୁ ଏକ ବହୁତ ବଡ଼ ଉର୍ଜ୍ଜା ନିର୍ଭରତାରୁ ଉର୍ଜ୍ଜା ସୁରକ୍ଷା ଦିଗକୁ ଆଗେଇ ନେଇଯିବ।

ବର୍ତ୍ତମାନ ସମୟରେ ପରିବେଶକୁ ନେଇ ଆମେ ଅନେକ ବିପର୍ଯ୍ୟୟ ଓ ଆହ୍ୱାନକୁ ସାମ୍ନା କରୁଛୁ। ଭାରତର ମୋଟ କାର୍ବନ ନିସ୍ତାରଣର ପ୍ରାୟ ୧୦ରୁ ୧୨% ପରିବହନ କ୍ଷେତ୍ରରୁ ଆସିଥାଏ। ବର୍ତ୍ତମାନ ଭାରତର ଛୋଟବଡ଼ ଅଧିକାଂଶ ସହରରେ ବାୟୁ ପ୍ରଦୂଷଣର ବଡ଼ କାରଣ ହେଉଛି ଯାନବାହାନର ବିଷାକ୍ତ ଧୂଆଁ। ଇଲେକ୍ଟ୍ରି ଯାନବାହାନରୁ ଏହି ନିସ୍ତାରଣ ହୋଇନଥାଏ। ଯଦି ଭାରତର ୩୦ କୋଟିରୁ ଅଧିକ ଯାନବାହାନର ବଡ଼ ଅଂଶ ଇଲେକ୍ଟ୍ରିକ ହୋଇଯାଏ ସହର ମାନଙ୍କର ବାୟୁ ଗୁଣବତ୍ତା ଦୃଶ୍ୟମାନ ଭାବରେ ଉନ୍ନତ ହେବ। ଟିକିଏ ଭଲ ଭାବେ ଚିନ୍ତା କରନ୍ତୁ ଏହାର ସୁଫଳ ଆମ ମାନଙ୍କୁ ଅନେକ ମିଳିବ। ସ୍ୱଚ୍ଛ ଓ ନିରୋଗ ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶଟି ପାଇବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ଆସିବ, ଚିକିତ୍ସା ବ୍ୟୟ ଖର୍ଚ୍ଚ କମିବ ଓ ଉତ୍ତମ ଜୀବନମାନ ଆମେ ନିର୍ବାହ କରିପାରିବା। ଏହି ଆଲୋଚନା ବେଳେ ଏକ ସ୍ୱାଭାବିକ ପ୍ରଶ୍ନ ଆସେ ଯେ ବିଦ୍ୟୁତ କେଉଁଠାରୁ ଆସିଥାଏ? ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ନବୀକରଣଶୀଳ ଉର୍ଜ୍ଜା ବଜାର ମାନଙ୍କ ମଧ୍ୟରେ ଗୋଟିଏ।

ଦେଶରେ ବର୍ତ୍ତମାନ ୧୮୦ଗିଗାୱାଟରୁ ଅଧିକ ନବୀକରଣଶୀଳ ଶକ୍ତିକ୍ଷମତା ସ୍ଥାପିତ ହୋଇଛି। ଯେଉଁଥିରେ ସୂର୍ଯ୍ୟ, ପବନ ଓ ଜଳ ବିଦ୍ୟୁତ ଅନ୍ତର୍ଭୁକ୍ତ। ଯଦି ଇଲେକ୍ଟ୍ରିକ ଯାନବାହାନ ଓ ନବୀକରଣଶୀଳ ଶକ୍ତି ସାଥୀ ହୋଇ ଆଗକୁ ବଢ଼ନ୍ତେ ତେବେ ସମୟ ଆସିବ ଦିନେ ଆମ ମାନଙ୍କର ଯାନବାହାନ ସୂର୍ଯ୍ୟ ଓ ପବନ ଶକ୍ତିରେ ଚାଲିପାରିବ। ଆଜି ଆମ ଦେଶର ବଡ଼ ରାଜସ୍ୱ, ସମୟ, ସମ୍ପଦ ତଳେ ଆମଦାନୀ, ବିଶୋଧନକରଣ, ଇନ୍ଧନ ବିତରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛି। ତେବେ ଇଲେକ୍ଟ୍ରିକ ଯାନବାହାନରେ ବ୍ୟାଟେରୀ ପ୍ରଯୁକ୍ତି ଓ ଉନ୍ନତ ଚାର୍ଜିଂ ଢ଼ାଞ୍ଚା ରହୁଥିବାରୁ ବିଦ୍ୟୁତ୍ ଗ୍ରୀଡ଼ ଆଧୁନିକୀକରଣ ଜରୁରୀ। ଏହାଦ୍ୱାରା ଭାରତ ଏହାର ବଡ଼ ଆୟର ଭାଗ ଭବିଷ୍ୟତ ନିମିତ୍ତ ଉର୍ଜ୍ଜା ପ୍ରଯୁକ୍ତିର ନିବେଶ କରିପାରିବ। ଏହା କେବଳ ଉର୍ଜ୍ଜାର ପ୍ରସଙ୍ଗ ନୁହେଁ ନୂଆ ଶିଳ୍ପ ଗଢ଼ି ଉଠିବା ସହ ବ୍ୟାପକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବ। ଏହାର ବିକଶିତ କ୍ଷେତ୍ର ବ୍ୟାଟେରୀ ଉତ୍ପାଦନ, ଇଭି ଉପକରଣ ନିର୍ମାଣ, ଚାର୍ଜିଂ ନେଟୱାର୍କ, ସ୍ମାର୍ଟ ମୋବିଲିଟି ପ୍ରଯୁକ୍ତିକୁ ତ୍ୱରାନ୍ୱିତ କରିବ। ଭାରତକୁ ଏକ ଇଲେକ୍ଟ୍ରିକ ଯାନ ଶିଳ୍ପର ପ୍ରମୁଖ ହବ୍ ଭାବରେ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାର ସମ୍ଭାବନା ମଧ୍ୟ ରହିବ ନିଶ୍ଚୟ। କେହି କେହି ଇଲେକ୍ଟ୍ରିକ ଯାନର ବ୍ୟାପକ ବ୍ୟବହାରକୁ ଦିବା ସ୍ୱପ୍ନ କହିପାରନ୍ତି କିନ୍ତୁ ଏହା ତେଲ ଆମଦାନୀ ନିର୍ଭରତା ଉପରେ ନିୟନ୍ତ୍ରଣ ରଖିବା ସହ ଏକ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ଆମେ ସୃଷ୍ଟି କରିପାରିବା ଏବଂ ଭାରତ ସୂର୍ଯ୍ୟ, ପବନ ଓ ବିଦ୍ୟୁତ ଶକ୍ତିରେ ଏକ ଉନ୍ନତ ଅତ୍ୟାଧୁନିକ ପ୍ରଯୁକ୍ତି ସମ୍ପନ୍ନ ଭବିଷ୍ୟତ ଗଢ଼ିବାରେ ସମର୍ଥ୍ୟ ହେବ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ
ଗୁରୁଗ୍ରାମ, ହରିୟାନା

# ଇରାନ ଉପରେ ଆମେରିକାର 'ବଙ୍କର ବଷ୍ଟର' ବୋମା ଆକ୍ରମଣ



ତେହେରାନ, ୧୮।୩ଃ ହର୍ମୁଜ୍ ପ୍ରଣାଳୀରେ ବଡ଼ ଆକ୍ରମଣ କଲା ଆମେରିକା ସେନା। ଇରାନୀ କ୍ଷେପଣାସ୍ତ୍ର ସ୍ଥଳ ଉପରେ ୫ ହଜାର ପାଉଣ୍ଡର ବଙ୍କର ବଷ୍ଟର ବୋମା ମାଡ଼। ଆମେରିକାର କେନ୍ଦ୍ରୀୟ କମାଣ୍ଡ ଘୋଷଣା କରିଛି, କିଛି ଘଣ୍ଟା ପୂର୍ବରୁ, ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀ ନିକଟରେ ଇରାନ ଉପକୂଳରେ ଅବସ୍ଥିତ କ୍ଷେପଣାସ୍ତ୍ର ଘାଟି ଉପରେ ଆକ୍ରମଣ କରିଛି। ସେଣ୍ଟକମ୍ ଅନୁଯାୟୀ, ଏହି ଘାଟିଗୁଡ଼ିକରେ ମୁତୟନ ହୋଇଥିବା ଇରାନ ଜାହାଜର କ୍ରୁଜ୍ କ୍ଷେପଣାସ୍ତ୍ର ଆନ୍ତର୍ଜାତୀୟ ଜାହାଜଗୁଡ଼ିକର ଗତିବିଧି ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି।

ଆମେରିକାର ସେନା ଏହି ଘାଟିଗୁଡ଼ିକ ଉପରେ ୫ ହଜାର ପାଉଣ୍ଡ ବା ୨,୨୦୦ କିଲୋଗ୍ରାମ୍‌ର ବଙ୍କର ବଷ୍ଟର ବୋମା ସଫଳତାର ସହ ମାଡ଼ କରିଛି। ସେଣ୍ଟକମ୍ କହିଛି, ହର୍ମୁଜ୍ ପ୍ରଣାଳୀରେ ସୁରକ୍ଷିତ ଏବଂ ଅବାଧ ନୌବାହନ ସୁନିଶ୍ଚିତ କରିବା ପାଇଁ ଏହି ଆକ୍ରମଣ କରାଯାଇଛି। ଇରାନ ଏବଂ ଇସ୍ରାଏଲ ଦ୍ୱାରା ଆକ୍ରମଣ ପରେ ବର୍ଦ୍ଧିତ ବିପଦ ଯୋଗୁଁ ଆମେରିକା ଏହି ପଦକ୍ଷେପ ନେଇଛି। ଇରାନ ପୂର୍ବରୁ ଦାବି କରିଥିଲା, ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରାଯାଇନାହିଁ। ଆମେ କେବଳ ଆମେରିକା ଏବଂ ଇସ୍ରାଏଲ ଜାହାଜକୁ ଧମକ ଦେଉଛୁ। ତେବେ ଭୟ ଯୋଗୁଁ ଅନେକ ଅନ୍ତର୍ଜାତୀୟ ଜାହାଜ ଏହି ପ୍ରଣାଳୀ ଦେଇ ଯାଉନାହାନ୍ତି। ସାଟେଲାଇଟ୍ ଚିତ୍ରଗୁଡ଼ିକ ମଧ୍ୟ ପ୍ରକାଶ କରିଛି, ଅନେକ ଜାହାଜ ସମ୍ଭାବ୍ୟ ଆକ୍ରମଣ ଭୟରେ ଅଟକି ରହିଛନ୍ତି।

ଇରାନର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ସୁରକ୍ଷିତ ଓ ଅଭେଦ୍ୟ ମିସାଇଲ ଲଞ୍ଚିଂ ପ୍ୟାଡଗୁଡ଼ିକୁ ଆମେରିକା ଟାର୍ଗେଟ କରିଛି, ଆନ୍ତର୍ଜାତୀୟ ଜଳପଥରେ ଜାହାଜ ଚଳାଚଳକୁ ସୁରକ୍ଷିତ ରଖିବା ପାଇଁ ଆମେରିକା ଏହି ପଦକ୍ଷେପ ନେଇଥିବା କହିଛି। ଇରାନ ହୋର୍ମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ଧମକ ଦେବା ପରେ ଆମେରିକା ନିଜର ଶକ୍ତି ପ୍ରଦର୍ଶନ କରିଛି। ଏହି ବୋମାଗୁଡ଼ିକ ସାଟେଲାଇଟ ଗାଇଡେଡ୍ ହୋଇଥିବାରୁ ଯେକୌଣସି ପାଣିପାଗରେ ଶତ୍ରୁର ଠିକଣାକୁ ସଠିକ ଭାବେ ଧ୍ୱଂସ କରିପାରେ।

## ଇସ୍ରାଏଲର ଟାର୍ଗେଟରେ ଇରାନ ସୁପ୍ରିମ୍ ଲିଡର



ଇସ୍ରାଏଲ, ୧୮।୩ଃ ମୋଜତବାଙ୍କୁ ହତ୍ୟା କରିବାକୁ ଇସ୍ରାଏଲର ଶପଥ। ଯୁଦ୍ଧକୁ ତିନି ସପ୍ତାହ ହୋଇସାରିଥିବାବେଳେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତବା ଖେମିନି ଯେଉଁଠି ବି ଥାଆନ୍ତୁ ତାଙ୍କୁ ଖୋଜି ହତ୍ୟା କରିବାକୁ ଶପଥ ନେଇଛି ଇସ୍ରାଏଲ ସେନା। ଇସଲାମିକ ଗଣରାଜ୍ୟ ଇରାନର ଶକ୍ତିଶାଳୀ ଜାତୀୟ ସୁରକ୍ଷା ମୁଖ୍ୟ ଅଲି ଲାରିଜାନିଙ୍କୁ ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ହତ୍ୟା କରିବା ପରେ ଇସ୍ରାଏଲ ଏହା କହିଛି। ଇସ୍ରାଏଲ ସେନାର ମୁଖପାତ୍ର ବ୍ରିଗେଡିୟର ଜେନେରାଲ ଏଫି ଡେଫରିନ୍ ଗଣମାଧ୍ୟମକୁ କହିଛନ୍ତି, ଆମେ ମୋଜତବାଙ୍କ ସମ୍ପର୍କରେ ଜାଣିନାହୁଁ। ତାଙ୍କୁ କେବେ ଶୁଣିନାହୁଁ କି ଦେଖିନାହୁଁ। କିନ୍ତୁ ଆମେ ତାଙ୍କୁ ଖୋଜି ହତ୍ୟା କରିବୁ। ଅପରପକ୍ଷେ ଇରାନର ଶକ୍ତିଶାଳୀ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡସ୍ ବୁଧବାର ଏକ ବିବୃତିରେ କହିଛି, ଅଲି ଲାରିଜାନି ଏବଂ ତାଙ୍କ ସାଥୀଙ୍କ ରକ୍ତର ପ୍ରତିଶୋଧ ପାଇଁ କେନ୍ଦ୍ରୀୟ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଇରାନର ସେନା ମୁଖ୍ୟ ଆମିର୍ ହତାମି ମଧ୍ୟ ଲାରିଜାନିଙ୍କ ହତ୍ୟାର ପ୍ରତିଶୋଧ ନିଆଯିବ ବୋଲି କହିଛନ୍ତି। ଇସ୍ରାଏଲ ଉପରେ ଏହି ଆକ୍ରମଣ ନିର୍ଣ୍ଣାୟକ ଓ ଅନୁତାପ କରିବା ପରି ହେବ।

## ଲେବାନନ ଉପରେ ଆକ୍ରମଣ, ୬ ମୃତ



ଇସ୍ରାଏଲ, ୧୮।୩ଃ ଇସ୍ରାଏଲ ପୁଣି ଥରେ ଲେବାନନ ଉପରେ ଜୋରଦାର ଆକ୍ରମଣ କରିଛି। ବେରୁତରେ ଇସ୍ରାଏଲୀ ବିମାନ ଆକ୍ରମଣରେ ଅତି କମରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଇରାନ ସମର୍ଥିତ ହିଜବୋଲ୍ଲା ଗୋଷ୍ଠୀ ବିରୁଦ୍ଧରେ ଇସ୍ରାଏଲର ଆକ୍ରମଣ ତୀବ୍ର ହେବା ସହିତ ଲେବାନନର ରାଜଧାନୀକୁ ଥରାଇ ଦେଇଛି। ଇସ୍ରାଏଲୀ ବିମାନ ଆକ୍ରମଣ ହିଜବୋଲ୍ଲା-ନିୟନ୍ତ୍ରିତ ଦକ୍ଷିଣ ବେରୁତରେ ମଧ୍ୟ ଆକ୍ରମଣ କରିଥିଲା। ମଧ୍ୟରାତ୍ରୀରେ ଏୟାର ଷ୍ଟ୍ରାଇକରେ ବେରୁତର ଜୁକାକ୍ ଅଲ୍-ବ୍ଲାଟ୍ ଜିଲ୍ଲାରେ ଏକ ଆପାର୍ଟମେଣ୍ଟ ବ୍ଲକର ଅନେକ ମହଲା ଧ୍ୱଂସ ପାଇଯାଇଥିଲା। ଏହାପରେ ସକାଳ ସମୟରେ, ଏକ ଅଧିକ ଶକ୍ତିଶାଳୀ ଆକ୍ରମଣରେ ବାଚୌରା ପଡ଼ୋଶୀରେ ଏକ ସମ୍ପୂର୍ଣ୍ଣ କୋଠା ଧ୍ୱଂସ ହୋଇଛି। ବାଚୌରା ଆକ୍ରମଣ ପୂର୍ବରୁ, ଇସ୍ରାଏଲୀ ସେନା ସୋସିଆଲ ମିଡିଆରେ ଏକ ଚେତାବନୀ ଜାରି କରିଥିଲା। ଗୋଟିଏ କୋଠାକୁ ହାଇଲାଇଟ୍ କରି ଅଞ୍ଚଳରେ ଥିବା ହିଜବୋଲ୍ଲା ପ୍ରତିଷ୍ଠାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲା। ତେବେ ଜୁକାକ୍ ଅଲ୍-ବ୍ଲାଟ୍ ଏବଂ ବାସ୍ତାରେ ହୋଇଥିବା ଆକ୍ରମଣ ପୂର୍ବରୁ କୌଣସି ଚେତାବନୀ ଜାରି କରାଯାଇନଥିଲା।

## ସହାୟତା ହାତ ବଢ଼ାଇଲା ଭାରତ
## ଇରାନରେ ପହଞ୍ଚିଲା ଚିକିତ୍ସା ଉପକରଣ



ନୂଆଦିଲ୍ଲୀ, ୧୮।୩ଃ ଭାରତ ଇରାନକୁ ସହାୟତା ପ୍ରଦାନ କରିଛି, ଯାହା ବର୍ତ୍ତମାନ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବଢାଇଦେଇଛି। ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଭାରତରୁ ଚିକିତ୍ସା ଉପକରଣ ଇରାନକୁ ପଠାଯାଇଛି। ଏହାକୁ ଇରାନୀ ରେଡ କ୍ରିସେଣ୍ଟ ସୋସାଇଟିକୁ ହସ୍ତାନ୍ତର କରାଯାଇଛି। ଏହି ପରିପ୍ରେକ୍ଷୀରେ, ଭାରତରେ ଥିବା ଇରାନୀ ଦୂତାବାସ କହିଛି ଯେ ଏହା ଭାରତରୁ ଔଷଧ ଏବଂ ଚିକିତ୍ସା ଉପକରଣର ପ୍ରାରମ୍ଭିକ ସହାୟତା। ଏହି ଚିକିତ୍ସା ସହାୟତା ଆନୁଷ୍ଠାନିକ ଭାବରେ ଇରାନୀ ରେଡ କ୍ରିସେଣ୍ଟ ସୋସାଇଟିକୁ ହସ୍ତାନ୍ତର କରାଯାଇଛି। ଏହି ଚିକିତ୍ସା ସହାୟତା ପାଇଁ, ଇରାନ ଭାରତର ସମ୍ମାନିତ ଏବଂ କରୁଣାମୟ ଲୋକଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ପ୍ରକାଶ କରିଛି। ଭାରତରେ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫତ'ହାଲି ଦିଲ୍ଲୀ ଏବଂ ତେହେରାନ ମଧ୍ୟରେ ସମ୍ପର୍କକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି। ଇରାନ ଭାରତକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ର ଭାବରେ ମାନନ୍ତି ବୋଲି ସେ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଉଭୟ ଦେଶ ସାଧାରଣ ସ୍ୱାର୍ଥ ବହନ କରନ୍ତି; ଫଳସ୍ୱରୂପ, ଉଭୟ ରାଷ୍ଟ୍ର ପରସ୍ପରର ସ୍ୱାର୍ଥ ପ୍ରତି ସଚେତନ ରହିବା ଉଚିତ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଚିକିତ୍ସା ସହାୟତା ପୂର୍ବରୁ, ଭାରତ ଆମର ଅନୁରୋଧଗୁଡ଼ିକୁ ଗ୍ରହଣ କରି ସାମୁଦ୍ରିକ ପ୍ରସଙ୍ଗରେ ପ୍ରକୃତରେ ଅମୂଲ୍ୟ ସାହାଯ୍ୟ ପ୍ରଦାନ କରିଥିଲା। ଦୁଃଖର ବିଷୟ, ଅନ୍ୟ ଅନେକ ରାଷ୍ଟ୍ର ସହଯୋଗ କରିବାକୁ ମନା କରିଛନ୍ତି। ଏହି ପ୍ରତ୍ୟାଖ୍ୟାନ ପାଇଁ ଆମେ ସେମାନଙ୍କୁ କଠୋର ଜବାବ ଦେବାକୁ ଚାହୁଁଛୁ; ଆଗାମୀ ଦିନରେ ବିଶ୍ୱ ଏହି ବିଷୟରେ ଅଧିକ ଶୁଣିବ। ଇରାନ କୌଣସି ଶତ୍ରୁତାପୂର୍ଣ୍ଣ କାର୍ଯ୍ୟକୁ ଉତ୍ତର ନଦେଇ ଛାଡିବ ନାହିଁ।

### ରାଜ୍ୟସଭା ସାଂସଦଙ୍କ ଉଦ୍ଦେଶ୍ୟରେ ବିଦାୟୀ ଭାଷଣ
## ରାଜନୀତିରେ କୌଣସି ପୂର୍ଣ୍ଣଚ୍ଛେଦ ନାହିଁ



ନୂଆଦିଲ୍ଲୀ, ୧୮।୩ସଂସଦରେ ବଜେଟ ଅଧିବେଶନ ଚାଲିଛି। ଏହାରି ଭିତରେ, ଆଜି ୩୭ ଜଣ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହି ଅବସରରେ, ପ୍ରଧାନମନ୍ତ୍ରୀ ମୋଦୀ ସାଂସଦମାନଙ୍କୁ ବିଦାୟୀ ଭାଷଣ ମଧ୍ୟ ଦେଇଥିଲେ। ରାଜ୍ୟସଭାରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଗୃହରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୁଏ ଏବଂ ପ୍ରତ୍ୟେକ ସଦସ୍ୟଙ୍କର ଏକ ଅନନ୍ୟ ଭୂମିକା ଥାଏ। ପ୍ରଧାନମନ୍ତ୍ରୀ ମୋଦୀ ଯେତେବେଳେ ଅଠାୱଲେଙ୍କ ବିଷୟରେ ତାଙ୍କ ବକ୍ତବ୍ୟ ରଖିଥିଲେ, ସଂସଦ ହସରେ ଫାଟି ପଡ଼ିଥିଲା।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏପରି ମୁହୂର୍ତ୍ତରେ, ପାରସ୍ପରିକ ସମ୍ମାନର ଭାବନା ଦଳୀୟ ସୀମା ଅତିକ୍ରମ କରେ। 'ମୁଁ କାର୍ଯ୍ୟକାଳ ଶେଷ ହେବା ପରେ ଗୃହ ଛାଡି ଯାଉଥିବା ନେତାମାନଙ୍କୁ କହିବାକୁ ଚାହୁଁଛି ଯେ ରାଜନୀତିରେ କୌଣସି ପୂର୍ଣ୍ଣଚ୍ଛେଦ ନାହିଁ,' ବୋଲି କହିଥିଲେ।ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏଚ୍ ଡି ଦେବେଗୌଡା, ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଶରଦ ପାୱାର ହେଉଛନ୍ତି ବରିଷ୍ଠ ନେତା ଯେଉଁମାନେ ସଂସଦୀୟ କାର୍ଯ୍ୟରେ ଅଧାରୁ ଅଧିକ ଜୀବନ ବିତାଇଛନ୍ତି। ନବ ନିର୍ବାଚିତ ସାଂସଦମାନେ ସେମାନଙ୍କଠାରୁ ଶିଖିବା ଉଚିତ। ରାଜ୍ୟ ସଭାରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ କେତେକ ସମୟରେ ଏହା ଶୁଣାଯାଉଥିଲା ଯେ ଗୃହରେ ହାସ୍ୟରସ ଏବଂ ବ୍ୟଙ୍ଗ ପାଇଁ ଅନେକ ସୁଯୋଗ ଅଛି। ଆଜିକାଲି ଏହା ଧୀରେ ଧୀରେ ହ୍ରାସ ପାଉଛି। କିନ୍ତୁ ଆମର ଆଠାୱଲେ ଜୀ ଚିରସର୍ବଦା। ସେ ଆମକୁ ଛାଡି ଯାଉଛନ୍ତି, କିନ୍ତୁ ଏଠାରେ କେହି ତାଙ୍କୁ ମିସ୍ କରିବେ ନାହିଁ। ମୁଁ ନିଶ୍ଚିତ ଯେ ସେ ପ୍ରଚୁର ପରିମାଣରେ ବ୍ୟଙ୍ଗ ଏବଂ ହାସ୍ୟରସ ପ୍ରଦାନ କରି ଚାଲିବେ। ଉପାଧ୍ୟକ୍ଷ ହରିବଂଶ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବଗୌଡା ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ସମେତ ୫୯ ଜଣ ସଦସ୍ୟଙ୍କ କାର୍ଯ୍ୟକାଳ ଏପ୍ରିଲ ଏବଂ ଜୁନ ମଧ୍ୟରେ ଶେଷ ହେଉଛି। ଏହି ସଦସ୍ୟଙ୍କ ମଧ୍ୟରୁ ୩୭ ଜଣଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୧୮ ରେ ଶେଷ ହେଉଛି। କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ରାଜନୀତି ଏବଂ ସାର୍ବଜନୀନ ଜୀବନରେ ଥିବା ଲୋକମାନେ ଦେଶ ସେବା ପ୍ରତି ଆଗ୍ରହ ହେତୁ କ୍ଳାନ୍ତ ହୁଅନ୍ତି ନାହିଁ କିମ୍ବା ଅବସର ନିଅନ୍ତି ନାହିଁ। ଖଡଗେ କହିଛନ୍ତି, 'ଏହି ବୟସରେ, ମୋତେ ଏହି ପ୍ରମାଣପତ୍ର ଦିଅ ନାହିଁ ଯେ ମୁଁ ଅର୍ଥହୀନ କଥା କହୁଛି। ନିୟମଗୁଡ଼ିକର ସମୀକ୍ଷା କରାଯିବା ଆବଶ୍ୟକ'।

# ଦିଲ୍ଲୀ ପାଲମର ୫ ମହଲା କୋଠାରେ ଭୟଙ୍କର ଅଗ୍ନିକାଣ୍ଡ
## ୩ ଶିଶୁଙ୍କ ସମେତ ୭ ଜଣ ଜୀବନ୍ତ ଦଗ୍ଧ



ନୂଆଦିଲ୍ଲୀ, ୧୮।୩ଃ ଦିଲ୍ଲୀରେ ଭୟାବହ ଅଗ୍ନିକାଣ୍ଡ। ହୁତୁହୁତୁ ହୋଇ ଜଳିଲା ୫ ମହଲା କୋଠା। ଦିଲ୍ଲୀର ପାଲମ ଅଞ୍ଚଳରେ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏକ ପାଞ୍ଚ ମହଲା ବିଶିଷ୍ଟ କୋଠାରେ ନିଆଁ ଲାଗିଯିବା ଫଳରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନେକ ଗୁରତର ଆହତ ହୋଇଛନ୍ତି। ଉଦ୍ଧାର କରାଯାଇଥିବା ଲୋକଙ୍କ ମଧ୍ୟରେ ତିନି ଜଣ ଶିଶୁ ଅଛନ୍ତି। ଯେଉଁମାନଙ୍କୁ ଅଧିକ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଛି। ଆଗକୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ନେଇ ସମ୍ଭାବନା ରହିଛି। କୁହାଯାଉଛି ଏକ କସମେଟିକ୍ସ ଦୋକାନରେ ନିଆଁ ଲାଗିବା ପରେ ଅଗ୍ନିକାଣ୍ଡ ଘଟିଛି। ଦିଲ୍ଲୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିଛି।

ବୁଧବାର ସକାଳେ ପାଲମ ମେଟ୍ରୋ ଷ୍ଟେସନ ନିକଟସ୍ଥ ଅଞ୍ଚଳରେ ଥିବା ଏକ କସମେଟିକ୍ସ ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା। ଗୋଟିଏ ପରେ ଗୋଟିଏ ଦୋକାନ ସହ ଉପର ମହଲାକୁ ବ୍ୟାପି ଯାଇଥିଲା। ନିଆଁ ଏତେ ତୀବ୍ର ଥିଲା ଯେ ସମ୍ପୂର୍ଣ୍ଣ କୋଠାଟି ଜଳି ଯାଇଛି। ସୂଚନା ପାଇବା ମାତ୍ରେ, ଦିଲ୍ଲୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଘର ଭିତରେ ଅନେକ ଲୋକ ଧୂଆଁରେ ଫସି ରହିଥିଲେ। ଉଦ୍ଧାରକାରୀ ଦଳ ସେମାନଙ୍କୁ ବାହାରକୁ ବାହାର କରିଥିଲେ। ହେଲେ ଘଟଣାସ୍ଥଳରେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ବର୍ତ୍ତମାନ ସେମାନଙ୍କର ଚିକିତ୍ସା କରାଯାଉଛି।

ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ମୋଟ ୩୦ଟି ଦମକଳ ଗାଡ଼ି ନିୟୋଜିତ କରାଯାଇଥିଲା। କୋଠାରେ ପ୍ରାୟ ୨୨ ଲୋକଙ୍କ ପରିବାର ରହୁଥିଲେ। କିନ୍ତୁ ସେହି ସମୟରେ ପରିବାରର ୧୦ ରୁ ୧୨ ଜଣ ସଦସ୍ୟ ଗୋଆ ବୁଲିବାକୁ ଯାଇଥିଲେ। ବାକି ଯେଉଁମାନେ ଘରେ ଥିଲେ ସେମାନେ ନିଆଁରେ ଫସି ଯାଇଥିଲେ। ହେଲେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲିଭାଯାଇନାହିଁ। ଅଗ୍ନିଶମ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ନିଆଁ ଲିଭାଇବା ପାଇଁ ନିରନ୍ତର ପାଣି ସ୍ପ୍ରେ କରୁଛନ୍ତି। କୋଠା ଭିତରୁ ଏବେ ବି ଧୂଆଁ ବାହାରୁଥିବାର ସୂଚନା ମିଳୁଛି। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ସହ ପରିସ୍ଥିତିକୁ ଧୀରେ ଧୀରେ ନିୟନ୍ତ୍ରଣ କରାଯାଉଛି। ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ଯାଏଁ ଜଣାପଡି ନାହିଁ। କିନ୍ତୁ ପ୍ରାଥମିକ ତଦନ୍ତରୁ ସର୍ଟ ସର୍କିଟ୍ରୁ ନିଆଁ ଲାଗିଥିବା ନେଇ ସନ୍ଦେହ କରାଯାଉଛି।

### ନୀତୀଶଙ୍କ ଇଶାରା
## ସବୁ ସମ୍ଭାଳିବେ ସମ୍ରାଟ



ବିହାର, ୧୮।୩ଃ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟସଭାକୁ ନିର୍ବାଚିତ ହେବା ପରେ କିଏ ହେବ ବିହାରର ମୁଖ୍ୟମନ୍ତ୍ରୀ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଜେପିରୁ କେହି ବି ମୁଖ୍ୟମନ୍ତ୍ରୀ ହେବେ ବୋଲି ଆକଳନ କରାଯାଉଥିବା ବେଳେ ନୀତୀଶଙ୍କ ଇଶାରା ଏବେ ସବୁ କିଛି ସ୍ପଷ୍ଟ କରିଦେଇଛି। ବିହାର ଜମୁଇରେ ଅନୁଷ୍ଠିତ ସମୃଦ୍ଧି ଯାତ୍ରାରେ ନୀତୀଶଙ୍କ ଇଶାରା ସ୍ପଷ୍ଟ କରୁଛି କି ଆଗାମୀ ମୁଖ୍ୟମନ୍ତ୍ରୀ ବିଜେପି ବିଧାୟକ ସମ୍ରାଟ ଚୌଧୁରୀ ହେବାକୁ ଯାଉଛନ୍ତି। କାର୍ଯ୍ୟକ୍ରମ ନେଇ ଆୟୋଜିତ ସଭାରେ ନୀତୀଶ କୁମାର ସମ୍ରାଟ ଚୌଧୁରୀଙ୍କ କାନ୍ଧରେ ହାତ ରଖି କହିଥିଲେ କି ଏବେ ଇଏ ସବୁ କାମ କରିବେ। ଏହି ବୟାନକୁ ନେଇ ଏବେ ଅନେକ ପ୍ରକାର ରାଜନୈତିକ କଳ୍ପନା ଆରମ୍ଭ ହୋଇଛି। ଏଥିରେ ବିହାରର ନେତୃତ୍ୱ ପରିବର୍ତ୍ତନ ନେଇ ବଡ଼ ସଂକେତ ଥିବା କୁହାଯାଉଛି।

କେବଳ ଏହି ସଭାରେ ନୁହେଁ ଏହା ପୂର୍ବରୁ ମଧ୍ୟ ନୀତୀଶ କୁମାର ଏଭଳି କିଛି ସଂକେତ ଦେଇଛନ୍ତି। ସମୃଦ୍ଧି ଯାତ୍ରା କ୍ରମରେ ନୀତୀଶ କୁମାର ମଧେପୁରା, କିଶନଗଞ୍ଜ, ବେଗୁସରାଇ, ସମେତ ସବୁ ଜିଲ୍ଲା ମଞ୍ଚରେ ସମ୍ରାଟ ଚୌଧୁରୀଙ୍କୁ ଆଗକୁ ନେଇ ଆସୁଛନ୍ତି। ସେ ଲୋକଙ୍କୁ କହୁଛନ୍ତି କି, ମୋତେ ଯେଭଳି ଆପଣମାନେ ସହଯୋଗ କରୁଥିଲେ, ସମ୍ରାଟଙ୍କୁ ମଧ୍ୟ ସେହିଭଳି ସହଯୋଗ

### ଆଇଏସଆଇର ବଡ଼ ଷଡ଼ଯନ୍ତ୍ର ପଣ୍ଡ
## ସାମରିକ ତଥ୍ୟ ପଠାଉଥିବା ୬ ଗୁପ୍ତଚର ଗିରଫ

ନୂଆଦିଲ୍ଲୀ, ୧୮।୩ଃ ଉତ୍ତର ପ୍ରଦେଶର ଗାଜିଆବାଦ ପୋଲିସ ଏକ ବଡ଼ ଧରଣର ଆନ୍ତର୍ଜାତୀୟ ଗୁପ୍ତଚର ନେଟୱାର୍କର ପର୍ଦ୍ଦାଫାଶ କରିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସଆଇର ନିର୍ଦ୍ଦେଶରେ କାମ କରୁଥିବା ୬ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ପଚରାଉଚରା ସମୟରେ ଜଣାପଡିଛି ଯେ, ଏହି ଗୋଷ୍ଠୀ ଭାରତର ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ଓ ରେଳ ଷ୍ଟେସନଗୁଡ଼ିକର ସମ୍ବେଦନଶୀଳ ତଥ୍ୟ ସୀମା ପାରକୁ ପଠାଉଥିଲେ। ତଦନ୍ତ ଅନୁଯାୟୀ, ଦିଲ୍ଲୀରୁ ଜମ୍ମୁ ପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ରେଳ ଷ୍ଟେସନରେ ୫୦ରୁ ଅଧିକ ସୋଲାର ପାଓ୍ୱାର କ୍ୟାମେରା ଲଗାଇବାକୁ ଏହି ସନ୍ଦିଗ୍ଧମାନେ ଯୋଜନା କରିଥିଲେ। ପୁଲୱାମା ଭଳି ଆଉ ଏକ ବଡ଼ ଆକ୍ରମଣ ପରେ ଭାରତୀୟ ସେନାର ଗତିବିଧି ଉପରେ ନଜର ରଖିବା ଏହି ଷଡ଼ଯନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସୂଚନାଯୋଗ୍ୟ ଯେ, ଗିରଫ ୬ ଜଣଙ୍କ ମଧ୍ୟରୁ



୪ ଜଣ ପୂର୍ବରୁ ପୁଲୱାମା ଯାଇ ସେଠାକାର ଫଟୋ ଓ ଭିଡିଓ ପାକିସ୍ତାନକୁ ପଠାଇ ସାରିଛନ୍ତି। ତେବେ ଗିରଫ ଅଭିଯୁକ୍ତମାନେ ହେଲେ ସୁହେଲ ମାଲିକ, ମେହକ, ରାଜ ବାଲ୍ମିକି, ଶିବ ବାଲ୍ମିକି, ହ୍ରିତିକ୍ ଗଙ୍ଗୱାର ଓ ପ୍ରବୀଣ। ଏମାନେ ସାମରିକ ଘାଟିର ଭିଡିଓ ଓ ଲୋକେସନ ପଠାଇବା ବଦଳରେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କଠାରୁ ମାତ୍ର ୫୦୦୦ରୁ ୨୦,୦୦୦ ଟଙ୍କା ପାଉଥିଲେ। ଏହି ନେଟୱାର୍କର ସମ୍ପର୍କ ମାଲେସିଆ, ୟୁକେ ଏବଂ ସାଉଦି ଆରବ ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡିଛି। ବର୍ତ୍ତମାନ ସମସ୍ତ ଅଭିଯୁକ୍ତ ୭ ଦିନିଆ ପୋଲିସ ରିମାଣ୍ଡରେ ଅଛନ୍ତି। ଏନଆଇଏ ଓ ଏଟିଏସ୍ ସହଯୋଗରେ ପୋଲିସ ସେହି ସ୍ଥାନଗୁଡ଼ିକର ଯାଞ୍ଚ କରୁଛି ଯେଉଁଠାରେ ସୋଲାର କ୍ୟାମେରା ଲଗାଯାଇଥିଲା। ଆଗାମୀ ଦିନରେ ଏହି ମାମଲାରେ ଆହୁରି ଅନେକ ବଡ଼ ଖୁଲାସା ହେବାର ସମ୍ଭାବନା ରହିଛି।

### ପାକିସ୍ତାନକୁ ଭାରତର ଚେତାବନୀ
## ଆଫଗାନିସ୍ତାନ ଅନାଥ ନୁହେଁ

ନୂଆଦିଲ୍ଲୀ, ୧୮।୩ଃ କୂଟନୀତି ଦୁନିଆରେ ପ୍ରାୟତଃ କଥାଗୁଡ଼ିକ ଅତି ମାପିଚୁପି, ବୁଲେଇ ବଙ୍କେଇ ଏବଂ କୂଟନୈତିକ ଶୈଳୀରେ କୁହାଯାଇଥାଏ। କିନ୍ତୁ ଯେତେବେଳେ ପାଣି ମୁଣ୍ଡ ଉପରକୁ ଚାଲିଯାଏ, ସେତେବେଳେ ସିଧାସଳଖ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିଥାଏ । ମାର୍ଚ୍ଚ ୧୬ ରାତିରେ ଆଫଗାନିସ୍ତାନର ରାଜଧାନୀ କାବୁଲରେ ପାକିସ୍ତାନ ଯେଉଁ ବର୍ବରତା ଦେଖାଇଛି, ତାହା ପରେ ଭାରତ ଠିକ୍ ସେଇଆ ହିଁ କରିଛି। ଜଣେ ବନ୍ଧୁ ରାଷ୍ଟ୍ରର ଘରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍‌କୁ ନେଇ କ୍ଷୁବ୍ଧ ଭାରତ ସ୍ପଷ୍ଟ କରିଦେଇଛି ଯେ, ଏଭଳି ବର୍ବରତା ସହ୍ୟ କରାଯିବନି । ଅନ୍ତର୍ଜାତୀୟ ସମୁଦାୟ ଏହା ନିଶ୍ଚିତ କରୁ ଯେ ଅପରାଧୀମାନଙ୍କୁ ଯେପରି କଠୋର ଦଣ୍ଡ ମିଳିବ।



ଭାରତର ଏହି ବୟାନ ସିଧାସଳଖ ଭାବେ ଇସଲାମିକ ଦୁନିଆ ଅର୍ଥାତ୍ ଓଆଇସିକୁ ଆଇନା ଦେଖାଇବା ପାଇଁ ଏକ ପ୍ରୟାସ। କୌଣସି ବି ଧର୍ମ, କୌଣସି ବି ଆଇନ କିମ୍ବା ମାନବିକତାର କୌଣସି ବି ପୁସ୍ତକ ହସ୍ପିଟାଲ ଉପରେ ବୋମା ମାଡ଼ କରିବାକୁ କଦାପି ଯଥାର୍ଥ ବୋଲି ଦର୍ଶାଇ ପାରିବ ନାହିଁ। ନିଜର ଆଭ୍ୟନ୍ତରୀଣ ରାଜନୀତି, କ୍ଷୁଧା, ମୁଦ୍ରାସ୍ଫୀତି ଏବଂ ଭୁଶୁଡ଼ି ପଡୁଥିବା ଅର୍ଥନୀତିରୁ ଜନସାଧାରଣଙ୍କ ଦୃଷ୍ଟି ହଟାଇବା ପାଇଁ ପାକିସ୍ତାନ ସୀମା ପାର୍‌ରେ ଯେଉଁ ରକ୍ତାକ୍ତ ସଂଘର୍ଷକୁ ଆପଣାଇଛି, ଭାରତ ସାରା ବିଶ୍ୱ ସମ୍ମୁଖରେ ତାହାର ସେହି 'ପୁରୁଣା ପ୍ରବୃତ୍ତି'ର ପର୍ଦ୍ଦାଫାଶ କରିଦେଇଛି। କାବୁଲର ନିଶା ମୁକ୍ତି କେନ୍ଦ୍ର ଉପରେ ପାକିସ୍ତାନର ବୋମାମାଡ଼ ପରେ ଭାରତ ଏଥର କେବଳ 'ନିନ୍ଦା' କରି ନିଜ କର୍ତ୍ତବ୍ୟ ଶେଷ କରିନାହିଁ, ବରଂ ଏପରି ଏକ ଶକ୍ତ ପ୍ରହାର କରିଛି, ଯାହାର ଗୁଞ୍ଜରଣ ରାୱଲପିଣ୍ଡି ସ୍ଥିତ ପାକ୍ ସେନା ମୁଖ୍ୟାଳୟଠାରୁ ଆରମ୍ଭ କରି ଇସଲାମାବାଦର ସତ୍ତା ଗଳି ପର୍ଯ୍ୟନ୍ତ ସ୍ପଷ୍ଟ ଶୁଣାଯାଉଛି। ଭାରତର ଏହି କଡ଼ା ଆଭିମୁଖ୍ୟ ପାକିସ୍ତାନର ସେହି ମିଛକୁ ସମ୍ପୂର୍ଣ୍ଣ ଭାବେ ଧୂଳିସାତ୍ କରିଦେଇଛି, ଯେଉଁଥିରେ ସେ 'ସାମରିକ ଲକ୍ଷ୍ୟ' ଉପରେ ଆକ୍ରମଣ କରୁଥିବା ଦାବି କରୁଥିଲା। ନୂଆଦିଲ୍ଲୀ ସ୍ପଷ୍ଟ ଶବ୍ଦରେ ଏହାକୁ ଏକ 'ନରସଂହାର' ବୋଲି ଅଭିହିତ କରିଛି । କୂଟନୀତି ଦୁନିଆରେ 'ନରସଂହାର' ଶବ୍ଦର ପ୍ରୟୋଗ ଅତି ସନ୍ତର୍ପଣରେ ଏବଂ କେବଳ ଅତି ଗମ୍ଭୀର ପରିସ୍ଥିତିରେ ହିଁ କରାଯାଇଥାଏ। ପାକିସ୍ତାନ ପାଇଁ ଭାରତ ଏହି ଶବ୍ଦ ବ୍ୟବହାର କରି ପାକିସ୍ତାନକୁ ଅନ୍ତର୍ଜାତୀୟ ମଞ୍ଚରେ ଜଣେ 'ଯୁଦ୍ଧ ଅପରାଧୀ' ଭାବେ ଠିଆ କରିଦେଇଛି। ଭାରତ ଆଫଗାନିସ୍ତାନର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ଦୃଢ଼ ସମର୍ଥନ କରି ପାକିସ୍ତାନକୁ ସିଧାସଳଖ ସନ୍ଦେଶ ଦେଇଛି ଯେ - ଆଫଗାନିସ୍ତାନ ଅନାଥ ନୁହେଁ। ଭାରତ ସ୍ପଷ୍ଟ କରିଦେଇଛି ଯେ ସେ ଆଫଗାନିସ୍ତାନର ଜନସାଧାରଣଙ୍କ ସହ ପାହାଡ଼ ଭଳି ଶକ୍ତ ହୋଇ ଛିଡ଼ା ହୋଇଛି।

# ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପ୍ ଉଦ୍‌ଘାଟିତ

## ଯୋଗଦେଲେ ୪୦ ଓଡ଼ିଆଙ୍କ ସମେତ ୧୪୬୦ ପାରା ଆଥଲେଟ୍




ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପ୍ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଓ ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶା (ପିଏସ୍‌ଏଓ) ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହାକୁମ୍ଭ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।

କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏହି ମହାକୁମ୍ଭରେ ୨୮ଟି ରାଜ୍ୟ ସମେତ ବିଏସ୍‌ଏଫ୍ (ବିଏସ୍‌ଏଫ୍) ଓ ଏସଏସବି (ଏସ୍‌ଏସ୍‌ବି) ରୁ ପ୍ରାୟ ୧୪୬୦ ପାରା ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି, ଯେଉଁଥିରେ ଆୟୋଜକ ଓଡ଼ିଶାରୁ ୪୦ ଜଣ କ୍ରୀଡ଼ାବିତ୍ ସାମିଲ ଅଛନ୍ତି। ମୋଟ ୧୪୫ଟି ପଦକ ଇଭେଣ୍ଟ ପାଇଁ ଏଠାରେ କଡ଼ା ପ୍ରତିଯୋଗିତା ହେଉଥିବା ବେଳେ ଖେଳାଳିମାନଙ୍କ ସୁବିଧା ପାଇଁ ପ୍ରତିଦିନ ଦୁଇଟି ପର୍ଯ୍ୟାୟରେ ଅର୍ଥାତ୍ ପୂର୍ବାହ୍ନ ୭ଟାରୁ ୧୧ଟା ଓ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଇଭେଣ୍ଟଗୁଡ଼ିକ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ଓଡ଼ିଶାର ପ୍ରତିଟି ବ୍ଲକରେ ନିର୍ମାଣ ହେଉଥିବା କ୍ରୀଡ଼ା ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ 'ଦିବ୍ୟାଙ୍ଗ ଅନୁକୂଳ' ହେବ। ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ - ୨୦୪୭' ସଂକଳ୍ପକୁ ସାକାର କରିବା ଦିଗରେ ଦିବ୍ୟାଙ୍ଗ ଖେଳାଳିମାନେ ସବୁଠାରୁ ଆଗରେ ରହିବେ। ସେହିପରି ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ ଦିବ୍ୟାଙ୍ଗ ଭାଇଭଉଣୀମାନେ ଆମ ଦେଶର ଗର୍ବ। ଜଗନ୍ନାଥ ମାଟିର ଆତିଥେୟତା ସାରା ଭାରତବର୍ଷ ପାଇଁ ଏକ ନିଦର୍ଶନ ହୋଇ ରହିବ।

# ନିର୍ବାଚନ ପୂର୍ବରୁ ବଦଳିଲେ ୧୩ ଜିଲ୍ଲା ମାଜିଷ୍ଟ୍ରେଟ

କୋଲକାତା,୧୮।୩(ସଂଚାର ବ୍ୟୁରୋ): ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ପ୍ରଶାସନିକ କ୍ଷେତ୍ରରେ ନିରନ୍ତର ପରିବର୍ତ୍ତନ କରିଆସୁଛନ୍ତି। ଏହି କ୍ରମରେ କମିଶନ ବୁଧବାର ରାଜ୍ୟର ୧୩ ଜଣ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ବଦଳି କରିଛନ୍ତି। ସେମାନଙ୍କୁ ବିଭିନ୍ନ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ଦେଇଛନ୍ତି। ବୁଧବାର ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଏକ ସରକାରୀ ଆଦେଶରେ କୁହାଯାଇଛି ଯେ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଛି। କମିଶନ ସମସ୍ତ ଅଧିକାରୀଙ୍କୁ ତୁରନ୍ତ ନୂଆ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୯ ତାରିଖ ଅପରାହ୍ନ ୩ଟା ସୁଦ୍ଧା ସେମାନଙ୍କୁ ଦାୟିତ୍ୱ ଗ୍ରହଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟା ସମାପ୍ତ ନହେବା ପର୍ଯ୍ୟନ୍ତ ଅପସାରିତ ଅଧିକାରୀମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ କୌଣସି ପଦବୀରେ ନିଯୁକ୍ତି ଦିଆଯିବ ନାହିଁ।

# ବେଦାନ୍ତ ଆଲୁମିନିୟମରେ ଜାତୀୟ ସୁରକ୍ଷା ମାସ ପାଳିତ



ଝାରସୁଗୁଡ଼ା,୧୮।୩(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ କର୍ମକ୍ଷେତ୍ର ସୁରକ୍ଷାକୁ ସୁଦୃଢ଼ କରିବା ଓ ସହଭାଗୀ ଦାୟିତ୍ୱର ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ୫୫ତମ ଜାତୀୟ ସୁରକ୍ଷା ମାସ ପାଳନ କରିଛି।

ଚଳିତ ବର୍ଷର ବିଷୟବସ୍ତୁ 'ଶିକ୍ଷିତ, ନିୟୋଜିତ ଓ ସୁରକ୍ଷା ବୃଦ୍ଧି କରିବାକୁ ସଶକ୍ତ କରନ୍ତୁ' ସହ ସଂଲଗ୍ନ, ଏହି ମାସବ୍ୟାପୀ ଅଭିଯାନ ବର୍ଦ୍ଧିତ ଅଂଶଗ୍ରହଣ ଓ ସକ୍ରିୟ ବିପଦ ପରିଚାଳନା ମାଧ୍ୟମରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛି। ଉଦଘାଟନୀ ଉତ୍ସବରେ କମ୍ପାନୀ କର୍ମଚାରୀ ଓ ବ୍ୟାବସାୟିକ ଅଂଶୀଦାରଙ୍କ ସମେତ ବରିଷ୍ଠ ସରକାରୀ ଅଧିକାରୀ ସ୍ୱରୂପ ଜେନା, ଡେପୁଟି ଡାଇରେକ୍ଟର, ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ (ଡିଡିଏଫବି) ଓ ଅର୍ଚ୍ଚନା ଦାସ, ସହକାରୀ ଡାଇରେକ୍ଟର, ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ (ଏଡିଏଫବି) ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପତାକା ଉତ୍ତୋଳନ ସମାରୋହ ସହ ଆରମ୍ଭ ହେବା ପରେ କମ୍ପାନୀର 'ଶୂନ୍ୟ କ୍ଷତି' ଦର୍ଶନକୁ ପୁନଃନିର୍ମାଣ କରିଥିବା ସାମୂହିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମାସ ସାରା ସୁରକ୍ଷା କୀ ଅଦାଲତ ଓ କୌନ ବନେଗା ସୁରକ୍ଷା ଚାମ୍ପିଅନ ଭଳି ଆକର୍ଷଣୀୟ ପଦକ୍ଷେପ ଆରମ୍ଭ କରାଯାଇଛି। ଏହା ସୁରକ୍ଷା ବାର୍ତ୍ତା ପ୍ରସାର କରିବା ସହ ସଚେତନତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ। ପଦକ୍ଷେପଗୁଡ଼ିକର ପ୍ରଭାବ ନେଇ ବେଦାନ୍ତ ଝାରସୁଗୁଡ଼ା ସିଇଓ ସି. ଚନ୍ଦୁ କହିଛନ୍ତି ଯେ ବେଦାନ୍ତ ଝାରସୁଗୁଡ଼ାରେ ସୁରକ୍ଷା ଏକ ମୂଳ ମୂଲ୍ୟ ଯାହା ଆମର କାର୍ଯ୍ୟର ପ୍ରତ୍ୟେକ ଦିଗକୁ ମାର୍ଗଦର୍ଶନ କରେ। ନିରନ୍ତର ସଚେତନତା ପ୍ରୟାସ, ନୂତନତମ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଓ ସକ୍ରିୟ କର୍ମଚାରୀ ନିୟୋଜନ ମାଧ୍ୟମରେ ଆମେ ଏକ ସଂସ୍କୃତି ନିର୍ମାଣ କରୁଛୁ, ଯେଉଁଠାରେ ସୁରକ୍ଷା ଦୈନନ୍ଦିନ କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଯାଏ। ଏହି ପଦକ୍ଷେପଗୁଡ଼ିକ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଶ୍ରୀ ଚନ୍ଦୁ କହିଛନ୍ତି।

ସେହିପରି ଉଦଘାଟନୀ ଉତ୍ସବରେ ଶ୍ରୀ ଜେନା କହିଛନ୍ତି ଯେ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବା ଦ୍ୱାରା ଶିଳ୍ପ କାର୍ଯ୍ୟରେ ସୁରକ୍ଷା ଉତ୍ପନ୍ନ ହୁଏ। ଏଥିପାଇଁ ସ୍ଥିର ସଚେତନତା, ଦୃଢ଼ ବ୍ୟବସ୍ଥା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ। ବେଦାନ୍ତ ଆଲୁମିନିୟମ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରୟାସ ଏକ ଶିଳ୍ପ ଇକୋସିଷ୍ଟମ ନିର୍ମାଣ କରିବାରେ ସାହାଯ୍ୟ କରେ ଯେଉଁଠାରେ ପ୍ରତ୍ୟେକ ପଦକ୍ଷେପରେ ସୁରକ୍ଷା ଅଭ୍ୟାସ ଏବଂ ପ୍ରୋତ୍ସାହିତ କରାଯାଏ।

# ଆମ ସହ ପ୍ରେମ, ମୋଦିଙ୍କୁ ବିବାହ

ନୂଆଦିଲ୍ଲୀ, ୧୮।୩ (ସଂଚାର ବ୍ୟୁରୋ): ରାଜ୍ୟସଭାରେ ବୁଧବାର ପ୍ରତିବାଦ, ପାଟିତୁଣ୍ଡ, ହୋହଲ୍ଲା ବଦଳରେ ଅନ୍ୟ କିଛି ଦେଖିବାକୁ ମିଳିଥିଲା। ରାଜ୍ୟସଭାର କେତେକ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ସେମାନେ ବିଦାୟୀ ଭାଷଣ ରଖିଥିଲେ। କଂଗ୍ରେସ ଅଧ୍ୟକ୍ଷ ତଥା ଉପର ସଦନରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବିଦାୟୀ ଭାଷଣ ବେଳେ ହାସ୍ୟରୋଳ ସୃଷ୍ଟି ହୋଇଥିଲା।



କଂଗ୍ରେସ ଅଧ୍ୟକ୍ଷ ଖଡ଼ଗେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବଗୌଡ଼ା ଏବଂ ଏନସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କ ବିଷୟରେ କହିଥିଲେ। ଉଭୟଙ୍କର ରାଜ୍ୟସଭାରେ ବର୍ତ୍ତମାନର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ତେବେ ପାୱାର ପୁଣି ଥରେ ଗୃହକୁ ଫେରିବାକୁ ଯାଉଛନ୍ତି। ଖଡ଼ଗେ କହିଥିଲେ ଯେ, ଦେବେଗୌଡ଼ା ପ୍ରଧାନମନ୍ତ୍ରୀ ଥିଲେ ଏବଂ ଅନ୍ୟାନ୍ୟ ଅନେକ ପଦବିରେ ରହି କାର୍ଯ୍ୟ କରିଥିଲେ। ମୁଁ ତାଙ୍କୁ ୫୪ ବର୍ଷ ହେଲା ଜାଣିଛି ଏବଂ ତାଙ୍କ ସହିତ କାମ କରିଛି। କିନ୍ତୁ ମୁଁ ଜାଣିନାହିଁ କ'ଣ ହେଲା ସେ ଆମ ସହିତ ଡେଟ୍ କରିଥିଲେ, ଆମକୁ ଭଲ ପାଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିବାହ କଲେ। ଖଡ଼ଗେଙ୍କ ଏହି ମନ୍ତବ୍ୟକୁ ନେଇ ଗୃହରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ସେତେବେଳେ ରାଜ୍ୟସଭାରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମଧ୍ୟ ହସୁଥିବା ଦେଖାଯାଇଥିଲା। ଖଡ଼ଗେ କହିଥିଲେ, ଯେଉଁମାନେ ଦେଶସେବା ପାଇଁ ରାଜନୀତି, ସାଧାରଣ ଜୀବନରେ ଅଛନ୍ତି, ସେମାନେ କେବେ ଥକନ୍ତି ନାହିଁ, କି ଅବସର ନିଅନ୍ତି ନାହିଁ।

# ଦାୟିତ୍ୱପୂର୍ଣ୍ଣ ଓ ବିଶ୍ୱସ୍ତ ବିଜ୍ଞାପନ ଇକୋସିଷ୍ଟମ ସୃଷ୍ଟି ପାଇଁ ଆହ୍ୱାନ




ମୁମ୍ବାଇ,୧୮।୩(ସଂଚାର ବ୍ୟୁରୋ): 'ବିଜ୍ଞାପନ କେବଳ ପହଞ୍ଚ ନୁହେଁ, ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ' ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ଆଜି ଏଠାରେ ଅନୁଷ୍ଠିତ ଆଡଟ୍ରଷ୍ଟ ସମ୍ମିଳନୀ-୨୦୨୬ରେ କହିଛନ୍ତି। ଭାରତରେ ଏକ ଦାୟିତ୍ୱପୂର୍ଣ୍ଣ, ସ୍ୱଚ୍ଛ ଓ ବିଶ୍ୱସନୀୟ ବିଜ୍ଞାପନ ଇକୋସିଷ୍ଟମର ଆବଶ୍ୟକତା ଉପରେ ଶ୍ରୀ ଜାଜୁ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଏହି କ୍ଷେତ୍ର ବୃଦ୍ଧି ପାଇବା ଉଚିତ। କିନ୍ତୁ ଦାୟିତ୍ୱ ମଧ୍ୟ ରହିବା ଆବଶ୍ୟକ, ବିଶେଷ କରି ଡିଜିଟାଲ କ୍ଷେତ୍ରରେ। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଆଭିମୁଖ୍ୟ ବିଶ୍ୱାସ ନିର୍ମାଣ, ଅଭିବୃଦ୍ଧିକୁ ସମର୍ଥନ କରିବା ଓ ଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଆଡଭର୍ଟାଇଜିଂ ଷ୍ଟାଣ୍ଡାର୍ଡସ୍ କାଉନସିଲ୍ ଅଫ୍ ଇଣ୍ଡିଆ (ଏଏସସିଆଇ) ପକ୍ଷରୁ ଆୟୋଜିତ ଆଡଟ୍ରଷ୍ଟ ସମ୍ମିଳନୀ-୨୦୨୬ର ପ୍ରଥମ ସଂସ୍କରଣରେ ବିଜ୍ଞାପନ, ଗଣମାଧ୍ୟମ, ପ୍ରଯୁକ୍ତିବିଦ୍ୟା ଓ ସରକାରୀ କ୍ଷେତ୍ରର ପ୍ରତିନିଧିମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବିଜ୍ଞାପନ ସହ ଜଡ଼ିତ ପ୍ରମୁଖ ପ୍ରସଙ୍ଗ ଉପରେ ବିଚାରବିମର୍ଶ କରାଯାଇଥିଲା।

ସମ୍ମିଳନୀରେ ଅଭିଭାଷଣ ଦେଇ ଶ୍ରୀ ଜାଜୁ କହିଛନ୍ତି ଯେ ବିଜ୍ଞାପନ କେବଳ ଏକ ବାଣିଜ୍ୟିକ କାର୍ଯ୍ୟକଳାପ ନୁହେଁ, ଏହା ବଜାରକୁ ଆକାର ଦିଏ, ବ୍ରାଣ୍ଡ ନିର୍ମାଣ କରେ, ଗ୍ରାହକଙ୍କୁ ସୂଚନା ଦିଏ, ସଂସ୍କୃତିକୁ ସଙ୍କେତ ଦିଏ ଏବଂ ଆକାଂକ୍ଷାକୁ ପ୍ରଭାବିତ କରେ। ଭାରତ ଭଳି ଏକ ବୃହତ ଓ ଦ୍ରୁତ ଡିଜିଟାଇଜିଂ ଦେଶରେ, ବିଜ୍ଞାପନ ନବସୃଜନ, ଆର୍ଥିକ କାର୍ଯ୍ୟକଳାପ, ବିଷୟବସ୍ତୁ ସୃଷ୍ଟି ଏବଂ ଅନ୍ତର୍ଭୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ବାହକ ପାଲଟିଛି। ଡିଜିଟାଲ୍ ପ୍ଲାଟଫର୍ମ ଓ କୃତ୍ରିମ ବୁଦ୍ଧିମତ୍ତା ଏବେ ବ୍ରାଣ୍ଡ, ଷ୍ଟାର୍ଟଅପ୍, ସ୍ଥାନୀୟ ବ୍ୟବସାୟ ଓ କ୍ରିଏଟରଙ୍କୁ ଦର୍ଶକଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ କରିଛି ବୋଲି ଶ୍ରୀ ଜାଜୁ କହିବା ସହ ଡିଜିଟାଲ୍ ବିଜ୍ଞାପନ ସହ ଜଡ଼ିତ ବିପଦଗୁଡ଼ିକ ବିଷୟରେ ମଧ୍ୟ ସତର୍କ କରାଇଦେଇଛନ୍ତି। ଏଥିସହ ସେ ଦାୟିତ୍ୱପୂର୍ଣ୍ଣ ବିଜ୍ଞାପନ ପାଇଁ ୫ଟି ପ୍ରମୁଖ ନୀତି ଯଥା ସମସ୍ତ ଯୋଗାଯୋଗରେ ସତ୍ୟତା ରହିବା ଉଚିତ; ବିଜ୍ଞାପନ, ପ୍ରାୟୋଜକତା ଓ ପ୍ରଚାରମୂଳକ ସମ୍ପର୍କ ଚିହ୍ନଟ କରିବାରେ ସ୍ୱଚ୍ଛତା ଜରୁରୀ; ସମସ୍ତ ବିଷୟବସ୍ତୁର ଡିଜାଇନ୍ ଓ ବିତରଣକୁ ଦାୟିତ୍ୱ ମାର୍ଗଦର୍ଶନ କରିବା ଉଚିତ; ଦୁର୍ବଳ ଗୋଷ୍ଠୀ, ବିଶେଷକରି ପିଲାମାନଙ୍କର ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଉଚିତ ଏବଂ ଦାୟିତ୍ୱ ସହ ନବସୃଜନ ନିଶ୍ଚିତ କରିବା ଉଚିତ ଯେ ପ୍ରଯୁକ୍ତିବିଦ୍ୟା ଏବଂ ସୃଜନଶୀଳ ଉନ୍ନତି ବିଶ୍ୱାସକୁ ଦୁର୍ବଳ କରିବା ପରିବର୍ତ୍ତେ ଏହାକୁ ଦୃଢ଼ କରିବ।

# ମୌଳିକ ଅଧିକାର ସୁରକ୍ଷିତ ରଖେ ନ୍ୟାୟପାଳିକା



ଭୁବନେଶ୍ୱର,୧୮।୩: ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ତାହାକୁ ସୁରକ୍ଷିତ ରଖେ ନ୍ୟାୟପାଳିକା। ଏହି ପରିପ୍ରେକ୍ଷୀରେ ନିରପେକ୍ଷ ନ୍ୟାୟପାଳିକାର ଯେଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେହିଭଳି ପବିତ୍ର ସମ୍ବିଧାନ ସହ ଦେଶକୁ ସୁଦୃଢ଼ କରିବା ଲାଗି ନାଗରିକମାନଙ୍କର ମଧ୍ୟ ଦାୟିତ୍ୱ ଅଛି। ସମ୍ବିଧାନରେ ଉଲ୍ଲେଖ ଥିବା ନାଗରିକଙ୍କ ମୌଳିକ ଦାୟିତ୍ୱ ଓ ମୌଳିକ ଅଧିକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ମତ ବ୍ୟକ୍ତ କରିଛନ୍ତି।

'ନାଇଜର' ପରିସରରେ ପ୍ରଥମ ମଧୁସୂଦନ-ସୌଦାମିନୀ ଦାସ ସ୍ମାରକୀ ବକ୍ତୃତା ପ୍ରଦାନ କରି ଜଷ୍ଟିସ ପଟ୍ଟନାୟକ କହିଛନ୍ତି ଯେ ବଞ୍ଚିତ ଲୋକଙ୍କ ଅଧିକାର ହାସଲ ପାଇଁ ଲଢ଼େଇ କରିବାକୁ ଉତ୍କଳ ଗୌରବ ମଧୁସୂଦନ ଦାସ ଓକିଲାତିକୁ ଏକ ମାଧ୍ୟମ କରିଥିଲେ। ଏଥିସହ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ତାଙ୍କ ନେତୃତ୍ୱରେ ଗଢ଼ାଯାଇଥିବା ଉତ୍କଳ ସମ୍ମିଳନୀ ଯେପରି ଲଗାତାର ଉଦ୍ୟମ କରୁଥିଲା ତାହାର ପଟାନ୍ତର ନାହିଁ।

ନିସ୍ୱାର୍ଥପର ସେବା ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ଥିଲା ମଧୁବାବୁଙ୍କ ଜୀବନର ବିଶେଷତ୍ୱ। ଶ୍ରୀଜଗନ୍ନାଥ ମନ୍ଦିର ମାମଲା ହେଉ କିମ୍ବା ମହିଳାମାନଙ୍କୁ ଓକିଲାତି କରିବା ପାଇଁ ଅଧିକାର ଦେବା କ୍ଷେତ୍ରରେ ହେଉ ମଧୁବାବୁ ସାଲିସ ବିହୀନ ଲଢ଼େଇ କରୁଥିଲେ। ମଧୁବାବୁଙ୍କ ବ୍ୟକ୍ତିତ୍ୱ ମହାତ୍ମା ଗାନ୍ଧୀଙ୍କ ଭଳି ଅନେକଙ୍କୁ ଅନୁପ୍ରାଣିତ କରିଥିଲା।

ଜଷ୍ଟିସ ପଟ୍ଟନାୟକ କହିଛନ୍ତି ଯେ ଭାରତୀୟ ସମ୍ବିଧାନରେ ଯେଉଁସବୁ ମୌଳିକ ଅଧିକାର ପ୍ରଦାନ କରାଯାଇଛି ତାହା ଅନନ୍ୟ। ବିଶେଷକରି ସମାନତାର ଅଧିକାର, ଅସ୍ପୃଶ୍ୟତା ଉଚ୍ଛେଦ, ବାକ୍ ସ୍ୱାଧୀନତା, ସମ୍ବାଦପତ୍ରର ସ୍ୱାଧୀନତା, ବଞ୍ଚିବାର ଅଧିକାର, ସମ୍ବିଧାନ ବହିର୍ଭୂତ କାର୍ଯ୍ୟକୁ ରୋକିବା ପାଇଁ ବିଚାର ବ୍ୟବସ୍ଥାର କ୍ଷମତା, ବେଆଇନ୍ ଭାବେ ଅଟକ ରଖିବା ଓ ବିନା ବିଚାରରେ କାହାକୁ ଦଣ୍ଡ ଦେବା ଘଟଣାକୁ ସମ୍ବିଧାନ ପ୍ରଶ୍ରୟ ଦିଏ ନାହିଁ। ପରବର୍ତ୍ତୀ ସମୟରେ ଆମ ସମ୍ବିଧାନର ଅନେକ ସଂଶୋଧନ ହୋଇଥିଲେ ମଧ୍ୟ ଏହାର ମୌଳିକ ଢାଞ୍ଚାକୁ ବଦଳାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ଶୁଣାଇଛନ୍ତି ତାହା ଆମ ଗଣତନ୍ତ୍ର ପ୍ରତି ଶୁଭସଂକେତ।

ସମ୍ବିଧାନ ପ୍ରଦତ୍ତ ବିଭିନ୍ନ ମୌଳିକ ଅଧିକାରର ସୁରକ୍ଷା ଓ ତାହାର ଉଲ୍ଲଂଘନ କ୍ଷେତ୍ରରେ ପ୍ରତିକାର ସଂପର୍କରେ ବ୍ୟାପକ ଆଲୋଚନା କରିବା ସହିତ ସମ୍ବିଧାନର ୫୧ (କ) ଧାରାରେ ନାଗରିକମାନଙ୍କ ଯେଉଁ ମୌଳିକ କର୍ତ୍ତବ୍ୟ ଯୋଡ଼ାଯାଇଛି ତାହାକୁ ପ୍ରତ୍ୟେକ ନାଗରିକ ବିଶେଷକରି ଯୁବ ଓ ଛାତ୍ର ସମାଜ ଶୃଙ୍ଖଳାର ସହ ଅନୁପାଳନ କରିବା ଲାଗି ଜଷ୍ଟିସ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମାରକୀ ବକ୍ତୃତାମାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ପଦାର୍ଥ ବିଜ୍ଞାନବିତ୍ ପ୍ରଫେସର ଜ୍ଞାନଦେବ ମହାରାଣା ସୂଚାଇବା ସଂଗେ ସଂଗେ ମଧୁବାବୁ ଓ ତାଙ୍କ ସହଧର୍ମିଣୀ ସୌଦାମିନୀଙ୍କ ତ୍ୟାଗପୂତ ଜୀବନରେ ବିଭିନ୍ନ ଦିଗ ସଂପର୍କରେ କହିଥିଲେ। ନାଇଜରର କୁଳସଚିବ ପ୍ରଫେସର ପ୍ରଣୟ କୁମାର ସ୍ୱାଇଁ ଏଭଳି ଏକ ବକ୍ତୃତାମାଳା ନାଇଜର ଆରମ୍ଭ କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଜଷ୍ଟିସ ପଟ୍ଟନାୟକଙ୍କ ବକ୍ତବ୍ୟ ପରେ ଛାତ୍ରଛାତ୍ରୀ ଓ ଗବେଷକମାନେ ବିଭିନ୍ନ ପ୍ରସଂଗରେ ପ୍ରଶ୍ନ ଉଠାଇଥିଲେ ଏବଂ ଜଷ୍ଟିସ ପଟ୍ଟନାୟକ ଅତି ସରଳ ଭାବେ ତା'ର ଉତ୍ତର ରଖି ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟି କରୁଥିବା ନାଇଜର ଛାତ୍ରଛାତ୍ରୀ ସମ୍ବିଧାନ ଓ ଦେଶାତ୍ମବୋଧ ପ୍ରତି ରୁଚି ରଖୁଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜିରୋ...

ସମୟରେ କିଛି ତ୍ରୁଟି ରହିଥିବା ଆଇସିୟୁର କିଛି କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି।

ସେହିଭଳି ଟ୍ରମା କେୟାର ଆଇସିୟୁରେ ୱାଟର ସ୍ପ୍ରିଙ୍କଲର କାମ କରୁ ନ ଥିଲା ଓ ଫାୟାର ଆଲାର୍ମ ବି ଅଚଳ ହୋଇପଡ଼ିଥିଲା। ଏହି ଆଇସିୟୁ ଦାୟିତ୍ୱରେ ଥିବା ଡାକ୍ତର ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଓ ଅଗ୍ନିଶମ ଅଧିକାରୀଙ୍କୁ ଅବଗତ କରିଥିଲେ କି ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ଅଭିଯୋଗ ହେଉଛି ଯେ ଆଇସିୟୁର ସୁରକ୍ଷା ପାଇଁ ସର୍ବନିମ୍ନ ଆବଶ୍ୟକତା ଦିଗରେ ଦାୟିତ୍ୱରେ ଥିବା ଡାକ୍ତର କେବେ ବି ଗୁରୁତ୍ୱ ଦେଉନଥିଲେ। ହେଲେ ବୈଦ୍ୟୁତିକ ବେଡ୍ କିଣାଯିବା କିମ୍ବା, ଗଜ, ତୁଳା ଓ ଅନ୍ୟାନ୍ୟ ଜରୁରୀ ଔଷଧ ଟେଣ୍ଡରରେ ମାତୁଥିଲେ। ଏସିସିବିରେ ସାଧାରଣ ଏମବିବିଏସ ଡାକ୍ତରଙ୍କ ନିଯୁକ୍ତିରେ କୌଣସି ବିବାଦ ନାହିଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ୟୁନିଟ ଦାୟିତ୍ୱରେ ଜଣେ ଅନଭିଜ୍ଞ ବ୍ୟକ୍ତିଙ୍କୁ କିଭଳି ଦାୟିତ୍ୱ ଦିଆଗଲା, ସେନେଇ କିଛି ବରିଷ୍ଠ ପ୍ରଫେସର ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ସରକାର ତଦନ୍ତ ଆରମ୍ଭ କରିଥିବାରୁ, ସେମାନେ ନିଜ ନାମ ଗୋପନ ରଖୁଛନ୍ତି। ହେଲେ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ହେଉ କି ତଦନ୍ତ କମିଶନ ସେମାନଙ୍କୁ ପ୍ରଶ୍ନ କଲେ ସେମାନେ ତା'ର ଉତ୍ତର ଦେବେ ବୋଲି କହିଛନ୍ତି।

## ଫାୟାର...

ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସର ନିଆଁ ଲିଭାଇବାକୁ ୨୨ ଘଣ୍ଟା ଲାଗିଗଲା। ୪୧ କୋଟି ଟଙ୍କା ଦେଇ ରୋବର୍ଟ କିଣାଯାଇଥିଲା। ହେଲେ ବର୍ଷା ହୋଇନଥିଲେ ୨୨ ଘଣ୍ଟାରେ ବି ନିଆଁ ଲିଭିପାରିନଥାନ୍ତା। ସେହିଭଳି ଏସସିବି ଭଳି ରାଜ୍ୟର ସର୍ବବୃହତ ମେଡିକାଲ କଲେଜ ଓ ହସ୍ପିଟାଲରେ ଫାୟାର ସେଫଟି ଦାୟିତ୍ୱ କାହାର, ନିୟମିତ ଭାବେ ଅଗ୍ନିଶମ ଅଧିକାରୀ କାହିଁକି ଯାଞ୍ଚ କରୁନଥିଲେ କି ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ରିପୋର୍ଟ ନେଉନଥିଲେ, ସେନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମିତି ଏକାଧିକ ଘଟଣାକ୍ରମକୁ ନେଇ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଅଗ୍ନିଶମ ଡିଜିଙ୍କୁ ପରିବର୍ତ୍ତନ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି।

## ପ୍ରତିଶୋଧ...

କଂଗ୍ରେସ ଅଫିସ ବନ୍ଦ ହେଉଛି। ପୁଅ ଭୋଟ ଦେଉଥିବା ବେଳେ ବାପା ଏଜେଣ୍ଟ ଥିଲେ। ୨୪ ବର୍ଷ ହେଲା ସବୁ କଂଗ୍ରେସ କର୍ମୀ ବିଜେଡି ଦ୍ୱାରା ନିର୍ଯାତିତ ହୋଇଥିଲେ। ମୋର ଏନକାଉଣ୍ଟର କରିବା ପାଇଁ ସିନିୟର୍ ପୁଲିସ୍ ଧମକ ଦେଇଥିଲେ। ଏବେ ପ୍ରତିଶୋଧ ନେଲି। ବିବେକ କହିଲା ବିଜେଡିଠୁ ପ୍ରତିଶୋଧ ନେବା ପାଇଁ। ମୋ ବୁଢ଼ା ବାପାଙ୍କ ବିରୋଧରେ ବିଜେଡି କେସ କରିଥିଲା। ଏବେ ତା'ର ପ୍ରତିଶୋଧ ନେଇ ବାପା-ମା'ଙ୍କ ସ୍ୱାଭିମାନ ରକ୍ଷା କଲି। ୨୪ ବର୍ଷ ଶାସନରେ ବିଜେଡି ବହୁ ହଇରାଣ ହରକତ କରୁଥିଲା। ଠିକ ସମୟରେ ପ୍ରତିଶୋଧ ନେଲି ଓ ମୁଁ ଠିକ କରିଛି ବୋଲି ରମେଶ କହିଛନ୍ତି।

ସେ କହିଛନ୍ତି, ଗଞ୍ଜାମ ବାଘ ଘାସ ଖାଏ ନାହିଁ। ରାଜ୍ୟ ରାଜନୀତିରେ ପିସିସି ସଭାପତି ଭକ୍ତ ଦାସଙ୍କର କିଛି ଅଭିଜ୍ଞତା ନାହିଁ। ଖାଲି ପଦବୀ ମାଡ଼ି ବସିଛନ୍ତି। ଭକ୍ତ ଦାସ ବିଭିନ୍ନ କମ୍ପାନୀ ଦ୍ୱାରା ପରିଚାଳିତ ହେଉଛନ୍ତି। କଂଗ୍ରେସକୁ ବୁଡ଼େଇ ଦେବେ। ସମସ୍ତଙ୍କ ମତ ନେଉ ନାହାନ୍ତି। ନିଜକୁ ହିଟଲର ଭାବୁଛନ୍ତି ଭକ୍ତ ଦାସ। ଘାସିରାମ ମାଝିଙ୍କୁ ମନ ଇଚ୍ଛା ଟିକେଟ ଦେଇଥିଲେ। ତେଣୁ ମୁଁ ଦଳର ନିଲମ୍ବନକୁ ସ୍ୱାଗତ କରୁଛି। ପୂର୍ବରୁ କାହିଁକି କହୁନଥିଲେ ବୋଲି ପ୍ରଶ୍ନରେ ସେ କହିଛନ୍ତି ଓପନ କଲେ ପ୍ରତିଶୋଧ ନେଇ ହୁଏ ନାହିଁ। ସାଇଲେଣ୍ଟ ରହିଲେ ପ୍ରତିଶୋଧ ନେଇ ହୁଏ।

## ବୁଲିଲା...

ଦଳବେହେରାଙ୍କ ପ୍ରଶ୍ନର ଉତ୍ତର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରଖିଥିଲେ। ବିରୋଧୀଙ୍କ ପ୍ରତିବାଦ ତୀବ୍ର ହେବାରୁ ୭ ମିନିଟ ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଗୃହ ମୁଲତବୀ ହେବା ପରେ ଦୁଇ ବିରୋଧୀ ଦଳର ସଦସ୍ୟମାନେ ଗୃହ ବାହାରେ ପ୍ରତୀକାତ୍ମକ କୋକେଇ ଶୋଭାଯାତ୍ରା କରିଥିଲେ। ପୁଣି ୧୧ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସମାନ ଢଙ୍ଗରେ ପ୍ରତିବାଦ ଜାରି ରଖିଥିଲେ। ପ୍ରତୀକାତ୍ମକ ଶବ ଟେବୁଲ୍ ଉପରେ ରଖି ଏହା ଚାରିପଟେ ବୁଲି ନାରା ଦେଇଥିଲେ। ଏହି ସମୟରେ ବିଜେପି ବିଧାୟକମାନେ ଗୃହରେ ବିରୋଧୀଙ୍କ ଶବ ପ୍ରତୀକାତ୍ମକ ପ୍ରତିବାଦକୁ କଡ଼ା ଭାଷାରେ ନିନ୍ଦା କରିଥିଲେ। ଏହା ବିଧାନସଭା ଗୃହ ପ୍ରତି ଅପମାନ ବୋଲି କହିଥିଲେ।

ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ସେ ଘଟଣା ପରେ କଟକ ଏସସିବି ହସ୍ପିଟାଲ ଯାଇ ସ୍ଥିତି ଦେଖିଛନ୍ତି। ବିଜେଡି ସରକାର ସମୟରେ ଘରୋଇ ହସ୍ପିଟାଲରେ ନିଆଁ ଲାଗିଲା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେଲେ। ହେଲେ ଏବେ ସରକାରୀ ହସ୍ପିଟାଲରେ ନିଆଁ ଲାଗି ୧୩ ଜଣଙ୍କ ମୃତ୍ୟୁ ହୋଇଛି ହେଲେ ସରକାର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଇସ୍ତଫା କରାଇ ଦେଲେନି। ଏହା ଚିନ୍ତାଜନକ, ରାଜ୍ୟର ସମସ୍ତ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶ ପାଇଁ ସରକାର ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅରୁଣ ସାହୁ ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ନିଆଁଲଗା ସରକାର ଚାଲିଛି। ଏକ ନମ୍ବର ହାଟ, ମଲ ସବୁଠି ନିଆଁ ଲାଗିଲା, ଅଥଚ କାହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେଲାନି। ବିଜେଡି ସରକାର ସମୟରେ ସମ ହସ୍ପିଟାଲରେ ନିଆଁ ଲାଗିଲା, ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେଲେ। ବିଜେପି ନୈତିକତା ଦୃଷ୍ଟିରୁ ଇସ୍ତଫା କରାଇ ଦେବନି। ଏ ଲୋକଙ୍କ ସରକାର ନା ସରକାର ନ ଥିବା ପରି ଲାଗୁଛି।

ବିଜେପି ବିଧାୟକ ବିଜୟ ଦଳବେହେରା କହିଥିଲେ ଯେ ବିରୋଧୀ ଶସ୍ତା ରାଜନୀତି କରୁଛନ୍ତି। ଏସସିବି ଅଗ୍ନିକାଣ୍ଡ ଘଟଣା ଏକ ସମ୍ବେଦନଶୀଳ ଘଟଣା। ବିରୋଧୀ ମାନବିକତା ଦେଖାନ୍ତୁ। ଏହି ସମସ୍ୟାର ସମାଧାନ ପାଇଁ ସୁଚିନ୍ତିତ ପରାମର୍ଶ ଦିଅନ୍ତୁ। ସରକାର ଘଟଣା ଘଟିବା ପରେ ତୁରନ୍ତ ପ୍ରତିକ୍ରିୟାଶୀଳ ହୋଇଥିଲେ। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ ବିରୋଧୀ ଅଯଥା ରାଜନୀତି କରୁଛନ୍ତି। ରାଜ୍ୟସଭା ନିର୍ବାଚନ ଫଳାଫଳ ତାଙ୍କୁ ହତାଶ କରିଛି। ତାଙ୍କ ନିଷ୍ପତ୍ତିକୁ ତାଙ୍କ ବିଧାୟକମାନେ ବିରୋଧ କରୁଛନ୍ତି। ଦିଲ୍ଲୀରେ ବିଜୁ ନବୀନ ଟ୍ରଷ୍ଟ ଗଠନ ଘଟଣାକୁ ଲୁଚାଇବାକୁ ସେମାନେ ନାଟକବାଜି କରୁଛନ୍ତି। ଏସସିବି ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଦେଇ ଆଲୋଚନାକୁ ଆସୁନାହାନ୍ତି। ସାଧାରଣ ଲୋକଙ୍କ ରାଜସ୍ୱ ଅର୍ଥରେ ଗୃହ ଚାଲୁଛି, ଗୃହ ବନ୍ଦ କରି ରାଜସ୍ୱ ନଷ୍ଟ କରୁଛନ୍ତି ବୋଲି ବିଜେପି ବିଧାୟକମାନେ ଅଭିଯୋଗ କରିଥିଲେ।

ସେହିଭଳି ବିଜେପି ବିଧାୟକ ସନ୍ତୋଷ ଖଟୁଆ, ବାବୁ ସିଂ, ସିଦ୍ଧାନ୍ତ ମହାପାତ୍ର, ସନାତନ ବିଜୁଳି, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଜଲେନ ନାଏକ, ବିଭୁତି ଭୂଷଣ ପ୍ରଧାନ, ସରୋଜ କୁମାର ପାଢ଼ୀ ଓ ମାନସ ଦତ୍ତ ପ୍ରମୁଖ ଏସସିବିରେ ଘଟିଥିବା ସମ୍ବେଦନଶୀଳ ଘଟଣାକୁ ନେଇ ବିରୋଧୀ ରାଜନୈତିକ ରୁଟି ସେକିବା ଉଚିତ୍ ନୁହେଁ ବୋଲି କହି ସମାଲୋଚନା କରିଥିଲେ। ବିଜେପି ବିଧାୟକମାନେ ବିଜେଡି ଓ କଂଗ୍ରେସ ରାଜ୍ୟସଭା ନିର୍ବାଚନ ଫଳାଫଳ ଓ ସେମାନଙ୍କ ବିଧାୟକମାନେ ସଭାପତିଙ୍କ ନିର୍ଦ୍ଦେଶ ନ ମାନିବା ପ୍ରସଙ୍ଗକୁ ଏଡ଼ାଇବା ପାଇଁ ଏଭଳି ନାଟକ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ।

## ରାଜ୍ୟସଭା...

ହୋଇ କାମ କରୁଛନ୍ତି। ସେ ଆହୁରି କହିଛନ୍ତି ଯେ ସେ ଦଳ କିମ୍ବା ନବୀନ ପଟ୍ଟନାୟକଙ୍କୁ ବିରୋଧ କରୁନାହାଁନ୍ତି। ସେ ଏବେ ବି ବିଜେଡିର ସାଧାରଣ ସମ୍ପାଦକ ଅଛନ୍ତି। କିନ୍ତୁ ଯେଉଁ କୋଟେରୀ ଦଳର ନୀତି ଆଦର୍ଶକୁ ଜଳାଞ୍ଜଳି ଦେଉଛନ୍ତି, ସେମାନଙ୍କୁ ସେ ବିରୋଧ କରୁଥିବା ଦେବୀ ରଞ୍ଜନ କହିଛନ୍ତି। ଦଳ ପକ୍ଷରୁ ଯେଉଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି, ନିର୍ଦ୍ଧାରିତ ସମୟରେ ତା'ର ଉତ୍ତର ଦେବେ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି।

## ମୁହଁ...

୨୦୨୫ରେ ଯେତେବେଳେ ନବୀନ ଟ୍ରଷ୍ଟ ଗଠନ କଲେ ସେ ସମୟରେ କାହିଁକି ଏ ସମ୍ପର୍କରେ ସେ ସୂଚନା ଦେଲେନାହିଁ। ଏପରିକି ବିଜେଡିରୁ କ୍ରସ ଭୋଟିଂ କରିଥିବା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ ଯେଉଁଦିନ ପ୍ରଭାତ ବିଶ୍ୱାଳ ନବୀନ ନିବାସରେ ଟ୍ରଷ୍ଟକୁ ନେଇ ପ୍ରଶ୍ନ ଉଠାଇଥିଲେ, ସେତେବେଳେ ନବୀନ ପଟ୍ଟନାୟକ ୨୦ ଜଣ ବିଧାୟକଙ୍କ ଆଗରେ ଏହାକୁ ଭିତ୍ତିହୀନ ବୋଲି କହିଥିଲେ। ସେ ସମୟରେ ନିଜେ ସଂତୃପ୍ତ ମଶ୍ର ମଧ୍ୟ ଉପସ୍ଥିତ ଥିଲେ। ସେତେବେଳେ ନବୀନ ଏହାକୁ କାହିଁକି ଲୁଚାଇଥିଲେ ନା ଲୁଚାଇବାକୁ ତାଙ୍କ ଉପରେ ଚାପ ପକାଯାଉଥିଲା କି ବୋଲି ଦେବୀ ରଞ୍ଜନ ପ୍ରଶ୍ନ କରିଛନ୍ତି।

## ସବୁ...

ଭୋଟିଂ କରିବାକୁ କର୍ମୀମାନେ ବିଶ୍ୱାସ କରିପାରୁନାହାନ୍ତି। ସେହିଭଳି କ୍ରସ ଭୋଟିଂ କରିଥିବା ଦୁଇ ଯୁବନେତା ଦେବୀ ରଞ୍ଜନ ତ୍ରିପାଠୀ ଓ ସୌଭିକ ବିଶ୍ୱାଳଙ୍କ ସହ ବବିଙ୍କ ଘନିଷ୍ଠ ସମ୍ପର୍କ। ଏମାନଙ୍କୁ ଦଳରେ ପଦପଦବୀ ଦେବା ସହ ଦଳୀୟ ଟିକଟ ଓ ସମସ୍ତ ପ୍ରକାର ସହାୟତା ଦେବା ପଛରେ ବବି ବୋଲି ଚର୍ଚ୍ଚା ହେଉଛି।

କର୍ମୀଙ୍କ ଆଲୋଚନା ଅନୁଯାୟୀ, ଦଳ ଏବେ ସଙ୍କଟରେ ପଡ଼ିଥିବା ବେଳେ ବବିଙ୍କ ଭଳି ଆଗ ଧାଡ଼ିର ନେତାଙ୍କ ଦେଖାଦର୍ଶନ ମିଳୁ ନ ଥିବାରୁ ତାଙ୍କ ଉପରେ ସନ୍ଦେହ ଆହୁରି ବଢ଼ିବାରେ ଲାଗିଛି। ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିରୋଧୀ ଶିବିରରେ ଚାଲିଥିବା ଷଡ଼ଯନ୍ତ୍ରରେ ତାଙ୍କର ଅନୁଗତମାନେ କ'ଣ ସବୁ କରୁଥିଲେ, ତାଙ୍କର ମୋବାଇଲ୍ ନମ୍ବର ଯାଞ୍ଚ କଲେ ଜଣାପଡ଼ିବ ବୋଲି କିଛି କର୍ମୀ କହିବାକୁ ବି ପଛାଉନାହାନ୍ତି।

## ପାରାଦୀପରେ...

ପ୍ରାତଃ ସମୟରେ ହଂକଂ ପତାକା ଲାଗିଥିବା ଜାହାଜଟି ଏସ୍‌ପିଏମ୍-୩ ଜେଟିରେ ପହଞ୍ଚିଛି। ଜାହାଜ ପହଞ୍ଚିବା ପରେ ପରେ ସେଥିରୁ ତୈଳ ଅନଲୋଡିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ଜାହାଜଟି ପାରାଦୀପ ଆଇଓସିଏଲ୍ ରିଫାଇନାରୀ ଉଦ୍ଦେଶ୍ୟରେ ଆସିଥିବା ବେଳେ ସେଥିରେ ରୁଷିଆର ରପ୍ତାନୀ-ଯୋଗ୍ୟ ତୈଳ ରହିଛି। ଏହା ସିଙ୍ଗାପୁର ଦେଇ ପାରାଦୀପରେ ପହଞ୍ଚିଛି। ଜାହାଜଟି ଏଠାରେ ପହଞ୍ଚିବା ପରେ ଯାବତୀୟ ଭୂ-ରାଜନୈତିକ ଉତ୍ତେଜନା ସତ୍ତ୍ୱେ ଭାରତକୁ ତୈଳ ଓ ଗ୍ୟାସ୍ ଯୋଗାଣରେ କୌଣସି ପ୍ରକାର ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଏକ ଧାରଣା ବଦ୍ଧମୂଳ ହୋଇଛି।

# ବିଜେପି ଯୁବ ମୋର୍ଚ୍ଚାର ନୂଆ ଟିମ୍

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଆଜି ଯୁବ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ବିଭିନ୍ନ ବିଭାଗ ପାଇଁ ସଂଯୋଜକଙ୍କ ନାମ ତାଲିକା ଘୋଷଣା କରିଛନ୍ତି। କମିଟିରେ ୭ ଜଣ ଉପସଭାପତି, ୩ ଜଣ ସାଧାରଣ ସମ୍ପାଦକ, ୮ ଜଣ ସମ୍ପାଦକ, ୩ ଜଣ ମିଡିଆ ସଂଯୋଜକ, ଦୁଇ ଜଣ ଆଇଟି ସଂଯୋଜକ, ୪ ଜଣ ସାମାଜିକ ଗଣମାଧ୍ୟମ ସହ ସଂଯୋଜକ, ଜଣେ କୋଷାଧ୍ୟକ୍ଷ, ଜଣେ ସହ କୋଷାଧ୍ୟକ୍ଷ, ଜଣେ କାର୍ଯ୍ୟାଳୟ ସମ୍ପାଦକ, ଜଣେ ସେଲ ଇନଚାର୍ଜ ଓ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ଏଥିସହ ବିଭିନ୍ନ ବିଭାଗ ପାଇଁ ୧୯ ଜଣ ରାଜ୍ୟ ସଂଯୋଜକ ନାମ ତାଲିକା ଘୋଷଣା କରିଯାଇଛି। ୨୩ ଜଣ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ୨୦ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ୨୬ ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଛନ୍ତି।

# ଖୁବଶୀଘ୍ର ହେବ ଗୁଣ୍ଡିଚା ମନ୍ଦିର ଓ ବଡ଼ଦାଣ୍ଡ ସୌନ୍ଦର୍ଯ୍ୟକରଣ

ପୁରୀ,୧୮।୩(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ସବ୍ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଏମାର ମଠ ନିକଟରେ ସାଂସ୍କୃତିକ କେନ୍ଦ୍ର, ରଘୁନନ୍ଦନ ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ଏବଂ ସେବାୟତ ପିଲାଙ୍କ ଶିକ୍ଷା ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ କାର୍ଯ୍ୟର ଡିଜାଇନ୍ ଏବଂ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସେହିପରି ଗୁଣ୍ଡିଚା ମନ୍ଦିର ଓ ବଡ଼ଦାଣ୍ଡର ସୌନ୍ଦର୍ଯ୍ୟ କରଣ, ଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତିକରଣ କାର୍ଯ୍ୟ କିଭଳି ଖୁବଶୀଘ୍ର କରାଯାଇପାରିବ ସେନେଇ ସମୀକ୍ଷା କରାଯାଇଥିଲା। ଓବିସିସିର ଅଧିକାରୀମାନେ ସମସ୍ତ ପ୍ରକଳ୍ପର ସୂଚନା ଏବଂ ଡିଜାଇନ୍ ବୈଠକରେ ଉପସ୍ଥାପନ କରିଥିଲେ। ତେବେ ପ୍ରକଳ୍ପକୁ ନେଇ ଥିବା ଜମିଜମା ସମସ୍ୟାକୁ ଶିଘ୍ର ସମାଧାନ କରାଯାଇ ନିର୍ଦ୍ଧାରିତ ସମୟରେ ସମସ୍ତ ପ୍ରକଳ୍ପ ସାରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପୁରୀ ଜିଲ୍ଲାପାଳ, ଏସପିଙ୍କ ସମେତ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟଭାର ନେଇଥିବା ଓବିସିସି ଅଧିକାରୀ, ଜଗନ୍ନାଥ ସଂସ୍କୃତି ଗବେଷକ ମାନେ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ଶ୍ରୀମନ୍ଦିର ଏମାର ମଠ ନିକଟରେ ଏକ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ହେବ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସମସ୍ତ ତତ୍ତ୍ୱ ଏବଂ ଐତିହାସିକ ତଥ୍ୟାବଳୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା ବିଷୟରେ ଶ୍ରଦ୍ଧାଳୁଙ୍କୁ ସୂଚନା ଦିଆଯିବ।

# ମଦବନ୍ଦ ଆନ୍ଦୋଳନକାରୀଙ୍କ ଆଗରେ ନଇଁଲା ପ୍ରଶାସନ

## ଆଉଥରେ ହେବ ଗ୍ରାମସଭା

ସୁନ୍ଦରଗଡ଼,୧୮।୩ (ସଂଚାର ବ୍ୟୁରୋ)ଃ ଗତକାଲି ଠାରୁ ହେମଗିରି ବ୍ଲକର ଲଇକେରା ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବନ୍ଦ ପାଇଁ ଧାରଣା ରେ ବସିଥିଲେ, ଏପରିକି ଗତରାତିରେ କାଳବୈଶାଖୀ ଯୋଗୁଁ ପ୍ରବଳ ଧୂଳି ପବନ, ଘଡ଼ଘଡ଼ି ସହ ବର୍ଷା ସତ୍ୱେ ଶତାଧିକ ମହିଳା ଓ ପୁରୁଷ ରାସ୍ତା ଉପରେ ବସିରହିଥିଲେ ଏହାକୁ ନେଇ ପ୍ରଶାସନକୁ ହରକତ ହେବାକୁ ପଡ଼ିଥିଲେ, ଏପରିକି ବର୍ଷାରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ସୂତ୍ର ବାହାରି ନଥିଲା ଆଜି ଅପରାହ୍ନ ରେ ଜିଲ୍ଲାପାଳ କକ୍ଷରେ ନେତୃତ୍ୱ ନେଉଥିବା କମ୍ୟୁନିଷ୍ଟ ନେତା ରାଜେନ୍ଦ୍ର ନାୟକ, ମହିଳାନେତ୍ରୀ ରୁବିରାଣୀ ନାୟକଙ୍କ କେତେକ ଗ୍ରାମବାସୀ ଆଲୋଚନା କରିଥିଲେ, ଏଥିରେ ପ୍ରଶାସନ ପୁରୁଣା ଗ୍ରାମସଭା ରେ କିଛି ତ୍ରୁଟି ଥିବା ନେଇ ସ୍ୱୀକାର କରିବା ସହ ଆସନ୍ତା ୨୪ ତାରିଖ ଦିନ ଆଉ ଥରେ ଗ୍ରାମସଭା କରାଯିବ ଏଥିରେ ଉପଜିଲ୍ଲାପାଳଙ୍କ ସହ ଅବକାରୀ ବିଭାଗ ଉପସ୍ଥିତ ରହିବେ ସ୍ଥାନୀୟ ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚ କରି ଗ୍ରାମସଭା କରାଯିବ ସମସ୍ତଙ୍କ ମତ କୁ ରେକର୍ଡ କରାଯାଇ ଯାହା ଗ୍ରାମସଭା ରେ ପାସ ହେବ ତାକୁ ପ୍ରଶାସନ ଗ୍ରହଣ କରିବ ବୋଲି ନିଷ୍ପତି ହେଲା, ଏହାକୁ ଆନ୍ଦୋଳନକାରୀ ଗ୍ରହଣ କରିବା ସହ ଧାରଣା ବନ୍ଦ ହେଲା





## ବ୍ୟାସନଗର ସହରର ଜନଗହଳିପୂର୍ଣ୍ଣ ଛକରେ ଜଳଛତ୍ର ଖୋଲିବାକୁ ଦାବି

ଯାଜପୁର ରୋଡ଼,୧୮।୩(ସଂଚାର ବ୍ୟୁରୋ)ଃ ରାତିପାହିଲେ ଖରାର ପ୍ରକୋପ ବୃଦ୍ଧି ପାଉଥିବା ଯୋଗୁଁ ବ୍ୟାସନଗର ପୌରାଂଚଳ ସହରରେ ଦିନ ୧୨ଟା ପରେ ଘରୁ ବାହାରିବା ଏବେ କଷ୍ଟକର ହେବା ଆରମ୍ଭ ହେଲାଣି। ଏହି ସହରକୁ ବିଭିନ୍ନ କାମକାର୍ଯ୍ୟରେ ଆସୁଥିବା ଜନସାଧାରଣ ଓ ପଥଚାରୀ ମାନଙ୍କ ଲାଗି ଦିନ ଦ୍ୱିପ୍ରହରରେ ପ୍ରଚଣ୍ଡ ଖରାବେଳେ ପାନୀୟ ଜଳ କଷ୍ଟ ଦାଉରୁ ରକ୍ଷା କରିବା ନିମନ୍ତେ ପୌର ପ୍ରଶାସନିକ କଳ ପକ୍ଷରୁ ଜଳଛତ୍ର ପ୍ରଦାନ ବ୍ୟବସ୍ଥା ଖୋଲା ହୋଇପାରି ନାହିଁ। ଜଳଛତ୍ର ଖୋଲାନହେବା ଫଳରେ ବିଭିନ୍ନ କମ୍ପାନୀର ପାଣି ପାଉଚ୍, ପାଣିବୋଟଲ ବିକ୍ରି କରି ମାଲେମାଲ୍ ଲାଲେଲାଲ୍ ଏଠାକାର ଦୋକାନୀ ଓ ବେପାରୀ ମାନେ ହେବା ଆରମ୍ଭ କରିଛନ୍ତି। ଯାହାଦ୍ୱାରା ସାଧାରଣ ଗରିବଗୁରୁବା ଜନତା ଜନାର୍ଦ୍ଦନ ମାନେ ଏହି ସହରରେ ଥିବା ଧବଳଗିରି ଛକ, କୋର୍ଟଛକ, ରାଜୀବ ଗାନ୍ଧୀ ଷ୍ଟାଡ଼ିୟମ ରୋଡ଼ ଛକ, ଚୋରଦା ବାଇପାସ, ନହକା ଗୋଲେଇ ଛକ, ଗୋପବନ୍ଧୁ ଛକ, ଦଳା ବାଇଇପାସ ଛକ, ଡ଼ାକବଙ୍ଗଳା ଛକ, ବସଷ୍ଟାଣ୍ଡ, ଗୋଷଲା ଛକ, ରେଲୱେ ଲେବେଲ କ୍ରସିଙ୍ଗ ଚୁନଭାଟି ପ୍ଲଟ ଛକ ଓ ପୌର କାର୍ଯ୍ୟାଳୟ, ତହସିଲ ସମ୍ମୁଖ ଉମାପଦା ଛକ ଭଳି ଜନଗହଳି ଛକ ମାନଙ୍କରେ ପଥଚାରୀ ଜନସାଧାରଣ ମାନେ ବିନା ମୂଲ୍ୟରେ ଟୋପା'ଏ ପାଣି ମୁନ୍ଦାଏ ପିଇବାଲାଗି ସୁଯୋଗ ପାଇପାରନ୍ତେ ବୋଲି ସାଧାରଣରେ ଆଲୋଚନା ଚାଲିଛି। ତେଣୁ ପୌର ପ୍ରଶାସନ ଦ୍ୱାରା ପୌରାଂଚଳ ବଜାରର ଏଭଳି ଜନଗହଳି ପୂର୍ଣ୍ଣ ମୁଖ୍ୟଛକ ମାନଙ୍କରେ ଜଳଛତ୍ର ଖୋଲିବାକୁ ପଦକ୍ଷେପ ନିଅନ୍ତୁ ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମାନେ ଦାବୀ କରିଛନ୍ତି।

## ଯଯାତି ମହୋତ୍ସବ ଉପଲକ୍ଷେ ଆୟୋଜିତ ହେବ କବି ସମ୍ମିଳନୀ

ଯାଜପୁର,୧୮।୩(ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ଆସନ୍ତା ମାର୍ଚ୍ଚ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏଥି ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।ଯାହାକି ଜିଲ୍ଲାର ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ମହୋତ୍ସବ ମାଧ୍ୟମରେ ପ୍ରଚାର ପ୍ରସାର କରିବାଏହାର ମୁଳ ଲକ୍ଷ୍ୟ। ଅନେକ ପ୍ରତିଭାବାନ ସାହିତ୍ୟିକ, କବି ଏବଂ ଲେଖକଙ୍କ ମାଟି ହେଉଛି ଯାଜପୁର। ସାହିତ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ



ନେଇ ଯଯାତି ମହୋତ୍ସବ ଅବସରରେ ଆସନ୍ତା ମାର୍ଚ୍ଚ ୨୧ ତାରିଖ ଦିନ ୧୦ ଟାରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହେବ। କେବଳ ଯାଜପୁର ଜିଲ୍ଲାର କବିମାନେ ସ୍ୱରଚିତ ୨୦ ଧାଡି ଭିତରେ କବିତା ସହିତ ଦିବା ୯ ଘଟିକାରୁ ୧୦.୩୦ ସମୟ ମଧ୍ୟରେ ଆସି ସେମାନଙ୍କ ନାମ ପଞ୍ଜିକରଣ କରିପାରିବେ। କବିତା ପାଠୋତ୍ସବ କମିଟିର ଆବାହକ ତଥା ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ତାପସ ରଞ୍ଜନ ଦେହୁରୀ ଓ କମିଟିର ସଂଯୋଜକ ପ୍ରଭାତ ମଲ୍ଲିକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

## 'ଯୁଗ ଯୁଗ ଧରି ମହିଳା ସଶକ୍ତିକରଣ' ପାଠଚକ୍ର ଓ ବିଦାୟକାଳୀନ ସଭା



ବାଲିଆପାଳ,୧୮।୩(ସଂଚାର ବ୍ୟୁରୋ)ଃ ଜଳେଶ୍ୱର ବ୍ଲକ ଅଧୀନରେ ଥିବା ଦୀନକୃଷ୍ଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଯୁଗ ଯୁଗ ଧରି ମହିଳା ସଶକ୍ତିକରଣ" ଶୀର୍ଷକ ପାଠଚକ୍ର ଏବଂ ବିଦାୟକାଳୀନ ଦିବସ ଅନୁଷ୍ଠିତ ହୋଇଅଛି। ଉକ୍ତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁକାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଗଣିତ ବିଭାଗର ମୁଖ୍ୟ ଡ. ହିମାଂସୁ କୁମାର ସାମଲ, ଇତିହାସ ବିଭାଗର ମୁଖ୍ୟ ଡ.ମାନସ୍ କୁମାର ଦାସ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶ୍ରୀମତୀ ଲୁଖି ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ, ବିଭାଗର ଅଧ୍ୟାପକ ରତିକାନ୍ତ ମିଶ୍ର ବିଦାୟକାଳୀନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ତ୍ୱ ଜଣାଇଥିଲେ ଶେଷରେ ଅଧ୍ୟାପକ ସାଗର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

● ମୃତ୍ୟୁକୁ ନେଇ ସନ୍ଦେହ



ନୀଳଗିରି,୧୮।୩(ସଂଚାର ବ୍ୟୁରୋ)ଃ ନୀଳଗିରି ଥାନା କାଣ୍ଡଗରଡ଼ି ପଞ୍ଚାୟତ ବଉଳଗଡ଼ିଆ ଖାଦାନ ରାସ୍ତାରେ କିଛି ଦୂର ଗଲେ ଜଙ୍ଗଲ ପଥର ଚଟାଣ ଉପରେ ଜଣେ ଅଜଣା ବୃଦ୍ଧ ଙ୍କର ମୃତ ଦେହ ପଡ଼ି ପଚି ସଡିଯାଇ ବାସି ବାରୁ ବର କୋଳି ତୋଳି ବାକୁ ଯାଇଥିବା ପିଲା ଗାଁ କହିଥିଲେ। ପରେ ଗ୍ରାମ ବାସୀ ମାନେ ନୀଳଗିରି ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ଅଗ୍ନିଶ୍ରମ ବାହିନୀ ଓ ବନ ବିଭାଗ ର ଅଧିକାରୀ ପହଂଚି ଗଳିତ ମୃତ ଶରୀର କୁ ଉଦ୍ଧାର କରିନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଅଣାଯାଇଛି।ପ୍ରାଥମିକ ତଦନ୍ତ ରୁ ଜଣାପଡ଼ିଛି ମୃତ ବ୍ୟକ୍ତି ହେଉଛନ୍ତି ଈଶ୍ୱପୁର ଫାଣ୍ଡି ଅଧିନସ୍ଥ ଚିନ୍ତାମଣି ପୁର ଗ୍ରାମର ଶ୍ୟାମ ସୁନ୍ଦର ବାରିକ(୬୫) ଅଟନ୍ତି।ପାରିବାରିକ ଅଶାନ୍ତି ରୁ ୩ଦିନ ପୂର୍ବରୁ ଘରୁ ରାଗି ପଳାଇ ଆସିଥିଲେ।ଆସନ୍ତା କାଲି ଶବବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।ଅପରପକ୍ଷରେ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବୃଦ୍ଧ ଙ୍କ କିପରି ମୃତ୍ୟୁ ହୋଇଛି ସେ ନେଇ ଖୋଦ ଆଇଆଇସି ଶ୍ରୀ ନାୟକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ବାଲି ଗଦା ପାଇଁ ଚାଲିଗଲା ନାବାଳିକାଙ୍କ ଜୀବନ

## ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କଲେ ଅଞ୍ଚଳବାସୀ

ଫୁଲବାଣୀ,୧୮।୩(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ମଣିପଦର ଗାଁ ନିକଟରେ ଚାଲିଥିବା ରାସ୍ତା ପ୍ରଶସ୍ତି କରଣ କାମ ପାଇଁ ରାସ୍ତା ମଝିରେ ଗଦା ହୋଇଥିବା ବାଲି ପାଇଁ ଚାଲିଯାଇଛି ଜଣେ ଛଅ ବର୍ଷର ନାବାଳିକା ର ଜୀବନ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ମୃତ ନାବାଳିକା ଜଣକ ଫିରିଙ୍ଗିଆ ବ୍ଲକ ତଳ ଦଣ୍ଡିକିଆ ପଞ୍ଚାୟତ ବୁକୁଦେଇ ଗାଁର ଗଜେନ୍ଦ୍ର କହଁର ଙ୍କ ୪ ବର୍ଷର ଝିଅ ଅନନ୍ୟା କହଁର ବୋଲି ଜଣାପଡିଛି । ସୂଚନା ଅନୁସାରେ ଶନିବାର ସନ୍ଧ୍ୟା ସମୟରେ ମୃତ ନାବାଳିକା ଅନନ୍ୟା ତାଙ୍କ ବାପା ଗଜେନ୍ଦ୍ର ଓ ମା



ସଂଯୁକ୍ତା ଏକ ବାଇକ ରେ ତାଙ୍କ ମାମୁ ଘର କେଳାପଡା କୁ ଯାଇ ନିଜ ଗାଁ ବୁକୁ ଦେଇ କୁ ଫେରୁଥିବା ସମୟରେ ମଣିପଦର ନିକଟରେ ରାସ୍ତା ପ୍ରଶାସ୍ତି କରଣ ପାଇଁ ବେଆଇନ ଭାବରେ ରାସ୍ତା ଉପରେ ରଖା ଯାଇଥିବା ବାଲି ଗଦା ପାଇଁ ଭାରସାମ୍ୟ ହରାଇ ନାବାଳିକା ଓ ତାଙ୍କ ମା ବାପା ବସିଥିବା ବାଇକ କୁ ଅନ୍ୟ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ କୁନି ଝିଅ ଟି ରାସ୍ତା କଡ଼କୁ ଛିଟିକି ପଡି ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ମା ବାପା ସାମନ୍ୟ ଆହତ ହୋଇଥିଲେ। ଘଟଣା ପରେ କିଛି ସ୍ଥାନୀୟ ଲୋକେ ନାବାଳିକା ଓ ତାର ମା ବାପା ଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୂଆଗାଁ ବ୍ଲକ ସାରଙ୍ଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ ପରେ ନାବାଳିକା ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାକୁ ଫୁଲବାଣୀ ମୁଖ୍ୟଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସିତ ଅବସ୍ଥାରେ ନାବାଳିକା ଜଣକ ର ମୃତ୍ୟୁ ହୋଇଥିଲା । ସେପଟେ ଘଟଣାକୁ ନେଇ ନାବାଳିକା ର ବଡ଼ବାପା ପ୍ରକାଶ କହଁର ଫିରିଙ୍ଗିଆ ଥାନାରେ ଏକ ଲିଖିତ ଏତଲା ଦେବା ପରେ ପୋଲିସ ମେଡିକାଲ ରେ ପହଞ୍ଚି ଶବ ଜବତ କରିବା ସହ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ମୁରଲୀଧର ସାହୁ । ତେବେ ରାସ୍ତା ପ୍ରଶାସ୍ତି କରଣ ଦାୟିତ୍ୱ ରେ ଥିବା ଠିକା ସଂସ୍ଥା ର ଦାୟିତ୍ୱ ହୀନତା ସହ ବେଆଇନ ଭାବରେ ରାସ୍ତା ଉପରେ ବାଲି ରଖିଥିବା ରୁ ନାବାଳିକାର ଜୀବନ ଯାଇଥିବା ଅଞ୍ଚଳ ବାସି ଅଭିଯୋଗ କରିଛନ୍ତି । ଏହି କାମକୁ ତଦାରଖ କରୁଥିବା ବ୍ୟକ୍ତି ବା କାମର ପ୍ରକୃତ ଠିକାଦାର ଙ୍କ ଠାରୁ ଭାଗ ନେଇ କାମ କରୁଥିବା ପ୍ରଭାକର ଦିଗାଲ ଙ୍କୁ ପଚାରିବାରୁ ଅତି ଖାମଖିଆଲି ଭାବରେ ଗାଇଡ଼ ଲାଇନ ହିସାବରେ କାମ ଚାଲିଛି ଏହି ଦୁର୍ଘଟଣାରେ ମୋର କିଛି ଦୋଷ ନାହିଁ ଯଦି କେଶ ହୁଏ ତେବେ ବିଭାଗୀୟ ଏସି କିମ୍ବା ଏସଡ଼ିଓ ଙ୍କ ନାଁରେ କେଶ ହବ ସେଥିରେ ମୋର କିଛି ଯାଏ ଆସେ ନାହିଁ ବୋଲି କହିଥିଲେ ।

## 'ଲୀଳାବତୀଙ୍କ ଶତେକ କନ୍ୟା' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃ ଭାରତୀୟ ବିଜ୍ଞାନ ଏକାଡେମି, ବେଙ୍ଗାଲୁରୁ ଦ୍ୱାରା ପ୍ରକାଶିତ 'ଲୀଳାବତୀଙ୍କ ଶତେକ କନ୍ୟାଃ ଭାରତର ମହିଳା ବୈଜ୍ଞାନିକ' ପୁସ୍ତକ ବୁଧବାର ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପ୍ରଖ୍ୟାତ ବୈଜ୍ଞାନିକ ପଦ୍ମଶ୍ରୀ ରୋହିଣୀ ଗଡ଼ବୋଲେ ଓ ପ୍ରଫେସର ରାମ ରାମସ୍ୱାମୀଙ୍କ ଦ୍ୱାରା ସମ୍ପାଦିତ ଇଂରାଜୀ ପୁସ୍ତକ "ଲୀଳାବତୀଜ ଡଟର୍ସ" (ଏଲ୍‌ଡି)ର ପୁସ୍ତକକୁ ଓଡିଆରେ ଅନୁବାଦ କରିଛନ୍ତି ସୋଆରେ କାର୍ଯ୍ୟରତ ପ୍ରଫେସର ନଚିକେତା ଖମାରୀ ଶର୍ମା ଓ ଡ. ଦୀପକ କୁମାର ପଟ୍ଟନାୟକ। ଉନ୍ମୋଚନ ସମୟରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଏବଂ ଆଡିସ୍‌ନାଲ ରେଜିଷ୍ଟ୍ରାର ଡ. ଶଶାଙ୍କ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ଶର୍ମା ପୁସ୍ତକ ବିଷୟରେ ଟିପ୍ପଣୀ ଦେଇ କହିଥିଲେ ଯେ ଏହି ପୁସ୍ତକରେ ଶହେ ଜଣ ଭାରତୀୟ ନାରୀ ବିଜ୍ଞାନୀମାନଙ୍କ ଜୀବନୀକୁ ସତ୍ୟନିଷ୍ଠ ଭାବେ ସ୍ଥାନୀତ କରାଯାଇଛି। ଏହି ଶହେଟି ପ୍ରବନ୍ଧ (କିଛି ଜୀବନୀ ଆଧାରିତ)ରେ ଭାରତରେ ଜଣେ ନାରୀ ବିଜ୍ଞାନୀ ହେବା ପାଇଁ କିପରି ସମର୍ପଣ ଓ ଶକ୍ତି ଆବଶ୍ୟକ କରେ ତାହା ଦର୍ଶାଇଛି। ସଂସ୍କୃତିଗତ ବିବିଧତା, ଆଞ୍ଚଳିକ ପାଥର୍କ୍ୟ, ଭାଷା ଓ ପାରମ୍ପରିକତାକୁ ଏଡ଼ାଇବା ସହିତ ବିଜ୍ଞାନରେ କ୍ୟାରିୟର ଗଢ଼ିବା ଏକ ଜଟିଳ ପ୍ରକ୍ରିୟା। ଏହି କାହାଣୀରୁ ଏହି ଶିକ୍ଷା ମିଳେ ଯେ ପରିବାର ଓ କ୍ୟାରିୟର ମଧ୍ୟରେ ସମନ୍ୱୟ ରଖିବା ଅନେକ ଆହ୍ୱାନ ଭିତରୁ ଗୋଟିଏ ହେଲେ ମଧ୍ୟ ତାହା ଅନେକ ନାରୀ ବିଜ୍ଞାନୀଙ୍କ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବରୋଧ ସାଜିଥିଲା। 'ଲୀଳାବତୀସ ଡଟର୍ସ' ପ୍ରଚଳିତ ସଂସ୍କୃତିରେ କିପରି ପ୍ରବେଶ କରିଛି ତାହା ଏକ ଅପ୍ରତ୍ୟାଶିତ ସ୍ରୋତରୁ ସୂଚିତ ହୁଏ।

## ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା

## ଅଗ୍ନି ସୁରକ୍ଷା ନିରୀକ୍ଷକ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ବାରିପଦା,୧୮।୩(ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ଓ ଅନ୍ୟାନ୍ୟ ସଂସ୍ଥାନଗୁଡ଼ିକରେ ଅଗ୍ନି ନିରୋଧ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧ୍ୟକ୍ଷତାରେ ଓସ୍ୱାନ୍ ପ୍ଲାଟଫର୍ମ ମାଧ୍ୟମରେ ଆଭାସୀ ବୈଠକ ଅନୁଷ୍ଠିତ



ହୋଇଛି। ଉକ୍ତ ବୈଠକରେ ଜିଲ୍ଲାରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ଓ ଅନ୍ୟ ସଂସ୍ଥାନଗୁଡ଼ିକରେ ଅଗ୍ନିକାଣ୍ଡ ପ୍ରତିରୋଧ ପାଇଁ ଆବଶ୍ୟକ ଭିତ୍ତିଭୂମି, ପୂର୍ବପ୍ରସ୍ତୁତି, ଅଗ୍ନି ସୁରକ୍ଷା ନିୟମାବଳୀର କଠୋର ପାଳନ, ଫାୟାର ସେଫ୍ଟି ଅଡିଟ୍‌ର ନିୟମିତ ପରିଚାଳନା, ଫାୟାର ଫାଇଟିଂ ଉପକରଣର ସଠିକ୍ ସ୍ଥାପନ ଓ ରକ୍ଷଣାବେକ୍ଷଣ, ବିଦ୍ୟୁତ୍ ସୁରକ୍ଷା, ଜଳ ଯୋଗାଣ ବ୍ୟବସ୍ଥା, ଏବଂ ଆପାତକାଳୀନ ସ୍ଥିତିରେ ତ୍ୱରିତ ଓ ସମନ୍ୱିତ କାର୍ଯ୍ୟପନ୍ଥା ଅବଲମ୍ବନ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଜିଲ୍ଲାପାଳ ଶ୍ରୀ ସୟ୍ ସମସ୍ତ ସମ୍ପର୍କିତ ବିଭାଗକୁ ସଂପୃକ୍ତ ସଂସ୍ଥାନଗୁଡିକରେ ଅଗ୍ନି ସୁରକ୍ଷା ମାନର ସୂଚାରୁ ରୂପେ ପାଳନ କରିବା, ସମୟ ସମୟରେ ନିରୀକ୍ଷଣ କରିବା, ମକ୍ ଡ୍ରିଲ୍ ଆୟୋଜନ କରିବା ସହିତ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ସରକାରୀ ହସ୍ପିଟାଲ ଓ ସଂସ୍ଥାନଗୁଡ଼ିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବା ସହ ଅଗ୍ନି ସୁରକ୍ଷା ନିରୀକ୍ଷକ ନିଯୁକ୍ତି ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ଢେଙ୍କାନାଳ,୧୮।୩ (ସଂଚାର ବ୍ୟୁରୋ)ଃ ଓଡିଶା ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା, ବବିତା ପାତ୍ର, ସଦସ୍ୟ ମନସ୍ୱିତା ଖୁଣ୍ଟିଆ ଏବଂ କସ୍ତୁରୀ ମିଶ୍ର ଏକଦିନିକିଆ ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ର, ଶିଶୁ ଗୃହ, କନ୍ୟାଶ୍ରମ, ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଉକ୍ତଦିନ ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଦିବା ୯. ୩୦ ଘଟିକା ସମୟରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସମୟ ୧୦ ଘଟିକା ସମୟରେ ଢେଙ୍କାନାଳର ଭଗବାନପୁର,



ସଦର ଅଙ୍ଗନବାଡି ସେଣ୍ଟର, ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ଶିଶୁ ଗୃହ, ଗୋବିନ୍ଦପୁର, ଜାଭିୟର ସ୍କୁଲ, ରଣପସୀ, ଏବଂ କପିଳାସ କନ୍ୟା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅପରାହ୍ନ ୫ ଘଟିକା ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ସମ୍ପର୍କିତ ଅଧିକାରୀମାନଙ୍କର ଜିଲ୍ଲା ସଦଭାବନା କକ୍ଷ ଠାରେ ଏକ ସମୀକ୍ଷା କରିଥିଲେ।ଏଥିରେ ଜିଲ୍ଲାପାଳ ସ୍ୱାଗତ ଭାଷଣ ଆରମ୍ଭ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଓ ସଦସ୍ୟ ସଦସ୍ୟା, ଜିଲ୍ଲା ଆରକ୍ଷୀ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଢେଙ୍କାନାଳ ଜିଲ୍ଲାରେ ଆଦ୍ୱିକା ଯୋଜନା ଉପରେ ଗୁରୁତ୍ୱ ଦେବାପାଇଁ ଆଦେଶ ପ୍ରଦାନ କରିଥିଲେ। ଶିଶୁ ଗୃହ ମାନଙ୍କରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ଏହା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ।

## କେନ୍ଦ୍ରାଞ୍ଚଳ ପୁଲିସର ଦିନିକିଆ କର୍ମଶାଳା

ପାରାଦ୍ୱୀପ,୧୮।୩(ସଂଚାର ବ୍ୟୁରୋ)ଃ ପାରାଦୀପ ସ୍ଥିତ ମେ ଫେୟାର୍ ସମ୍ମିଳନୀ କକ୍ଷରେ କେନ୍ଦ୍ରାଞ୍ଚଳ ପୋଲିସ ର ଦିନିକିଆ କର୍ମଶାଳା ଅନୁଷ୍ଠିତ। ଏହି କର୍ମଶାଳାରେ ମାନବଚାଲାଣ ଓ



ମହିଳା ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଡକ୍ଟର ସତ୍ୟଜିତ୍ ନାୟକଙ୍କ ତତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରାଞ୍ଚଳ ପୋଲିସ ଅଧିନ କଟକ, ପୂରୀ, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡା ଆଦି ୭ଟି ଜିଲ୍ଲାର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଏବଂ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ରହି ଏହି ପ୍ରଶିକ୍ଷଣ ନେଇଥିଲେ। ଆଜିକାଲି ପିଲା ଚୋରିର ଅଭିଯୋଗ ଭଳି ଘଟଣା ଉପରେ କିପରି ରୋକ୍ ଲଗା ଯାଇପାରିବ ଏବଂ ବିଭିନ୍ନ ସମୟରେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ନିର୍ଯ୍ୟାତନା ଭଳି ଘଟଣାକୁ ସଠିକ ଭାବରେ କିପରି ମୁକାବିଲା କରା ଯାଇପାରିବ ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି।

## ଶିଶୁ ଅନୁକୂଳ ପୁଲିସ ଥାନା ଉଦ୍‌ଘାଟନ

ପାରାଦ୍ୱୀପ,୧୮।୩(ସଂଚାର ବ୍ୟୁରୋ)ଃ ପାରାଦୀପ ଲକ୍ ଥାନା ରେ 'ଶିଶୁ ଅନୁକୂଳ ପୋଲିସ ଥାନା' ଉଦଘାଟନ ହୋଇଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ପାରାଦୀପ ଅତିରିକ୍ତ ଅଧିକ୍ଷକ ସ୍ମୃତି ରଞ୍ଜନ କର, ଜଗତସିଂହପୁର ଏସଡିପିଓ ଆଜୀଙ୍କିୟ ମାନେ ଓ ଲକ୍ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସ ଉପସ୍ଥିତ ଥିଲେ। ଏହି 'ଶିଶୁ ଅନୁକୂଳ ପୋଲିସ ଥାନା' ଷ୍ଟେସନ ର ଉଦ୍ଦେଶ୍ୟ ହେଉଛି ଛୋଟ ପିଲାମାନଙ୍କ ମନରେ ଥିବା ପୋଲିସ ପ୍ରତି ଭୟକୁ ଦୂରକରିବା। ଯାହା ଦ୍ୱାରା ସମାଜରେ ଘଟୁଥିବା ବିଭିନ୍ନ ଅପରାଧ ସମ୍ପର୍କରେ ପୋଲିସ ସହଜରେ ଖବର ପାଇବା ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ରେ ସହାୟକ ହେବ।

## ରଜନୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ହିଞ୍ଜିଳିକାଟୁ,୧୮।୩(ସଂଚାର ବ୍ୟୁରୋ)ଃ ୨୦୨୪ ସାଧାରଣ ନିର୍ବାଚନରେ ଗଞ୍ଜାମ (ପଶ୍ଚିମ) ସାଙ୍ଗଠନିକ ଜିଲ୍ଲା କଂଗ୍ରେସ ଅନ୍ତର୍ଗତ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ରଜନୀ କାନ୍ତ ପାଢ଼ୀଙ୍କ ନିଲମ୍ବନ ଆଦେଶ ଆଜି ପିସିସି ସଭାପତି ଭକ୍ତ ଦାସଙ୍କ ଅନୁମୋଦନ କ୍ରମେ ପ୍ରତ୍ୟାହୃତ ହୋଇଛି।ଏନେଇ ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସୁଜୀତ ପାଢ଼ୀ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ବିଭିନ୍ନ ସମୟରେ ବଦନାମ କରିବା ସହିତ କଂଗ୍ରେସ ସଭାପତିଙ୍କ ନାମ ଅପବ୍ୟବହାର କରି ଦଳୀୟ ଶୃଙ୍ଖଳା ଭଙ୍ଗ କରିବାର ଅଭିଯୋଗରେ ରଜନୀ ପାଢ଼ୀଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ପୁଣି ତାଙ୍କୁ ଦଳକୁ ସ୍ୱାଗତ କରାଯାଇଥିବା ବେଳେ କଂଗ୍ରେସ ଆଉ ଥରେ ପୁରୁଣା ନେତା ଓ କର୍ମୀଙ୍କୁ ଜୁଟାଇବ ବୋଲି ଚର୍ଚ୍ଚା ହେଉଛି। ପୂର୍ବ ଭଳି ସାଙ୍ଗଠନିକ କାର୍ଯ୍ୟକ୍ରମ ଯେମିତି ଚାଲିଥିଲା ପୁଣି ଚାଲୁ ରହିବ ଓ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଦିଗରେ ରାସ୍ତାଘାଟଠୁଁ ଆରମ୍ଭ କରି ମଠ ମନ୍ଦିର, ଶିକ୍ଷା, କୃଷି, ଜଳସେଚନ ସବୁ ଦିଗରେ କିଭଳି ଭାବେ ଉନ୍ନତି ହୋଇପାରିବ ସେ ଦିଗରେ ମୁଁ ଚେଷ୍ଟା କରିବି ନେଇ ରଜନୀ ପାଢ଼ୀ ସୂଚନା ଦେଇଛନ୍ତି।

## ନ୍ୟାୟପାଇଁ ସାମ୍ବାଦିକଙ୍କ ଧାରଣାଃ ଏସଡିପିଓଙ୍କ ପ୍ରତିଶ୍ରୁତିପରେ ଧାରଣା ପ୍ରତ୍ୟାହୃତ



ନୀଳଗିରି,୧୮।୩ (ସଂଚାର ବ୍ୟୁରୋ)ଃ ନ୍ୟାୟ ଦାବୀରେ ନୀଳଗିରିର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି, ନୀଳଗିରି ଥାନା ସମ୍ମୁଖରେ ଆଜି ସକାଳ ଘ ୯.୩୦ ସମୟରେ ଧାରଣାରେ ବସିଥିଲେ। ସ୍ଥାନୀୟ ଏସଡିପିଓ ଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତିପରେ ଶ୍ରୀ ମହାନ୍ତି ଧାରଣାରୁ ଓହରିଥିବା ଦେଖାଯାଇଛି।ସୂଚନାରୁ ଜଣାଯାଇଛି ଗତ ମାର୍ଚ୍ଚ ୨ତାରିଖ ନୀଳଗିରି ଏନଏସି ଅନ୍ତର୍ଗତ ୯ନଂ ୱାର୍ଡ କହାଳିଆ ଗାଁରେ ଦୋଳଠାକୁରଙ୍କୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲିଥିବା ସମୟରେ, ଶ୍ରୀ ମହାନ୍ତି ଫଟୋଉତ୍ତୋଳନ କରୁଥିଲେ। ସେହି ସମୟରେ ୩ ଜଣ ଯୁବକ ତାଙ୍କୁ ଆକ୍ରମଣକରି, ତାଙ୍କ ମୋବାଇଲ ଛଡ଼ାଇନେଇଯିବା ସହିତ ଛାତିରେ ବିଧା ମାରିବାରୁ, ସେ ଘଟଣାସ୍ଥଳରେ ତଳେ ଅଚେତହୋଇ ତଳେ ପଡ଼ିଯାଇଥିଲେ।ଖବରପାଇ ୧୧୨ ପୋଲିସଗାଡି ତାଙ୍କୁ ଉଦ୍ଧାରକରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରୁ ସେ ସୁସ୍ଥ ହୋଇ ଫେରିବାପରେ ନୀଳଗିରି ଥାନା ରେ ଏକ ଲିଖିତଏତଲା ଦେଇଥିଲେ। ସୂଚନାଯୋଗ୍ୟ, ଘଟଣାଘଟିବା ଦିନ ତାଙ୍କ ପୁତ୍ର ମଧ୍ୟ ଏକ ଲିଖିତ ଏତଲା ଦେଇଥିଲେ।

## ସରକାରୀ ସମ୍ପତ୍ତି ଉଚ୍ଛେଦ ନେଇ ଗ୍ରାମବାସୀଙ୍କ ଧାରଣା



ବାଲିଅନ୍ତା,୧୮।୩ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ଲୁଣା ଗ୍ରାମରେ ସରକାରୀ ସମ୍ପତ୍ତି ଉଚ୍ଛେଦ ନେଇ ଆଜି ବହୁ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମବାସୀ ମାନେ ଏସମ୍ପର୍କରେ ୧୬ ତାରିଖରେ ପ୍ରତାପଶାସନ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆୟୋଜିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ବୈଠକରେ ଜଣାଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମର ରବିନ୍ଦ୍ର ନାୟକ ନାମକ ଜଣେ ସୁନ୍ଦରମୁଣ୍ଡି ଠାକୁରାଣୀଙ୍କ ବିଜେସ୍ଥଳୀ ଜାଗା ଜବରଦଖଲ କରି ସେଥିରେ ଗାଡି ପାର୍କିଂ କରିଛନ୍ତି। ଶ୍ରୀ ନାୟକ ଅନୁରୂପ ଭାବେ ସରକାରୀ ସମ୍ପତ୍ତି ଜବରଦଖଲ ନେଇ ଗ୍ରାମବାସୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ତହସିଲଦାର ଶ୍ରୀ ସାହୁ ଗ୍ରାମବାସୀଙ୍କ ସହ ଏନେଇ ଆଲୋଚନା କରିଥିଲେ। ମାପଚୁପ କରି ଜବରଦଖଲ ଉଚ୍ଛେଦ ନେଇ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



OFFICE OF THE MUNICIPAL COUNCIL: KHORDHA
At/P.O./Dist. - Khordha
Phone No. 06755 220674
E-Mail- khurda_municipality@yahoo.co.in

No. 823 / Date 12-03-26

1 The Executive Officer, Khordha Municipality invites Percent Rate Bids from the intending registered eligible Contractors of State Government/ Municipality registered Contractor/ Local Contractors having Line Department Registration for execution of different works mentioned below in prescribed forms in conformity with Detail Tender Call Notice as per the Norms.

2 The Key dates & basic information relating to the Tender are as follows clause:-

| Sl No. | Details of Activities | Remarks |
|---|---|---|
| 1 | Availability of Bid Document | From 11:00 AM on Dated 12.03.2026 to 5:00 PM on Dated 20.03.2026 (in the Cash Section of Khordha Municipality with Payment of Tender Paper Cost as per DTCN) |
| 2 | Last date for submission of Bid Documents and receipt of Hard Copy of tender document | Up to 5:30 PM on Dated 20.03.2026 (Last Date for Receipt of Bid Documents in the Tender Box available in Khordha Municipality) |
| 3 | Date of Opening of Bid | From 11:30 AM on Dated 23.03.2026 in the Chamber of O/O the Executive Officer, Khordha Municipality |
| 4 | Cost of Tender document & Bid Security | As Specified in the DTCN |
| 5 | Postal Address for sending Bids & further correspondence | Executive Officer, Khordha Municipality, Dist. Khordha, Pin:- 752055, E mail:- khurda_municipality@yahoo.co.in |

Executive Officer
Khordha Municipality

ବିକଶିତ ଓଡ଼ିଶା ଦିଗରେ ବଡ଼ ପଦକ୍ଷେପ

# ସେବା ଓ ସଶକ୍ତିକରଣ ମନ୍ତ୍ରରେ ବଦଳିବ ଗ୍ରାମୀଣ ରୂପରେଖ

- ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଘରକୁ ପାଇପ ପାଣି ସୁବିଧା
- ଦାଦନ ସମସ୍ୟା ରୋକିବାକୁ ସ୍ୱତନ୍ତ୍ର ଯୋଜନା



ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣକୁ ୨୦୨୬-୨୭ ବଜେଟରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଉଭୟ ଗ୍ରାମୀଣ ବିକାଶ ଓ ପାନୀୟ ଜଳ ଯୋଗାଣ ପାଇଁ ବଡ଼ ଲକ୍ଷ୍ୟ ରଖାଯାଇ ବଡ଼ ବ୍ୟୟବରାଦର ବ୍ୟବସ୍ଥା କରାଯାଇଛି ବୋଲି ଆଜି ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ଏଥର ବଜେଟରେ ମୋଟ ୩୪ ହଜାର ୧୦୪ କୋଟି ୬ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ୧୦ ହଜାର ୨୦୪ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ବୃହତ ପାଣ୍ଠି ମାଧ୍ୟମରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ସଡ଼କ ସଂଯୋଗୀକରଣ ଓ ଜୀବିକା ନିର୍ବାହର ନୂତନ ସୁଯୋଗ ସୃଷ୍ଟି କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି।

ଗ୍ରାମାଞ୍ଚଳର ସବୁ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଆବାସ ଯୋଜନାକୁ ବଜେଟରେ ପ୍ରାଧାନ୍ୟ ଦିଆଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ୨,୪୪୫ କୋଟି ଟଙ୍କା, ଅନ୍ତ୍ୟୋଦୟ ଯୋଜନା ପାଇଁ ୨,୦୦୦ କୋଟି ଟଙ୍କା ଏବଂ ପିଏମ୍-ଜନମନ ଯୋଜନା ପାଇଁ ୩୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଛି। ରାଜ୍ୟରେ ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ 'ଭିବି-ଜି ରାମ ଜି' ଯୋଜନା ପାଇଁ ୫,୫୭୫ କୋଟି ଟଙ୍କା ରଖାଯାଇଛି। ଏହି ଯୋଜନାରେ ବାର୍ଷିକ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ସହ ଚାଷ ସମୟରେ ୬୦ ଦିନର ବିରତି ସୁବିଧା ରହିଛି। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ମନରେଗା ପାଇଁ ୧,୬୨୬ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏଥିସହ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ଗଜପତି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ପରି ୯ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ ଦାଦନ ସମସ୍ୟା ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା 'କର୍ମବର୍ଦ୍ଧିଷ୍ଣୁ ପଦ୍ଧତି ମାଧ୍ୟମରେ ଜୀବିକା ଅଭିବୃଦ୍ଧି' କାର୍ଯ୍ୟକାରୀ କରାଯିବ। ୩୬ ମାସର ଏହି ମିଶନ ପାଇଁ ୨୦୨୬-୨୭ ବର୍ଷରେ ୨୨୦ କୋଟି ଟଙ୍କା ଅନୁମୋଦିତ ହୋଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି।

୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମୀଣ ପରିବାରକୁ ଶତପ୍ରତିଶତ ପାଇପ ଜଳ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୧ ତାରିଖ ସୁଦ୍ଧା ୭୭.୧୫ ପ୍ରତିଶତ ପରିବାର ଏହି ସୁବିଧା ପାଇଥିବା ବେଳେ ଚଳିତ ବର୍ଷ ପାଇଁ 'ଜଳ ଜୀବନ ମିଶନ'ରେ ୭ ହଜାର କୋଟି, ବସୁଧା ଯୋଜନାରେ ୪୯୫ କୋଟି ଏବଂ ଆରପିଡବ୍ଲୁଏସ୍ ଯୋଜନା ପାଇଁ ହଜାରେ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏଥିସହ ନୂତନ 'ମିଶନ ପାୱାର' ଯୋଜନାରେ ଏକ ହଜାର କୋଟି ଟଙ୍କା ବିନିଯୋଗ କରାଯାଇ ୧,୦୪୩ଟି ଅଣ-ସଂଯୋଗୀକୃତ ଜନବସତିକୁ ଯୋଗାଯୋଗ ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି।

ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ୫,୨୦୦ କିମି ରାସ୍ତା ଓ ୩୦୦ଟି ସେତୁ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ଏଥିସହ ୯,୭୦୦ କିମି ନୂତନ ରାସ୍ତା ଓ ୩୫୦ଟି ନୂତନ ସେତୁ ପ୍ରକଳ୍ପ ହାତକୁ ନେବ। ଏଥିସହ ୧୪୨ଟି ନିର୍ବାଚନମଣ୍ଡଳୀରେ ରାସ୍ତାର ଉନ୍ନତିକରଣ ପାଇଁ ୧୪୨ କୋଟି ଓ ଦୁର୍ବିପାକ ନିରୋଧୀ ରାସ୍ତା ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେବା, ସୁବିଧା ଓ ସଶକ୍ତିକରଣ ମନ୍ତ୍ରକୁ ପାଥେୟ କରି ଗ୍ରାମୀଣ ଓଡ଼ିଶାର ରୂପରେଖ ବଦଳାଇବା ପାଇଁ ବିଭାଗ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି।

## ବ୍ୟାଙ୍କ୍‌ରେ ଜମା ହେଲା ଶ୍ରୀମନ୍ଦିର ପ୍ରଶାସନର ୩୯.୨୨ କୋଟି

ପୁରୀ,୧୮।୩ (ସଂଚାର ବ୍ୟୁରୋ)ଃ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩୯ କୋଟି ୨୨ ଲକ୍ଷ ଟଙ୍କା ଏକ ବର୍ଷ ପାଇଁ ସ୍ଥାୟୀ ଜମା ଆକାରରେ ଜମା ହୋଇଛି। ସ୍ଥାନୀୟ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏହି ଜମା କରାଯାଇଛି। କର୍ପସ ଫଣ୍ଡର ୩୬ କୋଟି ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ୩ କୋଟି ୨୨ ଲକ୍ଷ ଏହିପରି ସମୁଦାୟ ୩୯ କୋଟି ୨୨ ଲକ୍ଷ ଟଙ୍କା ପିଏନ୍‌ବିରେ ଏକ ବର୍ଷ ପାଇଁ ଜମା କରାଯାଇଛି। ଅର୍ଥ ସବ୍- କମିଟିର ଟେଣ୍ଡର ବିଡିଙ୍ଗ୍‌ରେ ୭.୪୦ ସୁଧ ହାରରେ ପିଏନ୍‌ବିରେ ୨୦୨୬-୨୭ ବର୍ଷ ପାଇଁ ଏହି ଟଙ୍କା ଜମା କରାଯାଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବାରମ୍ବାର ନୀଳଚକ୍ର ଉପରେ ବସୁଛି ଚିଲ



ପୁରୀ,୧୮।୩(ସଂଚାର ବ୍ୟୁରୋ)ଃଶ୍ରୀମନ୍ଦିର ନୀଳଚକ୍ର ଉପରେ ଗତକାଲି ଅପରାହ୍ନରେ ବେଶ୍ କିଛି ସମୟ ଧରି ଏକ ଚିଲ ବସିଥିବା ଦେଖିବାକୁ ମିଳିଥିଲା। ଗତ କିଛିଦିନ ହେବ ଲଗାତର ଏପରି ଘଟଣା ଦେଖିବାକୁ ମିଳୁଥିବା ବେଳେ କୌଣସି ଅଘଟଣ ଘଟିବା ନେଇ ଭକ୍ତମାନେ ଆଶଙ୍କା କରୁଛନ୍ତି। ଚୂନରା ସେବକ ଶ୍ରୀମନ୍ଦିର ପତିତପାବନ ବାନା ପରିବର୍ତ୍ତନ ସମୟରେ ଏକ ଚିଲ ସେଠାରେ କିଛି ସମୟ ଉଡ଼ିବା ପରେ ଅକ୍ଷୟ ଦଣ୍ଡରେ ବସିଥିଲା। ତେବେ ପତିତପାବନ ବାନା ଉପରେ ଚିଲ ବସିବା ଶୁଭ କି ଅଶୁଭ, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କେତେକ ସେବାୟତ ଏହାକୁ ଅଶୁଭ ସଙ୍କେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ଆଦି ବୃଦ୍ଧି ପାଇଥାଏ ବୋଲି ସେବକମାନେ କହିଛନ୍ତି। କିନ୍ତୁ ଏହା ଏକ ସାଧାରଣ କଥା ବୋଲି ଅନେକ ବ୍ୟକ୍ତିବିଶେଷ ମତ ଦେଇଛନ୍ତି। ପୂର୍ବରୁ ବାରମ୍ବାର ଶ୍ରୀମନ୍ଦିର ନୀଳଚକ୍ର ଉପରେ ଚିଲ ଉଡ଼ିବା, ବସିବା, ମାନସିକ ବାନା ଛିଡ଼ିବା ଓ ଶହ ଶହ ସଂଖ୍ୟାରେ ଚିଲ ଶ୍ରୀମନ୍ଦିର ଚାରିପଟେ ବୁଲିବାର ନଜିର ରହିଛି। ତେଣୁ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେମାନେ କହିଛନ୍ତି।



● ପୁଣି ଏସ୍‌ସିବିରେ ନିଆଁ ଭୟ

## ଅଳ୍ପକେ ବର୍ତ୍ତିଲା ନନ ଟ୍ରମା କାଜୁଆଲଟି

କଟକ,୧୮।୩(ସଂଚାର ବ୍ୟୁରୋ)ଃ କଟକ ବଡ଼ ମେଡିକାଲ୍‌ରେ ଗତ ରବିବାର ବିଳମ୍ବିତ ରାତିରେ ଟ୍ରମା କେୟାର୍ ଆଇସିୟୁରେ ଭୟଙ୍କର ଅଗ୍ନିକାଣ୍ଡ ଘଟିବା ଫଳରେ ୧୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ତେବେ କ୍ରମାଗତ ଭାବେ ମେଡିକାଲ୍‌ରେ ଅଗ୍ନିକାଣ୍ଡ ଘଟୁଥିବାରୁ ଏହା ଉଭୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଅହେତୁକ ଭୟଭାବ ସୃଷ୍ଟି କରିଛି। ଏହି କ୍ରମରେ ଆଜି ପୁଣିଥରେ ମେଡିକାଲ୍‌ରେ ନିଆଁ ଭୟ ଦେଖିବାକୁ ମିଳିଥିଲା। ନନ୍ ଟ୍ରମା କାଜୁଆଲଟିରେ ଶର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। କିନ୍ତୁ ଏହା ଗୁରୁତର ହେବା ପୂର୍ବରୁ ଏହାକୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ନିୟନ୍ତ୍ରଣ କରିଛନ୍ତି। ଫଳରେ ନନ୍ ଟ୍ରମା କାଜୁଆଲଟିରେ ଚିକିତ୍ସାଧୀନ ଥିବା ଶହେରୁ ଊର୍ଦ୍ଧ୍ୱ ରୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଧୂଆଁ ବାହାରିବା କାରଣରୁ ସ୍ମୋକ ଡିଟେକ୍ଟର ସକ୍ରିୟ ହୋଇଯାଇଥିଲା। ସଠିକ ସମୟରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇପାରିଛି। ଏକ ପ୍ୟାନେଲ ବୋର୍ଡରେ ଶର୍ଟସର୍କିଟ ହୋଇଥିବା ବେଳେ ରିପୋର୍ଟ ଲେଖାଯିବା ବେଳକୁ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

## ପୁରୀ ସମୁଦ୍ରରେ ବୁଡ଼ିଗଲେ ପର୍ଯ୍ୟଟକ



ଉଦ୍ଧାର କଲେ ଲାଇଫଗାର୍ଡ

ପୁରୀ,୧୮।୩ (ସଂଚାର ବ୍ୟୁରୋ)ଃ ପୁରୀ ସମୁଦ୍ରରେ ଆଜି ଘଟିଛି ଅଘଟଣ। ସମୁଦ୍ରରେ ଗାଧୋଉଥିବା ସମୟରେ ଜଣେ ପର୍ଯ୍ୟଟକ ବୁଡ଼ିଯାଇଥିଲେ। ପୁରୀ ସ୍ୱର୍ଗଦ୍ୱାର ସମୁଦ୍ର କୂଳ ସେକ୍ଟର-୯ରେ ଏହି ଘଟଣା ଘଟିଥିଲା। ତେବେ ସମୁଦ୍ର କୂଳରେ ମୁତୟନ ଥିବା ଲାଇଫ ଗାର୍ଡମାନେ ସମୁଦ୍ର ଭିତରକୁ ଯାଇ ଉକ୍ତ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ଫଳରେ ତାଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେ ବାଲେଶ୍ୱର କୁଣ୍ଡି ଗାଁର ହରିହର ବେହେରା ବୋଲି ଜଣାପଡ଼ିଛି। ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ହରିହର ସ୍ୱର୍ଗଦ୍ୱାର ନିକଟ ସମୁଦ୍ରରେ ସ୍ନାନ କରୁଥିବା ବେଳେ ଅଚାନକ ରିପ୍ କରେଣ୍ଟରେ ପଡ଼ି ବୁଡ଼ିଯାଇଥିଲେ। ତେବେ ହରିହରଙ୍କୁ ବଞ୍ଚାଇବା ସକାଶେ ସେଠାରେ ଉପସ୍ଥିତି ଥିବା ଲୋକମାନେ ଚିତ୍କାର କରିବାରୁ ଲାଇଫଗାର୍ଡମାନେ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ତେବେ ହରିହରଙ୍କ ଅବସ୍ଥା ସ୍ଥିର ଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ହୀରାପୁର ବ୍ୟବସାୟୀଙ୍କୁ ହତ୍ୟା ମାମଲାରେ ଆସିଲା ରାୟ

## ହତ୍ୟାକାରୀ ପ୍ରେମିକାକୁ ଆଜୀବନ ଜେଲ୍‌ଦଣ୍ଡାଦେଶ

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃ ପିଶାଚ ପ୍ରେମିକାକୁ ଆଜୀବନ ଜେଲ୍‌ଦଣ୍ଡାଦେଶ ହୋଇଛି। ଲିଭ୍-ଇନରେ ରହି ପ୍ରେମିକକୁ ହତ୍ୟା କରିଥିଲା ସେ। ବାଲିଅନ୍ତା ହୀରାପୁରର ବ୍ୟବସାୟୀଙ୍କୁ ହତ୍ୟା ଘଟଣାରେ ଆଜି ରାୟ ଆସିଥିବା ବେଳେ ହତ୍ୟାକାରୀ ପ୍ରେମିକାକୁ ମିଳିଛି ଆଜୀବନ ଜେଲ୍‌ଦଣ୍ଡାଦେଶ। ବିଶ୍ୱଜିତ ନାୟକ ହତ୍ୟା ମାମଲାରେ ପ୍ରେମିକା ଶୁଙ୍କି ରଣାଙ୍କୁ ହୋଇଛି ଏହି ଦଣ୍ଡ। ଆଜି ଏହି ମାମଲାର ବିଚାର ଶେଷ କରି ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୋରାଜଜ କୋର୍ଟର ବିଚାରପତି ବନ୍ଦନା କର ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ୧୬ଟି ଦସ୍ତାବିଜ ସହ ୧୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଆଧାରରେ ଶୁଙ୍କିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। କେୟାର ଟେକର ସହ ଲିଭ୍ ଇନ୍ ପ୍ରେମ ସମ୍ପର୍କ ପାଇଁ ଏଭଳି ଘଟିଥିଲା। ଏହି ଘଟଣାରେ ପ୍ରେମିକା ଶୁଙ୍କି ଏକ କାଠ ଫାଳିଆରେ ପିଟି ପିଟି ପ୍ରେମିକ ବିଶ୍ୱଜିତ୍‌କୁ ହତ୍ୟା କରିବା ସହ ଫେରାର୍ ହୋଇଯାଇଥିଲା। ତେବେ ପୂର୍ବରୁ ମଧ୍ୟ ସେ ଏକ ହତ୍ୟା ମାମଲାରେ ସଜା କାଟି ଜେଲରୁ ମୁକୁଳିଥିଲା। ଆଶ୍ରମରେ ରହିବା ସମୟରେ ଅନ୍ୟ ଜଣେ ଅନ୍ତେବାସୀର ପୁଅ ସହ ହୋଇଥିଲା ତା'ର ପ୍ରେମ। ଗତ ୨୦୨୪ ଜାନୁଆରୀ ୧୩ ତାରିଖରେ ବାଲିଅନ୍ତା ଥାନା ଅନ୍ତର୍ଗତ ହୀରାପୁରରେ ଘଟିଥିଲା ହତ୍ୟା ଘଟଣା। ଏହି ଘଟଣାରେ ଉକ୍ତ ବର୍ଷ ଜାନୁଆରୀ ୧୬ରେ ପୁଲିସ୍ ହତ୍ୟାକାରୀ ଶୁଙ୍କିଙ୍କୁ ଗିରଫ କରିଥିଲା। ଶୁଙ୍କିର ଘର ଝାରସୁଗୁଡ଼ାରେ ହୋଇଥିବା ବେଳେ ସେ ପୁର୍ବରୁ ତା'ର ଝିଆରୀକୁ ହତ୍ୟା କରି ଜେଲ୍‌ରେ ଦଣ୍ଡାଦେଶ କାଟିସାରିଥିଲା। ପରେ ଦ୍ୱିତୀୟ ହତ୍ୟାକାଣ୍ଡ ଘଟାଇ ସେ ଝାରପଡ଼ା ଜେଲରେ ଥିଲା।

## ଅଫିସ୍ ଭିତରେ ଆର୍‌ଆଇଙ୍କୁ ପିଟିଲେ

ଯୁବକ ମାଡ଼ ମାରୁଥିବା ସମୟର ଭିଡିଓ ଭାଇରାଲ



ଚାନ୍ଦବାଲି,୧୮।୩(ସଂଚାର ବ୍ୟୁରୋ)ଃ ଅଫିସ୍ ଭିତରେ ପଶି ଜନୈକ ଆର୍‌ଆଇଙ୍କୁ ଜଣେ ଯୁବକ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିଛନ୍ତି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ ଅନ୍ତର୍ଗତ ସାରଣା ଆରଆଇ ତାପସ ରଞ୍ଜନ ଜେନାଙ୍କୁ ଏହିପରି ଆକ୍ରମଣ ହୋଇଛି। ସେ ଅଫିସ୍‌ରେ ବସି କାମ କରୁଥିବା ସମୟରେ ଉକ୍ତ ଯୁବକ ଜଣଙ୍କ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ସମୟର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ମାଡ଼ ମାରିଥିବା ଯୁବକ ଜଣଙ୍କ ଭୂଇଁବୃତ୍ତି ପଞ୍ଚାୟତ ଜଗନ୍ନାଥପୁର ଗାଁର ସୁବାସ ଦାସ ବୋଲି ଜଣାପଡ଼ିଛି। ଆର୍‌ଆଇ ତାପସ ରଞ୍ଜନ ଓ ସୁବାସଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁବାସ ଆର୍‌ଆଇଙ୍କୁ ମାଡ଼ ମାରିଥିଲେ। ଏନେଇ ଚାନ୍ଦବାଲି ଥାନା ଓ ତହସିଲଦାରଙ୍କ ନିକଟରେ ଆର୍‌ଆଇ ଜଣଙ୍କ ଲିଖିତ ଅଭିଯୋଗ କରିଛନ୍ତି।

● ନନ୍ଦନକାନନ ପ୍ରାଣୀଉଦ୍ୟାନରେ ନୂଆ ଅତିଥି

## ଜନ୍ମନେଲା ଲମ୍ବା ଥଣ୍ଟିଆ ଶାଗୁଣା ଛୁଆ

ବାରଙ୍ଗ,୧୮।୩(ସଂଚାର ବ୍ୟୁରୋ)ଃ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆଜି ଜଣେ ନୂଆ ଅତିଥିଙ୍କ ଆଗମନ ହୋଇଛି। ପ୍ରାଣୀ ଉଦ୍ୟାନର ଶାଗୁଣା ପ୍ରଜନନ କେନ୍ଦ୍ରରେ ଏକ ଲମ୍ବା ଥଣ୍ଟିଆ ଶାଗୁଣା ଛୁଆ ଜନ୍ମ ନେଇଛି। ଗତ ୧୧ ତାରିଖରେ ଅଣ୍ଡାରୁ ଛୁଆଟି ସଫଳତାର ସହ ଫୁଟି ବାହାରିଥିଲା। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅଧିନରେ ୨୦୧୨ରେ ଏହି ଶାଗୁଣା ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା କରଯାଇଥିଲା। ଗତ ଜାନୁଆରୀ ୧୬ ତାରିଖରେ ଶାଗୁଣା ଅଣ୍ଡା ଦେଇଥିଲା। ପରେ ଗତ ୧୧ରେ ଉକ୍ତ ଅଣ୍ଡାରୁ ଛୁଆ ବାହାରିଥିବା ଜଣାପଡ଼ିଛି। ଛୁଆଟି ସୁସ୍ଥ ଅଛି ଓ ତାକୁ ୨୪ ଘଣ୍ଟିଆ ସିସିଟିଭି ନଜରରେ ରଖାଯାଇଛି। ଏହି ଶାଗୁଣା ଜନ୍ମ ହେବା ପରେ ନନ୍ଦନକାନନରେ ଲମ୍ବା ଥଣ୍ଟିଆ ଶାଗୁଣା ସଂଖ୍ୟା ୧୧କୁ ବୃଦ୍ଧି ପାଇଛି।

ସାମାଜିକ କର୍ମୀଙ୍କୁ ଆକ୍ରମଣ

## ଜେଲ୍ ଗଲେ ବାପ-ପୁଅ



ଦିଗପହଣ୍ଡି,୧୮।୩(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସହଦେବ ଟିକରପଡ଼ା ଗ୍ରାମର ଜନୈକ ସାମାଜିକ କର୍ମୀଙ୍କୁ ମାଡ଼ ମାରି ବାପ-ପୁଅ ଜେଲ୍ ଯାଇଛନ୍ତି। ଗତକାଲି ରାତିରେ ସାମାଜିକ କର୍ମୀ ମାନସ ରଞ୍ଜନ ପଟ୍ଟନାୟକ ଓରଫ ମନୋଜଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିଲା। ମନୋଜଙ୍କୁ ପରିବାର ଲୋକେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମନୋଜ ଏନେଇ ଏତଲା ଦେଇଥିବା ବେଳେ ଏହାକୁ ଭିତ୍ତି କରି କେ. ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକ ମାମଲା ନଂ.୭୫/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ଘଟଣା ସହ ଜଡ଼ିତ କାଲୁ ଗୌଡ଼ ଓ ତାଙ୍କ ପୁଅ ମନୋଜଙ୍କୁ ପୁଲିସ ଗିରଫ କରି ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍-ଜେଲ୍ ହାଜତକୁ ପଠାଯାଇଛି। ମନୋଜଙ୍କୁ କାଳୁ ଓ ମନୋଜ ସହ ଶିବ ଗୌଡ଼, ଟୁକୁନା ଗୌଡ଼, କାଲା ଗୌଡ଼, ସୋନୁ ଗୌଡ଼, ରାମକୃଷ୍ଣ ଗୌଡ଼ ବିଭିନ୍ନ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। କାଲୁ ନାଁରେ ପୂର୍ବରୁ ହତ୍ୟା ମାମଲା ଥିବା ବେଳେ ସେ ଜାମିନରେ ଆସିଥିଲେ।

# ପୁରୁଣା ପାସପୋର୍ଟ ଅଫିସ ଉଡ଼ାଇ ଦେବାକୁ ଧମକ





ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରରେ ପୁରୁଣା ପାସପୋର୍ଟ ଅଫିସକୁ ବୋମାରେ ଉଡ଼ାଇ ଦେବାକୁ ମିଳିଛି ଧମକ। ମେଲ୍‌ରେ ଏପରି କିଛି ଧମକ ଦେଇଛନ୍ତି ଦୁର୍ବୃତ୍ତ। ଖବର ପାଇ ନୟାପଲ୍ଲୀ ପୁଲିସ୍ ପୁରୁଣା ପାସପୋର୍ଟ ଅଫିସରେ ପହଞ୍ଚି ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଛି। ଅଫିସ ଭିତରେ ଓ ବାହାରେ ସର୍ଚ୍ଚ ଅପରେସନ କରିଛି ଟିମ୍। ଏହା ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ ଓ ଡଗ୍ ସ୍କ୍ୱାଡ ପକ୍ଷରୁ ମିଳିତ ଭାବେ ଯାଞ୍ଚ କରାଯାଇଛି। କିନ୍ତୁ ସେଭଳି କୌଣସି ସନ୍ଦେହଜନକ ଜିନିଷ ପୁଲିସ୍ ପାଇନାହିଁ। ତେବେ ବାରମ୍ବାର ବିଭିନ୍ନ ସରକାରୀ ଅଫିସକୁ ବୋମା ଧମକ ନେଇ ମେଲ୍ ଆସୁଥିବାରୁ ଏହା ପୁଲିସର ଚିନ୍ତାକୁ ବହୁଗୁଣିତ କରିଦେଇଛି।

ସୂଚନାଯୋଗ୍ୟ ଯେ ନିକଟ ଅତୀତରେ ଭୁବନେଶ୍ୱର କୋର୍ଟକୁ ବୋମା ଧମକ ମିଳିଥିଲା। ମେଲ୍ ଜରିଆରେ କୋର୍ଟକୁ ଉଡାଇ ଦେବାକୁ ଧମକ ଦିଆଯାଇଥିଲା। ଅଜଣା ମେଲ୍ ନେଇ କୋର୍ଟ ପରିସରରେ ଆତଙ୍କ ଖେଳିଯାଇଥିଲା। ତୁରନ୍ତ ପୁଲିସ୍ ବମ୍ ସ୍କ୍ୱାଡ୍ ଓ ଡଗ ସ୍କ୍ୱାଡ୍ ସହ ତଦନ୍ତ ଆରମ୍ଭ କରିଥିଲା। କୋର୍ଟ ପରିସରରେ ପୁଲିସ ଟିମ୍ ତନାଘନା ଚଳାଇଥିଲା। କୋର୍ଟ କର୍ମଚାରୀ, ମାଜିଷ୍ଟ୍ରେଟ ଓ ଓକିଲଙ୍କ ସହ ପୁଲିସ୍ ଆଲୋଚନା ବି କରିଥିଲା। ସେହିପରି ନିକଟରେ ପୁରୀ କୋର୍ଟକୁ ଉଡାଇଦେବାକୁ ମେଲରେ ଧମକ ଦିଆଯାଇଥିଲା। ଫଳରେ ଆଇନଜୀବୀମାନେ ଭୟରେ କୋର୍ଟ ବାହାରକୁ ପଳାଇଆସିଥିଲେ। ସୂଚନା ପାଇବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତନାଘନା ଜାରି ରହିଥିଲା। ଅଦାଲତର ସମସ୍ତ କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ମେଲ ଆସିବା ପରେ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଗତ ମାସ ୬ ତାରିଖରେ ମଧ୍ୟ ପୁରୀ କୋର୍ଟକୁ ବୋମା ଧମକ ମିଳିଥିଲା। କିନ୍ତୁ ସବୁ ଥର ଏହି ଧମକ କେବଳ ଗୁଜବ ସାବ୍ୟସ୍ତ ହୋଇଛି।

● ରେଢ଼ାଖୋଲ ଜଙ୍ଗଲରେ ଏନକାଉଣ୍ଟର

## ଦୁର୍ଦ୍ଧାନ୍ତ ଅପରାଧୀ ଟିମା ଆହତ, ୩ ସହଯୋଗୀ ଗିରଫ



ରେଢ଼ାଖୋଲ,୧୮।୩(ସଂଚାର ବ୍ୟୁରୋ)ଃରେଢ଼ାଖୋଲ ଜଙ୍ଗଲରେ ପୁଲିସ ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଧାନ୍ତ ଅପରାଧୀ ଟିମା ଆହତ ହୋଇଛି। ପୁଲିସ ଗୁଳି ଟିମା ଧନେଶ୍ୱର ଝାଙ୍କରର ଡାହାଣ ଗୋଡ଼ରେ ବାଜିଥିବାରୁ ସେ ଆହତ ହୋଇଛି। ତାକୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଟିମା ନାଁରେ ବିଭିନ୍ନ ଜିଲ୍ଲାରେ ୪୦ରୁ ଅଧିକ ମାମଲା ରହିଛି। ତେବେ ଏନ୍‌କାଉଣ୍ଟର୍ ସମୟରେ ପୁଲିସ୍ ଟିମାର ୩ ଜଣ ସହଯୋଗୀକୁ ଗିରଫ କରିଛି। ଆଜି ଟିମା ତା'ର ୩ ସହଯୋଗୀଙ୍କ ସହ ରେଢ଼ାଖୋଲ ଥାନା ଅଞ୍ଚଳର ଡୁଙ୍ଗଛାଲି ଜଙ୍ଗଲରେ ଥିବା ଜାଣି ନାକଟିଦେଉଳ ପୁଲିସ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲା। କିନ୍ତୁ ସେମାନେ ପୁଲିସ୍ ଉପରକୁ ଗୁଳି ଚଳାଇବାରୁ ପୁଲିସ୍ ବି ପାଲଟା ଗୁଳି ଚଳାଇଥିଲା। ଟିମା ୩ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ପୁଲିସ ୨ ରାଉଣ୍ଡ ଗୁଳି ଚଳାଇଥିଲା। ଏଥିସହ ପିସ୍ତଲ, ଅଫୁଟା ଗୁଳି, ବୋଲେରୋ, ତାର କଟର ଜବତ ହୋଇଛି।

## ମା' ତାରିଣୀ ଡେଭଲପମେଣ୍ଟ ଫୋରମ ପକ୍ଷରୁ ସମ୍ବର୍ଦ୍ଧନା





ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ)ଃ ମା' ତାରିଣୀ ଡେଭଲପମେଣ୍ଟ ଫୋରମ ପକ୍ଷରୁ ଦୁଇ ଜଣ ଅବସରପ୍ରାପ୍ତ ଯନ୍ତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ଦୁଇ ନୂଆ ଅଧିକାରୀଙ୍କୁ ସ୍ୱାଗତ କରାଯାଇଛି। ଏନେଇ ଆଜି ଏଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଫୋରମର ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ୱାଟକୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଇଂ. ଗୁରୁଚରଣ ଦାଶ ଓ ୱାଟକୋ ଡିଭିଜନ-୨ର ପୂର୍ବତନ ଜେନେରାଲ ମ୍ୟାନେଜର ଇଂ. ରାଜେନ୍ଦ୍ର ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ନୂଆକରି ଦାୟିତ୍ୱ ନେଇଥିବା ୱାଟକୋ ଡିଭିଜନ-୧ର ଜେନେରାଲ ମ୍ୟାନେଜର ଇଂ. ବିକ୍ରମ ରାଉତ ଓ ୱାଟକୋ ଡିଭିଜନ-୨ର ଜେନେରାଲ ମ୍ୟାନେଜର ଇଂ. ରାଜେନ୍ଦ୍ର ସେଠୀଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଇଂ. ଦେବ ନାରାୟଣ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ୱାଟକୋ ସିଇଓ ଇଂ. ସାନନ୍ଦ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଫୋରମର ସଂଯୋଜକ ରବି ନାରାୟଣ ମହାପାତ୍ର। ବିଜୟ ସାସମଲ, ସଂଗ୍ରାମ ପରିଡ଼ା, ମନ୍ମଥ ବେଉରା, ଜଗଦୀଶ ପାତ୍ର, ବୁଡ଼ା ମହାନ୍ତି, ସତ୍ୟଜିତ ଦାଶ, ସୌମ୍ୟକାନ୍ତ ସ୍ୱାଇଁ, ସନ୍ତୋଷ ଲେଙ୍କା, ସିଲ ଦିବାକର, ସୁଶାନ୍ତ ଦାସ ଓ ସରୋଜ ନାୟକ ଉପସ୍ଥିତ ଥିଲେ।

# ୫.୫୬ କୋଟି ଆତ୍ମସାତ୍, ବ୍ୟାଙ୍କ ମ୍ୟାନେଜର ଗିରଫ



ଯାଜପୁର/ଭୁବନେଶ୍ୱର, ୧୮।୩ (ସଂଚାର ବ୍ୟୁରୋ) ଃ ୫.୫୬ କୋଟି ଟଙ୍କା ହରିଲୁଟ୍ ମାମଲାରେ ବ୍ୟାଙ୍କ ମ୍ୟାନେଜର ପୁଅ ଓ ଅବସରପ୍ରାପ୍ତ ଶିକ୍ଷକ ବାପା ଗିରଫ। ବାପ-ପୁଅ ମିଶି କରିଥିଲେ କୋଟି କୋଟି ଟଙ୍କା ଆତ୍ମସାତ୍। ଆଜି ଓଡ଼ିଶା ଭିଜିଲାନ୍ସ ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ଗିରଫ କରିଛି। ଯାଜପୁର ଜିଲ୍ଲା କୋରେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରାୟ ୫ କୋଟି ୫୬ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ହେରଫେର କରିଥିବା ଅଭିଯୋଗରେ ଜନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ (ଭଦ୍ରକ)ର ଶାଖା ପରିଚାଳକ ମାତୃପ୍ରସାଦ ମହାନ୍ତି ଗିରଫ ହୋଇଛନ୍ତି।

ଏହି ସମ୍ପୂର୍ଣ୍ଣ ଦୁର୍ନୀତି ପଛରେ ମାତୃପ୍ରସାଦ ଓ ତାଙ୍କ ବାପା ପ୍ରଦୀପ କୁମାର ମହାନ୍ତିଙ୍କ ହାତ ରହିଛି। ପ୍ରଦୀପ କୁମାର ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ। ସେ କୋରେଇ ବିଇଓ ଅଫିସରେ ପୁନଃ-ନିଯୁକ୍ତି ପାଇ କାମ କରୁଥିଲେ। ପ୍ରଦୀପ କୁମାର ବେଆଇନ ଭାବେ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲ୍ ବ୍ୟବହାର କରିଥିଲେ। ସେ ୧୩ ଅବସରପ୍ରାପ୍ତ ଶିକ୍ଷକଙ୍କ ଆଇଡି ବ୍ୟବହାର କରିଥିଲେ। ସେହି ଶିକ୍ଷକମାନେ ଏବେ ବି ଚାକିରି କରୁଛନ୍ତି ବୋଲି ମିଛ ରେକର୍ଡ ଦେଖାଇ ସେମାନଙ୍କ ନାଁରେ ପ୍ରଦୀପ ମାସିକ ପେନ୍‌ସନ୍ ବିଲ୍ ପ୍ରସ୍ତୁତ କରୁଥିଲେ। ସେହି ଟଙ୍କାଗୁଡ଼ିକୁ ବିଭିନ୍ନ ଏସ୍‌ବିଆଇ ବ୍ୟାଙ୍କ ଶାଖାରେ ଥିବା ନିଜ ଆକାଉଣ୍ଟ, ତାଙ୍କ ପୁଅ ମାତୃପ୍ରସାଦ ଓ ଅନ୍ୟ ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ପଠାଇ ଦେଉଥିଲେ। ଏହି ଜାଲିଆତି ୨୦୧୮ ନଭେମ୍ବରରୁ ୨୦୨୪ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୬ ବର୍ଷ ଧରି ଚାଲିଥିଲା। କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଅନୁସାରେ ମାମଲା ରୁଜୁ ହୋଇଛି। ମାତୃପ୍ରସାଦ ମହାନ୍ତିଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି।

କାଳବୈଶାଖୀ ଆଶଙ୍କା

## କଳାହାଣ୍ଡି ଓ ନବରଙ୍ଗପୁରକୁ ଅରେଞ୍ଜ ୱାର୍ଣ୍ଣିଂ





ଭୁବନେଶ୍ୱର , ୧୮।୩ (ସଂଚାର ବ୍ୟୁରୋ) ଃ ୫ଦିନ କାଳବୈଶାଖୀ ଆଶଙ୍କା। ଆସନ୍ତା ୨୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। କାଲି ପାଇଁ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇପାରେ। କୁଆପଥର ମାଡ଼ର ସମ୍ଭାବନା ରହିଛି। ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ସେହିପରି ଆସନ୍ତାକାଲି ପାଇଁ କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଜପତି ଓ ମାଲକାନଗିରି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦେଇଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୨ ଦିନ ମଧ୍ୟରେ ଦିନ ତାପମାତ୍ରା ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ୨ରୁ ୩ ଡିଗ୍ରି ସେଲସିୟସ ହ୍ରାସ ପାଇପାରେ। ସୂଚନାଯୋଗ୍ୟ, ଗାମୀ ୫ ଦିନ ରାଜ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା। ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିବ କାଳବୈଶାଖୀର ପ୍ରଭାବ। ଏନେଇ ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ଆସନ୍ତା ୨୦ ତାରିଖରେ ରାଜ୍ୟର ୨୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ପଶ୍ଚିମ ଓଡ଼ିଶାର ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେଉଁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସହ ୫୦ରୁ ୬୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବୋହିବା ନେଇ ଆକଳନ କରାଯାଇଛି। ଏଥିପାଇଁ ଏହି ସବୁ ଜିଲ୍ଲା ଗୁଡ଼ିକକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ୨୧ ତାରିଖରେ ମୟୂରଭଞ୍ଜ, କେଉଁଝର ଓ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସହ ୫୦ ରୁ ୬୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବୋହିବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୯ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ିର ପ୍ରଭାବ ଦେଖିବାକୁ ମିଳିଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ



# ବଦଳିବ ଇପିଏଫଓ ପେନସନ୍ ଯୋଜନା

ନୂଆଦିଲ୍ଲୀ, ୧୮।୩: ବଦଳିବ କର୍ମଚାରୀଙ୍କ ଇପିଏଫଓ ପେନସନ୍ ଯୋଜନା। ମାସିକ ସର୍ବନିମ୍ନ ପେନସନରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି ସରକାର। ଏଥିପାଇଁ ସଂସଦର ଏକ କମିଟି ସୁପାରିଶ କରିଛନ୍ତି। ଇପିଏଫଓ କର୍ମଚାରୀ ପେନସନ୍ ଯୋଜନା-୧୯୯୫ଆଧାରରେ ଦୀର୍ଘଦିନ ଧରି ଥିବା ସର୍ବନିମ୍ନ ମାସିକ ପେନସନ ଯୋଜନା ୧୦୦୦ ଟଙ୍କାରେ ପରିବର୍ତ୍ତନ କରିବାକୁ କମିଟି ତରଫରୁ ସୁପାରିଶ କରାଯାଇଛି। ଏହି ସୁପାରିଶ ସେହି ସମୟରେ ହୋଇଛି ଯେତେବେଳେ ପେନସନଧାରୀମାନେ ପେନସନ ରାଶିକୁ ୭୫୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି କରୁଛନ୍ତି। ସେମାନଙ୍କ କହିବାନୁସାରେ ମାତ୍ର ୧୦୦୦ଟଙ୍କାରେ ଆଜିର ସମୟରେ ଚଳିହେବନି। ଯାହା ଅଧିକ ସମସ୍ୟା ସୃଷ୍ଟି କରିବ।

ଗତ ମାର୍ଚ୍ଚ ମାସରେ ବିଭିନ୍ନ ପେନସନଧାରୀ ଦିଲ୍ଲୀର ଜନ୍ତର ମନ୍ତରରେ ଏକାଠି ହୋଇଥିଲେ। ସେମାନେ ପେନସନ ରାଶିକୁ ୭୫୦୦ ଟଙ୍କା କରିବା ପାଇଁ ଦାବି କରିଥିଲେ। ଇପିଏଫଓ କର୍ମଚାରୀ ପେସନ ଯୋଜନା-୧୯୯୫ ଆଧାରରେ ଏହି ରାଶି ବୃଦ୍ଧି କରିବାକୁ ସେମାନେ କହିଥିଲେ।




ଶ୍ରମ ଏବଂ କୌଶଳ ବିକାଶ ସମ୍ବନ୍ଧିତ ଏକ କମିଟି ନିଜ ୧୫ତମ ରିପୋର୍ଟରେ କହିଛନ୍ତି ଯେ, କର୍ମଚାରୀଙ୍କୁ ସର୍ମନିମ୍ନ ମାସିକ ପେନସନ୍ ମିଳିବା ଆବଶ୍ୟକ। କାରଣ ଅନେକ କର୍ମଚାରୀ ବାର୍ଧକ୍ୟ ଏବଂ ରୋଗରେ ପୀଡିତ। ତେଣୁ ସର୍ବନିମ୍ନ ୧୦୦୦ ଟଙ୍କା ପେନସନ ରାଶି ସବୁ ଅଭାବକୁ ପୂରା କରିପାରିବ ନାହିଁ। ଅନେକ ପେନସନଭୋଗୀ ସର୍ବନିମ୍ନ ରାଶି ବୃଦ୍ଧି ପାଇଁ ଦାବି କରୁଛନ୍ତି। ଏନେଇ କମିଟି ଅଭିଯୋଗ ମଧ୍ୟ ପାଇଛନ୍ତି।

କମିଟି ଆହୁରି କହିଛନ୍ତି ଯେ, ବର୍ତ୍ତମାନ ମିଳୁଥିବା ପେନସନ ଆଜିର ସମୟ ପାଇଁ ପର୍ଯ୍ୟାପ୍ତ ନୁହେଁ। ଦରଦାମ ବଢୁଛି। ସ୍ୱାସ୍ଥ୍ୟ ଉପରେ ଫୋକସ ଦେବାକୁ ପଡିବ। ଏବେ ଯେଉଁ ପେନସନ ମିଳୁଛି ତାହା ପର୍ଯ୍ୟାପ୍ତ ନୁହେଁ କିମ୍ବା ଅଭାବକୁ ପୂରଣ କରିବାରେ ଅସମର୍ଥ ଅଟେ। ତେଣୁ କମିଟି ଶ୍ରମ ମନ୍ତ୍ରାଳୟକୁ ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ ସୁପାରିଶ କରିଛନ୍ତି।

ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ସରକାର ପୂର୍ବରୁ ଅନେକ ଯୋଜନାରେ ପେନସନଭୋଗୀଙ୍କୁ ସହାୟତା ଦେଉଛନ୍ତି। ଏଥିରେ ଇପିଏଫଓରେ ପ୍ରଦାନ କରାଯାଉଥିବା ୧୦୦୦ ଟଙ୍କା ସାମିଲ ଅଛି। ତେଣୁ ଏହି ଅର୍ଥରାଶିର ତୁରନ୍ତ ସମୀକ୍ଷା କରାଯିବା ଆବଶ୍ୟକ। ଏହାକୁ ସମ୍ମାନଜନକ ସ୍ତରକୁ ଆଣିବା ଜରୁରୀ। କମିଟି ଆଉ ଏକ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି। କମିଟିର ରିପୋର୍ଟରେ ଦର୍ଶାଯାଇଛି ଯେ, ଅନେକ ଶ୍ରମିକ ଠିକା ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ନିୟମିତ କର୍ମଚାରୀ ଭାବେ କାର୍ଯ୍ୟ କଲେ ମଧ୍ୟ ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ସମସ୍ୟା ହେଲେ ଆର୍ଥିକ ସହଯୋଗ ମିଳିବାରେ ବିଳମ୍ବ ହେଉଛି। ଏହି ଶ୍ରମିକରଙ୍କୁ ଇପିଏଫଓ ଏବଂ ଇଏସଆଇରେ ସୁବିଧା ମିଳିବା ଦରକାର ବୋଲି ସଂସଦୀୟ କମିଟି ପ୍ରକାଶ କରିଛନ୍ତି।

ଭାରତୀୟ ଅର୍ଥନୀତିକୁ ଗ୍ରାସିବ ମଧ୍ୟପ୍ରାଚ୍ୟ ଯୁଦ୍ଧ




# ଅଶୋଧିତ ତୈଳ ଦର ଡେଇଁଲା ୧୦୦ ଡଲାର

ନୂଆଦିଲ୍ଲୀ,୧୮।୩: ଭାରତର ଅର୍ଥନୀତିକୁ ଗ୍ରାସିଲାଣି ବସିଲାଣି ମଧ୍ୟପ୍ରାଚ୍ୟ ଯୁଦ୍ଧ। ଇରାନ-ଇସ୍ରାଏଲ ଓ ଆମେରିକା ସଂଘର୍ଷ ଯୋଗୁ ଅଶୋଧିତ ତୈଳ ଦର ୧୦୦ ଡଲାର ଡେଇଁଗଲାଣି। ଗ୍ୟାସ ସଂକଟ ଯୋଗୁ ହାଣ୍ଡିଶାଳଠାରୁ ଆରମ୍ଭ କରି କଳକାରଖାନା ସବୁକିଛି ପ୍ରଭାବିତ। ଏଥିମଧ୍ୟରେ ଅଭିବୃଦ୍ଧି ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିଭଳି ଦରଦାମ ସମସ୍ୟା ଆହୁରି ତେଜିବ ବୋଲି ଅନୁମାନ କରାଯାଉଛି। ପଶ୍ଚିମ ଏସିଆରେ ଚାଲିଥିବା ସମସ୍ୟା ଯୋଗୁ ଭାରତ ସବୁଠାରୁ ଅଧିକ ପ୍ରଭାବିତ ହେଉଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ ରହିଛି। ଭରତ ଏହାର ଆବଶ୍ୟକତାର ପାଖାପାଖି ୯୦% ଅଶୋଧିତ ତୈଳ ଏବଂ ଅଧା ଏଲ୍‌ପିଜି ଆମଦାନି କରିଥାଏ। ଇରାନ ଦ୍ୱାରା ହୋର୍ମୁଜ ଜଳପଥ ବନ୍ଦ ହେବା ଫଳରେ ଭାରତର ପ୍ରାୟ ଅଧା ଅଶୋଧିତ ତୈଳ ଏବଂ ତିନି ଚତୁର୍ଥାଂଶ ଏଲ୍‌ପିଜି ଆମଦାନି ପ୍ରଭାବିତ ହୋଇଛି। ଯୋଗାଣ ପ୍ରଭାବିତ ହେବା ଫଳରେ ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ୧୦୦ ଡଲାର ପାର୍ କରିଯାଇଛି। ଯୁଦ୍ଧର ପ୍ରଭାବ ଘରୋଇ ବଜାରରେ ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଗ୍ୟାସ ସଂକଟ ଦ୍ୱାରା ପରିବାର, ରେସ୍ତୋରାଁ, କ୍ଷୁଦ୍ର ବ୍ୟବସାୟଗୁଡ଼ିକ ପ୍ରଭାବିତ ହୋଇଥିବାବେଳେ ଏଲ୍‌ପିଜି ଉପରେ ନିର୍ଭରଶୀଳ ଶିଳ୍ପଗୁଡ଼ିକରେ କାରବାର ବ୍ୟାହତ ହୋଇଛି। ଦୂରରେ ଚାଲିଥିବା ଭୂରାଜନୈତିକ ସମସ୍ୟା ଏବେ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଛି। ଗୋଲ୍‌ଡମ୍ୟାନ୍ ସାଚ୍‌ସ, ଅଷ୍ଟ୍ରେଲିଆ ଆଣ୍ଡ୍ ନ୍ୟୁଜିଲାଣ୍ଡ ବ୍ୟାଙ୍କିଙ୍ଗ୍ ଗ୍ରୁପ ଏବଂ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କର ବିଶ୍ଳେଷକମାନେ କୁହନ୍ତି ଯେ, ଆମଦାନି ଶକ୍ତି ଉପରେ ଭାରତର ଅଧିକ ନିର୍ଭରତା ଦେଶର ଅଭିବୃଦ୍ଧିକୁ ପ୍ରଭାବିତ କରିବ। ଗୋଲ୍‌ଡମ୍ୟାନ୍ ୨୦୨୬ ପାଇଁ ଭାରତର ଅଭିବୃଦ୍ଧିକୁ ୦.୫% କମାଇ ୬.୫% କରିଛି। ଅଷ୍ଟ୍ରେଲିଆ ଆଣ୍ଡ୍ ନ୍ୟୁଜିଲାଣ୍ଡ ବ୍ୟାଙ୍କିଙ୍ଗ୍ ଗ୍ରୁପ ମଧ୍ୟ ଏହାର ଅନୁମାନକୁ ହ୍ରାସ କରିଛି। ଆଲୋଚ୍ୟ ବର୍ଷରେ ଭାରତର ଅଭିବୃଦ୍ଧି ୬.୫%ରୁ ୬.୮% ରହିବ ବୋଲି ଏହା ଅନୁମାନ କରିଛି। ଏହାର ପୂର୍ବ ଅନୁମାନ ଥିଲା ୭% । ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ୍‌ର ଅର୍ଥନୀତିଜ୍ଞ ଗୌରବ କପୁର କହିଛନ୍ତି ଯେ, ସାମ୍ପ୍ରତିକ ସମସ୍ୟା ମଧ୍ୟରେ ଭାରତର ଅଭିବୃଦ୍ଧି ୩୦ ବେସିସ୍ ପଏଣ୍ଟ ହ୍ରାସ ପାଇବ।

# ମଧ୍ୟପ୍ରାଚ୍ୟକୁ ୬୬ ବିଲିୟନ ଡଲାରର ରପ୍ତାନି ଠପ୍



ନୂଆଦିଲ୍ଲୀ, ୧୮।୩:ଭାରତର ଏକ ପ୍ରମୁଖ ବାଣିଜ୍ୟିକ ସହଯୋଗୀ ହେଉଛି ପଶ୍ଚିମ ଏସିଆ। ଯୁଦ୍ଧ ଯୋଗୁ ସେଠାକୁ ରପ୍ତାନି ବଡ଼ ଆକାରରେ ବ୍ୟାହତ ହୋଇଛି। ଇରାନ ପକ୍ଷରୁ ହୋର୍ମୁଜ ଜଳପଥ ବନ୍ଦ ହେବା ଦ୍ୱାରା ଭାରତରୁ ପଶ୍ଚିମ ଏସିଆକୁ ପ୍ରାୟ ୬୬ ବିଲିୟନ ଡଲାର ମୂଲ୍ୟର ରପ୍ତାନି ବାଧା ପାଇଛି। ଫଳରେ ଚିନ୍ତାଗ୍ରସ୍ତ ରପ୍ତାନିକାରୀ ସରକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଋଣ ପରିଶୋଧ କ୍ଷେତ୍ରରେ ୬ ମାସର ବିରତି ବା ମୋରାଟୋରିୟମ ପ୍ରଦାନ କରିବା ପାଇଁ ଏମାନେ କେନ୍ଦ୍ର ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟରେ ଦାବି କରିଛନ୍ତି। ଏହାସହିତ ଋଣ ସୀମା ବଢ଼ାଇବା ସହ ଋଣ ଅବଧିକୁ ଲମ୍ବା କରିବାକୁ ଅନୁରୋଧ କରିଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ବର୍ତ୍ତମାନର ଆହ୍ୱାନ ସ୍ଥିତିରେ ବ୍ୟବସାୟଗୁଡ଼ିକୁ ଏକ ସହାୟତା ପ୍ୟାକେଜ୍ ପ୍ରଦାନ କରିବାକୁ ବିଚାର କରୁଛନ୍ତି ନୀତି ନିର୍ଦ୍ଧାରଣକାରୀ। ଖୁବ୍‌ଶୀଘ୍ର ବାଣିଜ୍ୟ ସଚିବ ସହାୟତା ପ୍ୟାକେଜ୍ ଘୋଷଣା କରିପାରନ୍ତି। ଆର୍‌ବିଆଇ ସହିତ ରପ୍ତାନିକାରୀଙ୍କ ଏକ ବୈଠକ ହୋଇଯାଇଛି। ଗତବର୍ଷ ଆମେରିକାର ୫୦% ଟାରିଫ୍ ଲାଗୁ ହେବା ପରେ ସରକାରଙ୍କ ପକ୍ଷରୁ ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଥିଲା। ବର୍ତ୍ତମାନ ମଧ୍ୟ ସମାନ ଧରଣ ପଦକ୍ଷେପ ନେବା ପାଇଁ ରପ୍ତାନିକାରୀମାନେ ଅନୁରୋଧ କରିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଅନେକ ରପ୍ତାନିଭିତ୍ତିକ କ୍ଷେତ୍ର ଲଜିଷ୍ଟିକ୍ସ ସମସ୍ୟାର ସାମ୍ନା କରୁଛନ୍ତି। ୨୦୨୬ର ପ୍ରଥମ ଏବଂ ଦ୍ୱିତୀୟ ତ୍ରୟମାସ ପାଇଁ ଋଣ ବିରତି ପ୍ରଦାନ କରାଗଲେ, ଏସବୁ କ୍ଷେତ୍ର ଉପକୃତ ହେବେ ବୋଲି ରପ୍ତାନିକାରୀମାନେ ପ୍ରକାଶ କରିଛନ୍ତି। ଅସ୍ଥାୟୀ ନଗଦ ଚାପକୁ ଏଡ଼ାଇବା ପାଇଁ ସ୍ୱଳ୍ପମିଆଦୀ ରପ୍ତାନି ଋଣ ପାଇଁ ଏକ ଅଧିକ ସହଜ ଢାଞ୍ଚା ଆଣିବା ପାଇଁ ଏମାନେ ଅନୁରୋଧ କରିଛନ୍ତି। ରପ୍ତାନିକାରୀଙ୍କୁ ସହାୟତା ପାଇଁ ବାଣିଜ୍ୟ ବିଭାଗ ବୀମାସମ୍ବନ୍ଧୀୟ ପଦକ୍ଷେପ ନେଇ ବିଚାର କରୁଛି।

ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ, ବର୍ତ୍ତମାନର ଆହ୍ୱାନମୂଳକ ସମୟରେ ଏଇ ସପ୍ତାହରେ ସହାୟତା ପଦକ୍ଷେପ ଘୋଷଣା କରାଯାଇପାରେ। ପ୍ରକାଶଯୋଗ୍ୟ, ୟୁରୋପୀୟ ସଂଘ ପରେ ଭାରତର ଦ୍ୱିତୀୟ ବୃହତ୍ ରପ୍ତାନି ସ୍ଥଳ ହେଉଛି ପଶ୍ଚିମ ଏସିଆ। ଦେଶର ମୋଟ ରପ୍ତାନିରେ ଏହାର ଅଂଶ ୧୫%ରୁ ଅଧିକ ରହିଛି। ୨୦୨୫ରେ ଏହି ପ୍ରାନ୍ତକୁ ପାଖାପାଖି ୬୬ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି ହୋଇଥିଲା।

# ବିନା ଖର୍ଚ୍ଚରେ ଗଡ଼ିବ ଇଭି ଗାଡ଼ି




ନୂଆଦିଲ୍ଲୀ, ୧୮।୩: ଯଦି ଆପଣ ଏକ ଇଲେକ୍ଟ୍ରିକ୍ କାର୍ କିଣିବାକୁ ଯୋଜନା କରୁଛନ୍ତି, ତେବେ ଆପଣଙ୍କ ପାଇଁ ଆସିଛି ଏକ ବଡ଼ ଖୁସି ଖବର। ବିଶ୍ୱର ପ୍ରସିଦ୍ଧ ଇଲେକ୍ଟ୍ରିକ୍ ଭେଇକିଲ୍ ବା ଇଭି ନିର୍ମାତା କମ୍ପାନୀ 'ଭିନଫାଷ୍ଟ' (ଭିନଫାଷ୍ଟ) ନିଜ ଗ୍ରାହକଙ୍କ ପାଇଁ ଏକ ବଡ଼ ଉପହାର ଘୋଷଣା କରିଛି। ଏଣିକି କମ୍ପାନୀର ଇଲେକ୍ଟ୍ରିକ୍ ଗାଡ଼ି ଗୁଡ଼ିକ ବିନା କୌଣସି ଶୁଳ୍କରେ ମାଗଣାରେ ଚାର୍ଜ ହୋଇପାରିବ। ଭିଏତନାମର ଏହି ପ୍ରତିଷ୍ଠିତ କମ୍ପାନୀ ଭାରତ, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସରେ ନିଜର ଇଲେକ୍ଟ୍ରିକ୍ ଗାଡ଼ି ପାଇଁ ମାଗଣା ଚାର୍ଜିଂ ସୁବିଧାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବୃଦ୍ଧି କରିଛି। ପୂର୍ବରୁ ଏହି ସୁବିଧା ଏକ ସୀମିତ ସମୟ ପାଇଁ ଥିବାବେଳେ, ଏବେ ଏହାକୁ ୩୧ ମାର୍ଚ୍ଚ ୨୦୨୯ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। କମ୍ପାନୀର 'ଭି-ଗ୍ରୀନ' ଚାର୍ଜିଂ ଷ୍ଟେସନରେ ଗ୍ରାହକମାନେ କୌଣସି ଟଙ୍କା ନ ଦେଇ ନିଜ ଗାଡ଼ି ଚାର୍ଜ କରିପାରିବେ। ଖାସ୍ କଥା ହେଉଛି, ଏହି ସୁବିଧା କେବଳ ନୂଆ ଗ୍ରାହକ ନୁହେଁ ବରଂ ପୁରୁଣା ଗ୍ରାହକଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ।

ପେଟ୍ରୋଲ ଏବଂ ଡିଜେଲ ଗାଡ଼ି ଛାଡ଼ି ଲୋକଙ୍କୁ ଇଲେକ୍ଟ୍ରିକ୍ ଗାଡ଼ି ପ୍ରତି ଆକୃଷ୍ଟ କରିବା ପାଇଁ କମ୍ପାନୀ "ଟ୍ରେଡ୍ ଗ୍ୟାସ୍ ଫର୍ ଇଲେକ୍ଟ୍ରିକ୍" ନାମକ ଏକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଛି। ଯେଉଁ ଗ୍ରାହକ ନିଜର ପୁରୁଣା ପେଟ୍ରୋଲ ଗାଡ଼ି ବଦଳରେ ଭିନ୍ ଫାଷ୍ଟର ଇଲେକ୍ଟ୍ରିକ୍ କାର୍ କିଣିବେ, ସେମାନଙ୍କୁ ୩% ଏବଂ ଇଲେକ୍ଟ୍ରିକ୍ ସ୍କୁଟର ଉପରେ ୫% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମିଳିବ। ଏହି ଅଫର୍ ୧୧ ମାର୍ଚ୍ଚରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଲାଗୁ ରହିବ।

କମ୍ପାନୀର କହିବା ଅନୁଯାୟୀ, ଯଦି ଗାଡ଼ି ଚଳାଇବା ଖର୍ଚ୍ଚ କମିଯିବ ତେବେ ଲୋକେ ଶୀଘ୍ର ପ୍ରଦୂଷଣମୁକ୍ତ ଗାଡ଼ି ଆପଣେଇବେ। ଏହି ଚିନ୍ତାଧାରାକୁ ନେଇ କମ୍ପାନୀ "ଗ୍ରୀନ୍ ଫର୍ ଅଲ୍" ପ୍ରୋଗ୍ରାମ ମଧ୍ୟ ଚଳାଉଛି। ମାଗଣା ଚାର୍ଜିଂ ସୁବିଧା ଦ୍ୱାରା ଗ୍ରାହକଙ୍କର ଚାର୍ଜିଂ ବାବଦରେ ହେଉଥିବା ମୋଟା ଅଙ୍କର ଟଙ୍କା ବଞ୍ଚିପାରିବ, ଯାହାଫଳରେ ଇଲେକ୍ଟ୍ରିକ୍ କାର୍ ଚଲାଇବା ପ୍ରାୟତଃ ମାଗଣା ପରି ହୋଇଯିବ। ଏହି ପଦକ୍ଷେପ ଦ୍ୱାରା କେବଳ ଗ୍ରାହକଙ୍କର ଆର୍ଥିକ ଉନ୍ନତି ହେବ ନାହିଁ, ବରଂ ପରିବେଶ ସନ୍ତୁଳନ ରକ୍ଷା କରିବାରେ ମଧ୍ୟ ଏହା ବଡ଼ ସହାୟକ ହେବ ବୋଲି ଆଶା କରାଯାଉଛି।

# ଏପ୍ରିଲ ୧୬ ରୁ ବନ୍ଦ ହୋଇଯିବ ବ୍ୟାଙ୍କ ଖାତା




## ଗ୍ରାହକଙ୍କ ପାଇଁ ଚେତାବନୀ ଜାରି କଲା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍

ନୂଆଦିଲ୍ଲୀ, ୧୮।୩: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ନେଇ ଆସିଲା ଏକ ବଡ ଖବର। ଯଦି ଆପଣ ଏହି ବ୍ୟାଙ୍କର ଜଣେ ଗ୍ରାହକ ତେବେ ଆପଣଙ୍କ ପାଇଁ ଏହି ଖବର ଜରୁରୀ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏହାର ଗ୍ରାହକ ମାନଙ୍କୁ ଏକ ଚେତାବନୀ ଜାରି କରିଛି, ଯେଉଁଥିରେ କୁହାଯାଇଛି ଯେ, ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇପାରେ। ତଥାପି,ଏହି ଚେତାବନୀ ସମସ୍ତ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । କେବଳ କିଛି ନିର୍ଦ୍ଦିଷ୍ଟ ଗ୍ରାହକଙ୍କ ପାଇଁ ଏହା ପ୍ରଯୁଯ୍ୟ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏହାର ଆନୁଷ୍ଠାନିକ ସୋସିଆଲ ମିଡିଆ ଆକାଉଣ୍ଟରେ ଗ୍ରାହକ ମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନୋଟିସ ଜାରି କରିଛି। ଏହା ଅନୁଯାୟୀ, ପିଏନବି ଗ୍ରାହକ ମାନେ ୧୫ ଏପ୍ରିଲ, ୨୦୨୬ ପୂର୍ବରୁ ସେମାନଙ୍କର ଶାଖାକୁ ଯାଇ ସେମାନଙ୍କର କେୱାଇସି ପୂରଣ କରିବାକୁ ପଡିବ। ଯଦି ୧୫ ଏପ୍ରିଲ, ୨୦୨୬ ସୁଦ୍ଧା କେୱାଇସି ପୂରଣ ନହୁଏ, ତେବେ ୧୬ ଏପ୍ରିଲ, ୨୦୨୬ ରୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯିବ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) କହିଛି ଯେ ଯେଉଁ ଗ୍ରାହକ ମାନଙ୍କର ଆକାଉଣ୍ଟ ଗତ ତିନି ବର୍ଷ ମଧ୍ୟରେ କୌଣସି କାରବାର ଦେଖିନାହିଁ ଏବଂ ଯେଉଁ ମାନଙ୍କର ଆକାଉଣ୍ଟ ବାଲାନ୍ସ ଜିରୋ (୦) ଅଛି, ସେମାନଙ୍କୁ ୧୫ ଏପ୍ରିଲ, ୨୦୨୬ ପୂର୍ବରୁ ସେମାନଙ୍କର ଶାଖାକୁ ଯାଇ ସେମାନଙ୍କର କେୱାଇସି ପୂରଣ କରିବାକୁ ପଡିବ। ଯଦି ୧୫ ଏପ୍ରିଲ, ୨୦୨୬ ସୁଦ୍ଧା କେୱାଇସି ସମାପ୍ତ ହୁଏ ନାହିଁ, ତେବେ ୧୬ ଏପ୍ରିଲ, ୨୦୨୬ ଠାରୁ ଏପରି ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକୁ ବିନା ନୋଟିସରେ ବନ୍ଦ କରିଦିଆଯିବ। ଆରବିଆଇ ୱେବସାଇଟ୍ ଅନୁଯାୟୀ, ଏକ ନିଷ୍କ୍ରିୟ ଆକାଉଣ୍ଟ ହେଉଛି ଏକ ସଞ୍ଚୟ କିମ୍ବା ଚାଲୁ ଆକାଉଣ୍ଟ ଯାହା ଦୁଇ ବର୍ଷରୁ ଅଧିକ ସମୟ ଧରି କୌଣସି "ଗ୍ରାହକ-ପ୍ରେରିତ କାରବାର" ଦେଖିନାହିଁ। ଯଦି ଆପଣଙ୍କର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏକ ବ୍ୟାଙ୍କ ଆକାଉଣ୍ଟ ଅଛି, ଯାହା ଗତ ତିନି ବର୍ଷ ଧରି କୌଣସି କାରବାର ଦେଖିନାହିଁ, ତେବେ ଆପଣଙ୍କୁ ଆପଣଙ୍କର ଶାଖାକୁ ଯାଇ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଦାଖଲ କରି ଏବଂ ଫର୍ମ ପୂରଣ କରି କେୱାଇସି ପ୍ରକ୍ରିୟା ସମାପ୍ତ କରିବାକୁ ପଡିବ।



# ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ଗୋ ବୋଝେଇ ପିକଅପ ଭ୍ୟାନ ଜବତ, ତିନି ଅଟକ, ଗ୍ରାମବାସୀଙ୍କ ଧାରଣା



**ସୁନ୍ଦରଗଡ଼,୧୮।୩ (ସଂଚାର ବ୍ୟୁରୋ):** ସକାଳୁ ସଦର ଥାନା ଅନ୍ତର୍ଗତ କୋପସିଂହା ଗ୍ରାମରେ ଓଡି-୧୪ସି-୨୮୧୭ ନମ୍ବର ଥିବା ଏକ ପିକଅପ ଭ୍ୟାନ ଗୋରୁ ବୋଝେଇ କରି ନେଉଥିବା ଖବର କୌଣସି ସୂତ୍ରରୁ ମିଳିବା ପରେ ଗ୍ରାମବାସୀ ମାନେ ଏହି ଗାଡିକୁ ଅଟକ ରଖି ସଦର ଥାନା ପୋଲିସକୁ ଖବର ଦେଇଥିଲେ, ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡି ସହ ଗୋରୁଙ୍କୁ ଜବତ କରିବା ସହ ଗାଡ଼ିରେ ଥିବା ତିନ ଜଣକୁ ଅଟକ, ରଖିଛନ୍ତି, ଗୋ ଚାଲାଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରି ଧାରଣା ଦେଉଛନ୍ତି। ସୁନ୍ଦରଗଡ଼ ରୁ ରବି ତନ୍ତୀ ଙ୍କ ରିପୋର୍ଟବୋଝେଇ କରି ନେଉଥିବା ଖବର କୌଣସି ସୂତ୍ରରୁ ମିଳିବା ପରେ ଗ୍ରାମବାସୀ ମାନେ ଏହି ଗାଡିକୁ ଅଟକ ରଖି ସଦର ଥାନା ପୋଲିସକୁ ଖବର ଦେଇଥିଲେ, ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡି ସହ ଗୋରୁଙ୍କୁ ଜବତ କରିବା ସହ ଗାଡ଼ିରେ ଥିବା ତିନ ଜଣକୁ ଅଟକ, ରଖିଛନ୍ତି, ଗୋ ଚାଲାଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଦାବିରେ ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରି ଧାରଣା ଦେଉଛନ୍ତି। ଏହି ଗୋ ଚାଲାଣ ବର୍ତ୍ତମାନ ଚିନ୍ତାଜନକ ପାଲଟିଛି, ଏହାକୁ ନେଇ ପ୍ରଶାସନକୁ ନାକେଦମ ହେବାକୁ ପଡୁଛି, ଗୋ -ଚାଲାଣକାରୀ ପୋଲିସକୁ ଖାତିର ନକରି ଏହି ବ୍ୟବସାୟ କରୁଥିଲା ବେଳେ, କେତେକ ହିନ୍ଦୁ ସଂଗଠନ କାର୍ଯ୍ୟକର୍ତ୍ତା ଏହାକୁ ଦୃଢ଼ ବିରୋଧ କରୁଥିଲା ବେଳେ ଏହାକୁ ନେଇ ଜିଲ୍ଲାର ବିଭିନ୍ନ ଭାଗରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିଲାଣି, ଯଦି ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ଆଗାମୀ ଦିନରେ ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି କରୁଛି।

## ବାଲି ପରିବହନ ବେଳେ ୨ ହାଇୱା ଅଟକ

### ତହସିଲଦାରଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ



**ନାଉଗାଁ,୧୮।୩ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ଶିଖରଘାଟ ସେତୁ ନିକଟରେ ୨ଟି ବାଲି ବୋଝେଇ ହାଇୱା ଆସୁଥିବା ବେଳେ ହାଇୱା ୨ଟିକୁ ଥାନାରେ ଅଟକ ରଖାଯାଇଛି। ଏସଂକ୍ରାନ୍ତରେ ତହସିଲଦାର ଅକ୍ଷୟ ବଡୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତହସିଲଦାରଙ୍କ କାର୍ଯ୍ୟାଳୟ ପତ୍ର (ସଂଖ୍ୟା ୮୨୪/୧୭।୦୩।୨୦୨୬) ଅନୁଯାୟୀ ମାର୍ଚ୍ଚ ୧୭ ତାରିଖ ରାତ୍ର ପ୍ରାୟ ୧୧ ଟା ୧୦ ସମୟରେ ଶିଖରଘାଟ ବ୍ରିଜ ନିକଟରେ ୨ଟି ବାଲି ବୋଝେଇ ହାଇୱା ଆସୁଥିଲା। ହାଇୱାରେ ଥିବା ଚାଳକମାନେ କୌଣସି ବୈଧ ପରିବହନ ଅନୁମତି ପତ୍ର ଦେଖାଇ ପାରି ନଥିଲେ। ତେଣୁ ଉକ୍ତ ୨ଗାଡିକୁ ଜବତ କରାଯାଇ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏସଂକ୍ରାନ୍ତରେ ଥାନାଧିକାରି ଦେବାଶୀଷ ପଣ୍ଡାଙ୍କୁ ପଚାରିବାରେ ଆବଶ୍ୟକୀୟ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ




**ସୁବର୍ଣ୍ଣପୁର,୧୮।୩ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁବର୍ଣ୍ଣପୁର ପକ୍ଷରୁ ସୋନପୁର ଟାଉନ ହଲରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ-୨୦୨୫-୨୬ ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରାଣୀ ଦାସ, ଉପଜିଲ୍ଲାପାଳ ସୋନପୁର ଡ଼ ସୌମ୍ୟରୂପା ରଥ, ସୋନପୁର ମୁନିସିପାଲଟି ନିର୍ବାହୀ ଅଧିକାରୀ ରୁଷି ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା ଯେ କିପରି ଅବହେଳିତ ଓ ଅପହଞ୍ଚ ଗୋଷ୍ଠୀକୁ ସ୍ୱାସ୍ଥ୍ୟ ସେବା ସହିତ ଯୋଡିବା ଓ ଜନସ୍ୱାସ୍ଥ୍ୟରେ ସଚେତନତା ବୃଦ୍ଧି କରିବା ପ୍ରଧାନ ଲକ୍ଷ୍ୟ ରହିଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦିଆଯାଇଛି ଯେ ଆଶା କର୍ମୀମାନେ ଦୀର୍ଘ ୨୦ ବର୍ଷ ଧରି ଗୋଷ୍ଠୀ ସହଭାଗିତାର ସାରଥୀ ଭାବେ କାମ କରି ଜିଲ୍ଲାରେ ପୋଲିଓ ନିରାକରଣ, ମ୍ୟାଲେରିଆ ନିୟନ୍ତ୍ରଣ ଓ କୋଭିଡ ପରିଚାଳନାରେ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି। ଗର୍ଭବତୀ ଓ ପ୍ରସୂତି ସେବା, ଟୀକାକରଣ ଏବଂ ମମତା ଦିବସରେ ମଧ୍ୟ ତାଙ୍କର ଭୂମିକାକୁ ପ୍ରଶଂସା କରାଯାଇଥିଲା।

## ୧୫୦ କେଜି ଗଞ୍ଜେଇ ଜବତ, ୨ ଗିରଫ



**ଖୋର୍ଦ୍ଧା,୧୮।୩ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଅବକାରୀ ସ୍କ୍ୱାର୍ଡ ୧୫୦କେଜି ଗଞ୍ଜେଇ, ଗୋଟିଏ ମାରୁତି ସୁଜୁକି ଜି ଭିଟାର କାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କନ୍ଧମାଳ ଜିଲ୍ଲା ବିଶିଆପଡ଼ା ସଦର ଥାନା ଅନ୍ତର୍ଗତ ବୋଇଡା ଗ୍ରାମର ସୁନିଲ ଦିଗାଲ(୩୦) ଓ ଦେବରାଜ ଦିଗାଲ(୨୩)। ଅବକାରୀ ବିଭାଗ ସୂଚନା ମୁତାବକ ବୁଧବାର ସକାଳେ ସୁନିଲ ଓ ଦେବରାଜ ଗୋଟିଏ ମାରୁତି ସୁଜୁକି ଜି ଭିଟାର ୨୫ବିଏଚ ୯୫୫୪ ଜି ନମ୍ବର ବିଶିଷ୍ଟ କାର ଯୋଗେ ୬ଟି ଗଞ୍ଜେଇ ଭର୍ତି ଅଖାରେ ୧୫୦କେଜି ଗଞ୍ଜେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ମୋବାଇଲ ୟୁନିଟ ଆଇଆଇସି ତାପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ପୋଷ୍ଟଲ ଛକ ନିକଟରେ ଚଢ଼ାଉ କରି ଉକ୍ତ ଗଞ୍ଜେଇ ଭର୍ତି ଗାଡିକୁ ଜବତ କରି ତନଖି କରିଥିଲେ। ତନଖି ସମୟରେ ବିଭାଗ ଜାଣିବାକୁ ପାଇଲା ଯେ ସେଥିରେ ଗଞ୍ଜେଇ ଭର୍ତି କରାଯାଇ ଚୋରା ଚାଲାଣ କରାଯାଉଥିଲା।

## ଇଦ୍-ଉଲ୍ ଫିତର ପାଳନ ପାଇଁ ଶାନ୍ତି କମିଟି ବୈଠକ



**ଧାମନଗର,୧୮।୩ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଓ ଏନ୍ ଏ ସି ଅଞ୍ଚଳରେ ପବିତ୍ର ଇଦ୍-ଉଲ୍ ଫିତର ପର୍ବ ପାଳନ ନିମନ୍ତେ ପ୍ରଶାସନ ତରଫରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ୧୧ ଘଟିକା ସମୟରେ ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଧାମନଗର ଶାନ୍ତି କମିଟି ଆବାହକ ତଥା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭଦ୍ରକ ଅତିରିକ୍ତ ଏସ ପି ଆଂଶୁମାନ ଦ୍ୱିବେଦୀ, ଧାମନଗର ଏସ ଡି ପିଓ ଅନିରୁଦ୍ଧ ମୁଦୁଲି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ୍ଏସିଅଧ୍ୟକ୍ଷା ନିବେଦିତା ଜେନା, ଏନ୍ ଏ ସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ବିରେନ୍ଦ୍ର କୁମାର ଜେନା, କୃଷ୍ଣ ଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ ହବିବି, ପ୍ରତାପ ସାମଲ, ଗୋଲାମ ଜିଲାନି ହବିବି, ସେକ ମୁସ୍ତାକ, ଜ୍ଞାନରଞ୍ଜନ ମହାକୁଡ଼, ସେକ ତାଜୁଦ୍ଦିନ, ସେକ ଆସଲମ, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଅନ୍ୟ ବିଭାଗ ଅଧିକାରୀ ଉପସ୍ଥିତ ରହି ପବିତ୍ର ଇଦ୍-ଉଲ ଫିତର ପର୍ବ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବ ସେନେଇ ବ୍ୟାପକ ଆଲୋଚନା କରିଥିଲେ। ଚଳିତ ମାର୍ଚ୍ଚ ମାସ ଜହ୍ନ ଦେଖି ୨୧ତାରିଖ ସକାଳ ୮ଟା ୩୦ରେ ଇଦଗା ମଇଦାନ ଠାରେ ସମୂହ ନମାଜ ପାଠ ଆରମ୍ଭ ହେବା ସହିତ ସମସ୍ତ ମସଜିଦରେ ମଧ୍ୟ ନମାଜ ପାଠ ୯ଟା ମଧ୍ୟରେ ସାରିବାର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଛି।

## ପୁସିଂ ବ୍ରିଜ୍ ନିର୍ମାଣ ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର



**ନନ୍ଦପୁର,୧୮।୩ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଦେଇ ଯାଇଥିବା କେ.କେ ରେଳପଥର ସାଉନି ପୂଜାରୀପୁଟ ଗ୍ରାମ ନିକଟ ପୋଲ ନଂ ୧୫୬/୦୬ ଓ ୧୫୬/୦୮ ନିକଟରେ ଏକ ପୁସିଂ ବ୍ରିଜ ଓ ରେଳପଥ ବ୍ରିଜ ନଂ ୪୮୭ ତଳେ ଏକ କଲଭର୍ଟ ନିର୍ମାଣ କରିବାକୁ ନନ୍ଦପୁର ବ୍ଲକ ମାଳିବେଲଗାଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏନେଇ ବୁଧବାର ମାଳିବେଲଗାଁ ପଞ୍ଚାୟତ ସରପଞ୍ଚ ପ୍ରହଲ୍ଲାଦ ମୁଦୁଲି, ସମିତି ସଭ୍ୟ ମଙ୍ଗୁଲୁ ଖରା, ସମସ୍ତ ଓ୍ୱାର୍ଡସଭ୍ୟ ଓ ବୁଦ୍ଧିଜୀବୀ କୋରାପୁଟସ୍ଥିତ ରେଳବିଭାଗ ଏଡିଇଏନ୍‌ଙ୍କ କାର୍ଯ୍ୟାଳୟରେ ଏଡିଇଏନ ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଓ କୋରାପୁଟ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ମାଳିବେଲଗାଁ ପଞ୍ଚାୟତକୁ କେ.କେ ରେଳପଥ ଓ ମାଛକୁଣ୍ଡ ରୋଡ୍ ରେଳ ଷ୍ଟେଶନ ଦୁଇ ଭାଗରେ ବିଭକ୍ତ କରୁଛି। ରେଳପଥ ଓ ଷ୍ଟେଶନର ଗୋଟିଏ ପାର୍ଶ୍ୱରେ ୭ ଗ୍ରାମ ସାଉନୀ ପୂଜାରୀପୁଟ, ମାଳି ବେଲଗାଁ, ପରଜା ବେଲଗାଁ, ଖତପୁଟ, ଖୁଜେଲ, ତଳ ଗେରୁପୁଟ ଓ କଦମଗୁଡ଼ା ଗ୍ରାମ ଥିବାବେଳେ ଅପର ପାର୍ଶ୍ୱରେ ୮ ଗ୍ରାମ ପାଣ୍ଡାପୁଟ, ଛେଲିଆମୁଣ୍ଡା, ବିଲାଇପୁଟ, ସିଡ଼ାପୁଟ, ବଡ଼ଟାଙ୍ଗୁଆ, ବଦଲିପଣ୍ଡି, ଗୁଲପଣ୍ଡି ଓ ଖତଗୌଡପୁଟ ଗ୍ରାମ ରହିଛି। ରେଳଧାରଣା ପାର ହେବାକୁ ବ୍ୟବସ୍ଥା ନ ଥିବାରୁ ଅପରପାର୍ଶ୍ୱରେ ଥିବା ୮ ଗ୍ରାମକୁ ଯାତାୟାତ, ପାନୀୟ ଜଳ, ଶିକ୍ଷା ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ହିତକର ଯୋଜନା ପହଞ୍ଚି ପାରୁନାହିଁ। ପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନରେ ଅସୁବିଧା ହେଉଛି। ତେଣୁ ରେଳପଥର ପୋଲ ନଂ ୧୫୬/୦୬ ଓ ୧୫୬/୦୮ ନିକଟରେ ଏକ ପୁସିଂ ବ୍ରିଜ ଏବଂ ବ୍ରିଜ ନମ୍ବର୍ ୪୮୭ର ତଳଭାଗରେ ଏକ କଲଭର୍ଟ ନିର୍ମାଣ କରିବାକୁ ଉଲ୍ଲେଖ କରିଛନ୍ତି।

## ବିଶିଷ୍ଟ ସମାଜତତ୍ତ୍ୱବିତ୍‌ଙ୍କ ସୋଆ ବିଶ୍ୱବିଦ୍ୟାଳୟରେ ଯୋଗଦାନ



**ଭୁବନେଶ୍ୱର,୧୮।୩ (ସଂଚାର ବ୍ୟୁରୋ):** ବିଶିଷ୍ଟ ସମାଜତତ୍ତ୍ୱବିତ୍ ତଥା ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ରବୀନ୍ଦ୍ର କୁମାର ମହାନ୍ତି ସୋଆ ଡିମ୍‌ଡ୍ ବିଶ୍ୱବିଦ୍ୟାଳୟରେ ଇଣ୍ଡିଆନ୍ କାଉନସିଲ୍ ଅଫ୍ ସୋସିଆଲ ସାଇନସ୍ ରିସର୍ଚ୍ଚ (ଆଇସିଏସ୍‌ଏସ୍‌ଆର୍) ସିନିୟର ଫେଲୋ ଭାବେ ଯୋଗ ଦେଇଛନ୍ତି। କଟକ ସ୍ଥିତ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ସମାଜତତ୍ତ୍ୱ ସ୍ନାତକୋତର ବିଭାଗର ପ୍ରତିଷ୍ଠାତା ପ୍ରଫେସର ମହାନ୍ତି ଜବାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରୁ ସମାଜତତ୍ତ୍ୱରେ ଏମ୍.ଏ. ଉପାଧି ଲାଭ କରିବା ପରେ ମିରଟ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସଡ ଷ୍ଟଡିଜ୍‌ରୁ ଏମ୍.ଫିଲ ଓ ପିଏଚ୍‌ଡି ଲାଭ କରିଥିଲେ। ପରବର୍ତ୍ତୀ କାଳରେ ସେ ଇଂଲଣ୍ଡ ସ୍ଥିତ ନଟିଂହାମ୍ ବିଶ୍ୱବିଦ୍ୟାଳୟରୁ ପୋଷ୍ଟ ଡକ୍ଟରେଟ କରିଥିଲେ। ସେ କ୍ରିମିନୋଲୋଜି, ଅର୍ବାନ ଷ୍ଟଡିଜ୍, ଜେଣ୍ଡର ଓ ଜୁଭେନାଇଲ ଜଷ୍ଟିସ, ଟ୍ରାଇବାଲ ଷ୍ଟଡିଜ ଓ କଲଚରାଲ ହେରିଟେଜ୍ ଏବଂ ଡିଜଆବିଲିଟି ଷ୍ଟଡିଜ ବିଷୟ ଗୁଡିକ ଉପରେ ବିଶେଷ ଅଧ୍ୟୟନ କରିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନ୍‌ରେ ସ୍ନାତକ ମଧ୍ୟ ଲାଭ କରିଛନ୍ତି। ପ୍ରଫେସର ମହାନ୍ତି ୨୦୦୮ ନଭେମ୍ବରରୁ ୨୦୧୬ ଫେବୃୟାରୀ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟେଟ ପୋଲିସ୍ ଏକାଡେମୀରେ କାର୍ଯ୍ୟ କରିଥିଲେ। ଭାରତୀୟ ପୋଲିସ ବ୍ୟବସ୍ଥା, କ୍ରିମିନୋଲଜି ଓ କମ୍ୟୁନିଟି ପୋଲିସିଂ ଉପରେ ତାଙ୍କର ୪ଟି ପୁସ୍ତକ ପ୍ରକାଶ ପାଇଛି। ଏହି ଏକାଡେମୀରେ କାର୍ଯ୍ୟ କରିବା ସମୟରେ ସେ ଆରଟିଆଇ ବ୍ୟବସ୍ଥା ଉପରେ ଏକ ଟ୍ରେନିଂ ମାନୁଆଲ୍ ପ୍ରସ୍ତୁତ କରିଥିଲେ। ମାର୍ଚ୍ଚ ୧୯୯୭ରୁ ଅଗଷ୍ଟ ୨୦୦୦ ପର୍ଯ୍ୟନ୍ତ ସେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପ ସଚିବ ଭାବେ କାର୍ଯ୍ୟ କରିଥିଲେ।

### ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଫଳତା

## ଜିଲ୍ଲାରେ ଫାଙ୍କା ପଡ଼ିଛି ବ୍ଲକ ଶିକ୍ଷାଧିକାରୀ ପଦବୀ

**ବୈଶିଙ୍ଗା,୧୮।୩ (ସଂଚାର ବ୍ୟୁରୋ):** ରାଜ୍ୟର ସର୍ବବୃହତ ଏବଂ ଆଦିବାସୀ ବହୁଳ ଜିଲ୍ଲା ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଯେପରି ଅବହେଳିତ ସ୍ୱାସ୍ଥ୍ୟ ଓ କୃଷି ଜଳସେଚନ ଏବଂ ଆତ୍ମ ନିଯୁକ୍ତି କ୍ଷେତ୍ରରେ ଆଦୌ କୌଣସି ସୁଯୋଗ ନ ଥିବା ଦାଦନ ଶ୍ରମିକଙ୍କ ଜିଲ୍ଲା ଭାବେ ଶ୍ରମିକ ମାନଚିତ୍ରରେ ସ୍ଥାନିତ। ଏହି ଜିଲ୍ଲାରେ ମୋଟ ୨୬ ଟି ବ୍ଲକ ଥିବା ବେଳେ ରାଜ୍ୟ ର ଅନ୍ୟ କୌଣସି ଜିଲ୍ଲାରେ ଏତିକି ସଂଖ୍ୟକ ବ୍ଲକ ନାହିଁ। ସେହିପରି ସ୍କୁଲ କ୍ଷେତ୍ରରେ ମାନ୍ୟ ପାଞ୍ଚଟି ଶ୍ରେଣୀ ପାଇଁ ଦୁଇ ଜଣ ଶିକ୍ଷକ ଥିବା ବେଳେ ଦୁଇଟି ଶ୍ରେଣୀ କକ୍ଷ ଥିବା ବେଳେ ଅପର ପ୍ରାଇମେରୀ ସ୍କୁଲ କ୍ଷେତ୍ରରେ ଆଠଟି ଶ୍ରେଣୀ ପାଇଁ ତିନି ଜଣ ରୁ ଚାରି ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାର ଉଦାହରଣ ରହିଛି। ବିଶାଳ ଭୌଗଳିକ ଆୟତନ ବିଶିଷ୍ଟ ଜିଲ୍ଲାରେ ଜଣେ ମାତ୍ର ଶିକ୍ଷାଧିକାରୀ କାର୍ଯ୍ୟ କରୁଥିବା ବେଳେ ବର୍ଷର ମୋଟ କାର୍ଯ୍ୟ ଦିବସ ମଧ୍ୟରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡିକ ପରିଦର୍ଶନ କରିବା ମଧ୍ୟ ତାଙ୍କ ପକ୍ଷେ ସମ୍ଭବ ନୁହେଁ। ସେହିପରି ସବୁଠାରୁ ଉଦବେଗ ଓ ଚିନ୍ତାଜନକ ବିଷୟ ହେଲା ମୋଟ ୨୬ ଟି ବ୍ଲକ ମଧ୍ୟରୁ ୧୫ ଟି ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଥିବା ବେଳେ ୧୧ ଟି ବ୍ଲକରେ ଆଦୌ ଶିକ୍ଷା ଅଧିକାରୀ ନାହାନ୍ତି। ଯେଉଁ ୧୧ ଟି ବ୍ଲକରେ ଶିକ୍ଷା ଅଧିକାରୀ ନାହାନ୍ତି ସେଗୁଡିକ ହେଲା ରାସଗୋବିନ୍ଦପୁର ତିରିଂ ଜାମଦା ଶୁକ୍ଳି ବଡ଼ସାହି ଠାକୁରମୁଣ୍ଡା ଜିଲ୍ଲା ହେଡ କ୍ୱାଟାର ବ୍ଲକ ବାରିପଦା, ବିଜାତଳା, କପ୍ତିପଦା ସବ ଡିଭିଜନ ହେଡ କ୍ୱାଟାର, କରଞ୍ଜିଆ ବ୍ଲକ ଏବଂ କୁସୁମୀ ବ୍ଲକ। ସ୍କୁଲ ମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବା ବେଳେ ବ୍ଲକ ଶିକ୍ଷା କୁ ପରିଚାଳନା କରୁଥିବା ବ୍ଲକ ସ୍ତରରେ ଶିକ୍ଷା ଅଧିକାରୀ ପଦବୀ ସହିତ ୧୫ ରୁ ଅଧିକ ବ୍ଲକରେ ମଧ୍ୟ ଆବଶ୍ୟକ ସଂଖ୍ୟକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି। ଯାହା ଫଳରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେବାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଶୃଙ୍ଖଳା ରକ୍ଷା ହୋଇ ନ ପାରି ସାରା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସରକାରଙ୍କ ଦାୟିତ୍ୱ ହୀନତା ପାଇଁ ଭୁଷୁଡ଼ି ପଡ଼ିବାକୁ ବସିଥିବା ଶିକ୍ଷକ ସଂଘ ପକ୍ଷରୁ ଗଣମାଧ୍ୟମରେ ଅଭିଯୋଗ କରାଯାଇଛି। ସେହିପରି ବେତନଟୀ ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଥିବା ବେଳେ ତିନି ଜଣ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ସ୍ଥାନରେ ଜଣେ ମାତ୍ର ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ଯ୍ୟ କରୁଛନ୍ତି। ବିଜେଡି ସରକାର ଅମଳରେ ଏହି ଅବ୍ୟବସ୍ଥା ସ୍କୁଲ ଓ ଗଣଶିକ୍ଷା ବିଭାଗର ସଜଡା ଯାଇ ପାରି ନ ଥିବା ବେଳେ ବିଜେପି ର ଡବଲ ଇଞ୍ଜିନ ସରକାର କ୍ଷମତା ଦଖଲ କରିଥିଲେ ବି ଏବଂ ଜିଲ୍ଲାରେ ନଅ ଟି ଯାକ ବିଧାନ ସଭା ଆସନ ସହିତ ସାଂସଦ ପଦବୀ ମଧ୍ୟ ବିଜେପି ଦଖଲରେ ଥିବା ସତ୍ତ୍ୱେ ଜିଲ୍ଲାର ୧୧ ଟି ବିଇଓ ପଦବୀ ଓ ୪୦ ରୁ ଅଧିକ ଅତିରିକ୍ତ ବିଇଓ ପଦବୀ ଖାଲି ପଡ଼ିଥିଲେ ସୁଦ୍ଧା ପୂରଣ କରାଯାଇ ନ ପାରିବା ଆଲୋଚ୍ୟ ବିଷୟ ପାଲଟିଛି।

## ଆତ୍ମବିଶ୍ୱାସ ରହିଲେ ସଫଳତା ମିଳିବ



**ଭଞ୍ଜନଗର,୧୮।୩ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ବିଭାସ ଦାସ ଅଧ୍ୟକ୍ଷତା କରି ସମସ୍ତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଦୃଢ଼ ଆତ୍ମବିଶ୍ୱାସ ରହିଲେ ନିଶ୍ଚିତ ସଫଳତା ମିଳିବ । ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ଅଧ୍ୟକ୍ଷ ଏବଂ ଅନ୍ୟ ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଛାତ୍ରୀ ଶ୍ରୁତି ବିଷୋୟୀ ସନ୍ଦର୍ଭ ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭଲପମେଣ୍ଟ ସର୍ଭିସ ଇନ୍ ଏଜୁକେଶନ ଉପରେ ଲିଖିତ ସନ୍ଦର୍ଭଟିକୁ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ତୃପ୍ତିମୟୀ ଦାସ ସହଯୋଗ କରିଥିଲେ। ଏଥିସହ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ତୃପ୍ତିମୟୀ ଦାସ ପାଠଚକ୍ରର ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) ହେଉଛି ଏକ ବ୍ୟାପକ କାର୍ଯ୍ୟକ୍ରମ ଯାହା ଶିଶୁମାନଙ୍କର ସାମଗ୍ରିକ ବିକାଶ ଏବଂ ମା'ମାନଙ୍କ କଲ୍ୟାଣ ଉପରେ କେନ୍ଦ୍ରିତ। ଏହା ଉପଯୁକ୍ତ ବୃଦ୍ଧି ଏବଂ ବିକାଶ ସୁନିଶ୍ଚିତ କରିବା ପାଇଁ ପୁଷ୍ଟିସାର, ସ୍ୱାସ୍ଥ୍ୟସେବା ଏବଂ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ଏକୀକୃତ କରିଥାଏ।

## ଜିଲ୍ଲାପାଳଙ୍କ ଏଚ୍. କଟାପାଲି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ

**ଝାରସୁଗୁଡ଼ା,୧୮।୩ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଏଚ୍. କାଟାପାଲି ପଞ୍ଚାୟତ ଗସ୍ତ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଶେଷ କରି ଏଚ୍. କାଟାପାଲିଠାରେ ନିର୍ମାଣାଧୀନ ନୂତନ ଅଙ୍ଗନବାଡ଼ି କେନ୍ଦ୍ରର କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ପରଖିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଅନୁଧ୍ୟାନ କରିବା ସହ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶିଶୁମାନଙ୍କ ଶୈକ୍ଷିକ ଏବଂ ସ୍ୱାସ୍ଥ୍ୟ ସୁବିଧା ପାଇଁ ଏହି କେନ୍ଦ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଥିରେ କୌଣସି ପ୍ରକାରର ଅବହେଳା କରାଯିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

## ବେଲପାହାଡ଼ ଓ ବ୍ରଜରାଜନଗରରୁ ବିପୁଳ ମଦ ଜବତ, ୨ ଗିରଫ

**ଝାରସୁଗୁଡ଼ା,୧୮।୩ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ଏହି ଅଭିଯାନରେ ବିପୁଳ ପରିମାଣର ବେଆଇନ ମଦ ଜବତ କରାଯିବା ସହ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ବେଲପାହାଡ଼ ଅବକାରୀ ବିଭାଗ ପକ୍ଷରୁ ବର୍ତ୍ତାପ ଗ୍ରାମରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୧୬ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହ ଏକ ସ୍କୁଟି ମଧ୍ୟ ଜବତ ହୋଇଛି। ଏହି ଘଟଣାରେ ସଂସାର କାନ୍ତ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ ମାନ୍ୟବର କୋର୍ଟକୁ ଚାଲାଣ କରାଯାଇଛି।

## ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ପ୍ରଶିକ୍ଷଣ ଆରମ୍ଭ



**କର୍ଲାମୁଣ୍ଡା,୧୮।୩ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ କର୍ଲାମୁଣ୍ଡା ତହସିଲ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ତିନିଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ତଥା ଜନ ଗଣନା ବ୍ଲକ ଇନ୍‌ଚାର୍ଜ ଅରୁଣ ବର୍ଗେ, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ପଟେଲ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ସାଧନକର୍ମୀ ଭାବେ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ପ୍ରଧାନ, ବ୍ଲକ ମତ୍ସ୍ୟ ଅଧିକାରୀ ଶକ୍ତିକାନ୍ତ ବେହେରା ଯୋଗ ଦେଇ କିଭଳି ନିର୍ଭୁଲ ଭାବେ ଜନଗଣନା କାର୍ଯ୍ୟ ସମ୍ପାଦନା ହେବ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଏହାସହିତ ଘରେ ଘରେ ସର୍ବେକ୍ଷଣ କରିବା ସମୟରେ ଅନୁସରଣୀୟ ନିୟମ ଓ ନୀତି ଉପରେ ମଧ୍ୟ ଜୋର ଦିଆଯାଇଥିଲା। ଏଥିରେ ୭ ସୁପରଭାଇଜର ଓ ୪୩ ଆନିମେଟରଙ୍କ ତାଲିମ ଗ୍ରହଣ କରୁଥିବା ତହସିଲଦାର ଅରୁଣ ବର୍ଗେ ସୂଚନା ଦେଇଛନ୍ତି। ତେବେ ଏହି ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହେବାକୁ ଥିବା ବେଳେ ଚଳିତ ମାସ ୨୧ରୁ ୨୩ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ଓ ୨୪ରୁ ୨୬ ତାରିଖରେ ତୃତୀୟ ପର୍ଯ୍ୟାୟ ତାଲିମ ଶିବିର ଅନୁଷ୍ଠିତ ହେବାକୁ ଥିବା ଜଣାପଡ଼ିଛି। ତାଲିମ ଶିବିରରେ ତହସିଲ କର୍ମଚାରୀ ରୁଷଭ ମାଝୀ, ଋତୁରାଜ ଭୋଇ, ହିରାମଣି ଭୋଇ, ନବିଶ୍ୱର ନାଗ, ତାପସ ସାହୁ, ଫିରୋଜ ସାହୁ, ଗୋପାଳ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

## ଭେଟନଇରେ କଙ୍ଗାରୁ କୋର୍ଟ

**ଗଂଜାମ,୧୮।୩ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲାରେ କଂଗାରୁ କୋର୍ଟ ଥମିବାର ନାଁ ଧରୁନାହିଁ। କିଛିଦିନର ବ୍ୟବଧାନରେ ପୁଣି ଆସିକା କୋଟିନଡା ଫାଣ୍ଡି ଭେଟନଇ ଗାଁରେ ପୁଣି ଏକ କଂଗାରୁ କୋର୍ଟ ସଂଗଠିତ ହୋଇଛି। ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗାଁ ମଝିରେ ଏକ ବିଦ୍ୟୁତ ଖୁଣ୍ଟରେ ଏକତ୍ର ବାନ୍ଧି ନିସ୍ତୁକ ମାଡମାରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ପୀଡିତା ମହିଳାଙ୍କ ଅଭିଯୋଗରେ କୋଟିନଡା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଛି। ତୁରନ୍ତ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## କୁଲଡିହା ବନ୍ୟଜୀବ ଅଭୟାରଣ୍ୟରେ ପ୍ରଥମ ଥର ପାଇଁ ଓରିଏଣ୍ଟାଲ ପାଇଡ୍ ହର୍ନବିଲ ଠାବ



**ନୀଳଗିରି,୧୮।୩(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର କୁଲଡିୟା ଅଭୟାରଣ୍ୟରେ ଗ୍ରୀଷ୍ମକାଳୀନ ପକ୍ଷୀ ଗଣନା ସମୟରେ ପ୍ରଥମ ଥର ପାଇଁ ଓରିଏଣ୍ଟାଲ ପାଇଡ୍ ହର୍ନବିଲ ଦେଖା ହେବା ଜଙ୍ଗଲ ପ୍ରେମୀ ଓ ପରିବେଶବିଦ୍‌ମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ସମ୍ପ୍ରତି ଗ୍ରୀଷ୍ମକାଳୀନ ପକ୍ଷୀ ସର୍ଭେ ସମୟରେ ଏହି ଦୁର୍ଲଭ ପକ୍ଷୀକୁ ଜଙ୍ଗଲ ଅଞ୍ଚଳର ଘନ ଅରଣ୍ୟ ମଧ୍ୟରେ ଦେଖାଯାଇଥିଲା। ସାଧାରଣତଃ ଏହି ପ୍ରଜାତି ପୂର୍ବ ଓ ଉତ୍ତର-ପୂର୍ବ ଭାରତର ଅରଣ୍ୟ ଅଞ୍ଚଳରେ ଦେଖାଯାଏ।କିନ୍ତୁ କୁଲଡିହାରେ ଏହାର ଉପସ୍ଥିତି ପ୍ରଥମ ଥିବାରୁ ଏହା ଜୈବ ବିବିଧତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ।ପକ୍ଷୀ ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, ଏହି ଅଭୟାରଣ୍ୟର ପ୍ରାକୃତିକ ପରିବେଶ, ଖାଦ୍ୟ ଉପଲବ୍ଧତା ଓ ସୁରକ୍ଷିତ ଆବାସ ସୃଷ୍ଟି ହେବାରୁ ଏହି ପକ୍ଷୀ ଏଠାରେ ଆକର୍ଷିତ ହୋଇଥାଇପାରେ। ହର୍ନବିଲ ପକ୍ଷୀମାନେ ଜଙ୍ଗଲ ପୁନରୁତ୍ପାଦନରେ ସାହାଯ୍ୟ କରନ୍ତି। ଏହି ଆବିଷ୍କାର କୁଲଡିହା ଅଭୟାରଣ୍ୟର ପରିବେଶ ସୁସ୍ଥତା ଓ ସଂରକ୍ଷଣ ପ୍ରୟାସର ସଫଳତାକୁ ପ୍ରମାଣ କରୁଛି। ବନ ବିଭାଗ ଆଗାମୀ ଦିନରେ ଏହି ପ୍ରଜାତିର ନିୟମିତ ନିରୀକ୍ଷଣ ଓ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ନେବାକୁ ପଡ଼ିବ।

## ନଳକୂପରୁ ବାହାରୁଛି ଗୋଳିଆ ପାଣି

### କୂଅରୁ ପାଣି ଆଣିବାକୁ ନାକେଦମ୍ ହେବାକୁ ପଡୁଛି



**ଦାରିଙ୍ଗବାଡ଼ି,୧୮।୩ (ସଂଚାର ବ୍ୟୁରୋ):** ଏବେ ଶୀତ ଯାଇ ଗ୍ରୀଷ୍ମ ଆସିଲା ଚାରିଆଡ଼େ ପିଇବା ପାଣି ଟିକେ ପାଇଁ ସଂଘର୍ଷ କରିବାକୁ ପଡୁଛି। ଯେଉଁଠି ପାଇପ୍ ଯୋଗେ ଜଳ ଯୋଗାଣ ହୋଇନି ସେଠି କୂଅ ଓ ନଳକୂପ କିମ୍ବା ଚୁଆ ଭରସା। ଆଉ କିଛି ଗାଁରେ ନଳକୂପ ଥାଇ ଗୋଳିଆ ପାଣି ବାହାରୁଥିବା ଅଭିଯୋଗ ହେଉଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ ଆଦିବାସୀ ଗାଁରେ। ଏଠାରେ ଗୋଟିଏ ନଳକୂପ ରହିଥିବା ବେଳେ ଗାଁ ବାହାରେ ଗୋଟିଏ କୂଅ ରହିଛି। ନଳକୂପରୁ ଗୋଳିଆ ପାଣି ବାହାରୁଥିବା ବେଳେ କୂଅକୁ ଯିବା ପାଇଁ ଦୂର ରାସ୍ତା ହେଉଛି। ତେଣୁ ଶୀଘ୍ର ପାଣି ଯୋଗାଣ ପାଇଁ ଦାବି ହେଉଛି।

## କୃତିମ ବୁଦ୍ଧିମତ୍ତା ଦକ୍ଷତା ବିକାଶ କର୍ମଶାଳା

**ପୁରୀ,୧୮।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ସ୍ଥାନୀୟ ସ୍ୱତନ୍ତ୍ର ପରିକ୍ରମା ଗୃହରେ ଜିଲ୍ଲା ପ୍ରଶାସନ ତରଫରୁ ଏଆଇ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧରେ, ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଅଛି। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳାଟି ଉଦ୍ଘାଟନ ହୋଇଅଛି। ଉପରୋକ୍ତ ଏଆଇ କ୍ଷମତା ବିକାଶ କର୍ମଶାଳାଟି ଓକେସିଏଲ ଦ୍ୱାରା ପରିଚାଳନା କରାଯାଇଥିଲା ଏବଂ ଓକାକ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏହାକୁ ପ୍ରଯୋଜକ ହିସାବରେ ଆୟୋଜନ କରିଥିଲେ। ଡିଇ ଜିଏମ ପିୟୁଷ ଚକ୍ରବର୍ତ୍ତୀ, କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଟ୍ରେନିଂ କିଟ୍ ବଣ୍ଟନ, ସହିତ ଉଦ୍ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ଅଧିବେଶନରେ କୃତ୍ରିମ ବୁଦ୍ଧିମତାର ମୂଳ ଧାରଣା, ପ୍ରଶାସନିକ କାର୍ଯ୍ୟରେ ଏହାର ପ୍ରାସଙ୍ଗିକତା ଓ ଶାସନ କାର୍ଯ୍ୟରେ ବ୍ୟବହାରର ବିଭିନ୍ନ ଉଦାହରଣ ପ୍ରଦର୍ଶନ କରାଯାଇଥିଲା। ଓକେସିଏଲରୁ ଆସିଥିବା ଟ୍ରେନର ଜୟଶ୍ରୀ ଦେହେରୀ ଏବଂ ଇପ୍ସିତା ମିଶ୍ର, ଏ ବିଷୟରେ ବିସ୍ତୃତ ଭାବେ ବିବରଣୀ ଦେଇଥିଲେ। ସୁରକ୍ଷା ସମ୍ବନ୍ଧୀୟ ଏସଓପି, ଡାଟା ପରିଚାଳନା, ନୈତିକ ଏଆଇ ବ୍ୟବହାର ଓ ପ୍ରଶାସନିକ ବିଷୟରେ ଆଲୋଚନା କରାଯାଇଥିଲା।




# ସୁନିଦ୍ରା ଆଣିଦିଏ ଲହୁଣି



ଆଜିକାଲି ଲୋକେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଉଛନ୍ତି, ନିୟମିତ କସରତ କରୁଛନ୍ତି, ସ୍କିନ୍ କେୟାର୍ ରୁଟିନ୍ ମାନୁଛନ୍ତି ଓ ସର୍ବାଙ୍ଗୀନ ସୁସ୍ଥତା ପାଇଁ ଯାହା ଯାହା ଆବଶ୍ୟକ, ତାକୁ ବି ମାନି ଚଳୁଛନ୍ତି। ଏତେ ପରେ ମଧ୍ୟ ବିନା ନିଦରେ ରାତି ବିତାଉଛନ୍ତି। ଆଖିକୁ ନିଦ ଆସୁନାହିଁ। ଏଥିପାଇଁ ନିରବଚ୍ଛିନ୍ନ ଅନ୍‌ଲାଇନ୍ ସ୍କ୍ରୋଲିଂ ଓ ମାତ୍ରାଧିକ ଚିନ୍ତା ଦାୟୀ ବୋଲି କେହି କେହି କହୁଛନ୍ତି। ଲୋକେ ଶେଯରେ ଗଡ଼ପଡ଼ ହୋଇ ମୋବାଇଲ୍‌ରେ ଗୋଟିଏ ପରେ ଗୋଟିଏ ସିରିୟଲ୍‌ର ଏପିସୋଡ୍ ଦେଖୁଛନ୍ତି, ବିଳମ୍ବିତ ରାତିଯାକେ ସ୍କ୍ରୋଲିଂ କରି କିମ୍ବା ଭୋକ ନ ଥାଇ ବି ପାଟିରେ କ'ଣ ଟିକେ ପକାଇ ଚୋବାଉଛନ୍ତି। ଏସବୁ ଆମ ଅଜାଣତରେ ଆମଠାରୁ ନିଦ ନେଇଯାଉଛି। ତା'ହେଲେ ସୁନିଦ୍ରା ପାଇଁ କ'ଣ କରାଯାଇପାରିବ? ସବୁକଥା ପରି ଇଣ୍ଟର୍‌ନେଟ୍‌ରେ ଏହାର ମଧ୍ୟ ଉତ୍ତର ରହିଛି। ସେଥିରୁ ବ୍ୟାପକ ପ୍ରସାରିତ ଉତ୍ତରଟି ହେଉଛି- ଶେଯକୁ ଯିବା ପୂର୍ବରୁ ଲହୁଣି ଖାଇଲେ ସୁଖନିଦ୍ରା ଆସେ। ଠିକ୍ ଶୋଇବା ପୂର୍ବରୁ ସାମାନ୍ୟ ଲହୁଣି ଖାଇଲେ ଆପଣଙ୍କ ରାତି ଆଉ ବିନିଦ୍ର ହେବନାହିଁ। ତେବେ ଏହା ସତ ନା ଏକ ଭାଇରାଲ୍ ଟ୍ରେଣ୍ଡ୍? ତା'ହେଲେ ଏ ପ୍ରସଙ୍ଗରେ ବିଶେଷଜ୍ଞଙ୍କ ମତ କ'ଣ?

ଗୁରୁଗାଓଁସ୍ଥିତ ଆର୍ଟେମିସ୍ ହସ୍‌ପିଟାଲ୍‌ସର କ୍ଲିନିକାଲ୍ ନ୍ୟୁଟ୍ରିସନିଷ୍ଟ୍ ଡାକ୍ତର ଅଂଶୁଲ୍ ସିଂହ କହନ୍ତି, ''ଏ ଟ୍ରେଣ୍ଡ୍ ସବୁ ବାୟୋହ୍ୟାକର୍ ଓ ୱେଲ୍‌ନେସ୍ ବ୍ଲଗର୍‌ମାନେ କରାଉଛନ୍ତି। ସେମାନଙ୍କର ଧାରଣା, ଶୋଇବା ଆଗରୁ ତେଲ ଜିନିଷ ଖାଇଲେ ସାରାରାତି ରକ୍ତଶର୍କରା ସ୍ଥିର ରହିବ। ସାମାନ୍ୟ ପୁଷ୍ଟିସାର, ଅତି ସାମାନ୍ୟ ଶ୍ୱେତସାର ଓ ଅଧିକ ଚର୍ବିଜାତୀୟ 'କିଟୋଜେନିକ୍' ଆହାରରୁ ସେମାନେ ଏଭଳି ଧାରଣା କରନ୍ତି। ରାତିରେ ଭୋକ ନ ହେବା ଓ ଷ୍ଟ୍ରେସ୍ ହରମୋନ୍‌ଗୁଡ଼ିକୁ ବୃଦ୍ଧି ନ କରାଇ ଦେବା ଲାଗି ସାଧାରଣତଃ 'କିଟୋଜେନିକ୍' ଆହାର ଦିଆଯାଇଥାଏ। କିଛି ଲୋକ ବି କହୁଛନ୍ତି ଯେ, ଲହୁଣି ଖାଇବାରୁ ସେମାନଙ୍କର ଭଲ ନିଦ ହେଉଛି। ବ୍ୟକ୍ତିଗତ ଅନୁଭୂତି ଆଧାରିତ ହୋଇଥିଲେ ବି ଏଭଳି ପୋଷ୍ଟ୍ ଭାଇରାଲ୍ ହେଉଛି।''

ହାଇଦ୍ରାବାଦସ୍ଥିତ ଏରେଟ୍ ହସପିଟାଲ୍‌ସର ଛାତି ଓ ନିଦ୍ରା ବିଭ୍ରାଟ ବିଭାଗ ମୁଖ୍ୟ ତଥା ବରିଷ୍ଠ ପରାମର୍ଶଦାତା ଡାକ୍ତର ନଳିନୀ ନଗଲ୍ଲା କହନ୍ତି, ''ବିଜ୍ଞାନ ଦୃଷ୍ଟିରୁ ବିବେଚନା କଲେ ଲହୁଣି ସୁନିଦ୍ରାକାରକ ବୋଲି ସ୍ପଷ୍ଟ ପ୍ରମାଣ ନାହିଁ। ନିଦ୍ରା ସମସ୍ୟା ପାଇଁ ସରଳ ଉପାୟ ଖୋଜୁଥିବା ଲୋକ ହିଁ ଏଭଳି ଅପପ୍ରଚାର କରୁଛନ୍ତି। ତେଣୁ, ସେମାନଙ୍କ କଥା ଅନ୍‌ଲାଇନ୍‌ରେ ତ୍ୱରିତ ପ୍ରସାରିତ ହୋଇଯାଉଛି।'' ଏ ସଂକ୍ରାନ୍ତରେ ଡାକ୍ତର ନଳିନୀ ଆହୁରି କହନ୍ତି ଯେ, ଭୋକିଲା ଅବସ୍ଥାରେ ଶୋଇଲେ ଶରୀର ଶକ୍ତିର ଅଭାବ ଅନୁଭବ କରୁଥିବାରୁ ରାତିରେ ନିଦ ଭାଙ୍ଗିଯାଏ। ତେଣୁ, ଶୋଇବା ଆଗରୁ ଟିକେ ଚର୍ବିଜାତୀୟ ବା ପୁଷ୍ଟିକର ଖାଦ୍ୟ ଖାଇଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂରିରହେ। ମୁଠାଏ ବାଦାମଜାତୀୟ ଶୁଖିଲା ଫଳ, କିଛି ବସାଦହି ବା ଟିକେ ଛେନା ଖାଇଲେ ବି ଦେହକୁ ଉପକାର ମିଳେ। ସୁତରାଂ ମେଲାଟନିନ୍ ଅଥବା ମାଗ୍ନେସିୟମ୍ ସମୃଦ୍ଧ ଖାଦ୍ୟ ଭଳି ଲହୁଣି ପ୍ରତ୍ୟକ୍ଷ ଭାବେ ନିଦ୍ରାକାରକ ନୁହେଁ। ଅବଶ୍ୟ ଲହୁଣିରେ ଅଧିକ ଚର୍ବି ଥିବାରୁ ତାହା ହଜମ କ୍ରିୟା ମନ୍ଥର କରିଦିଏ ଓ ପେଟପୂରା କରି ରଖେ। ଫଳରେ କେତେକ ଲୋକଙ୍କଠାରେ ପରିଲକ୍ଷିତ କ୍ଷୁଧାଜନିତ ନିଦ୍ରା ବିଭ୍ରାଟ ହ୍ରାସପାଏ। ଏହା ବ୍ୟତୀତ, ଲହୁଣି ସମସ୍ତଙ୍କ ଦେହରେ ଯାଏନାହିଁ। ଏଥିଯୋଗୁଁ କେତେକଙ୍କଠାରେ ଅମ୍ଳହାକୁଟି ହୋଇ ନିଦ୍ରା ବିଭ୍ରାଟ କରାଏ।



# ଝାଳ ବାହାରିବା ଭଲ

ଝାଳ ବାହାରିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା, ଯାହା ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ସହ ଆମକୁ ସୁସ୍ଥ ରଖିଥାଏ। ତେବେ ଏହା ଆମେ ଜାଣିବା ଦରକାର ଯେ, ଆମ ଶରୀରରୁ କେତେ ଝାଳ ବାହାରିବା ଉଚିତ। ଝାଳ ହେଉଛି ଗ୍ରନ୍ଥିରୁ ନିର୍ଗତ ଏକ ଲୁଣଯୁକ୍ତ ତରଳ ପଦାର୍ଥ, ଯାହା ଚର୍ମରୁ ବାଷ୍ପୀଭୂତ ହୋଇ ଶରୀରକୁ ଥଣ୍ଡା କରିଥାଏ। ଉତ୍ପାଦିତ ଝାଳର ପରିମାଣ ଶାରୀରିକ କାର୍ଯ୍ୟକଳାପ, ପାଣିପାଗ, ଉଚ୍ଚଚାପ ଓ ମେଦ ବହୁଳତା ଉପରେ ନିର୍ଭର କରିଥାଏ।

ଯେତେବେଳେ ଶରୀର ଭିତରେ କିମ୍ବା ବାହାରେ ତାପମାତ୍ରା ବୃଦ୍ଧି ପାଏ, ସ୍ୱୟଂଚାଳିତ ସ୍ନାୟୁ ପ୍ରଣାଳୀ ଝାଳଗ୍ରନ୍ଥିକୁ ସକ୍ରିୟ କରିଥାଏ। ଏହି ଗ୍ରନ୍ଥିଗୁଡ଼ିକ ଚର୍ମ ମାଧ୍ୟମରେ ତରଳ ପଦାର୍ଥ ମୁକ୍ତ କରନ୍ତି। ଯେତେବେଳେ ଏହି ତରଳ ପଦାର୍ଥ ବାଷ୍ପୀଭୂତ ହୁଏ, ସେତେବେଳେ ଶରୀର ଥଣ୍ଡାହେବା ଆରମ୍ଭ କରେ। ନ୍ୟାସନାଲ୍ ଲାଇବ୍ରେରି ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଗବେଷଣାଭିତ୍ତିକ ତଥ୍ୟ ଅନୁଯାୟୀ, ଉତ୍ପାଦିତ ଝାଳର ପରିମାଣ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ହୋଇଥାଏ। ସମସ୍ତଙ୍କର ସମାନ ପରିମାଣର ଝାଳ ନିର୍ଗତ ହୋଇ ନ ଥାଏ। ଶାରୀରିକ ଅବସ୍ଥା ଉପରେ ନିର୍ଭର କରି ମଧ୍ୟ ଝାଳର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ। ବିଶେଷକରି ଖେଳାଳିମାନଙ୍କ କ୍ଷେତ୍ରରେ ବ୍ୟାୟାମର ତୀବ୍ରତା, ପାଣିପାଗ ଓ ପରିଶ୍ରମ ସମୟରେ ଝାଳର ପରିମାଣ ଯଥେଷ୍ଟ ଅଧିକ ହୋଇଥାଏ। ଏହି କାରଣରୁ ଜଳୀୟ ଅଂଶ ଓ ଉପଯୁକ୍ତ ତରଳ ପଦାର୍ଥ ଗ୍ରହଣ ଜରୁରି ବୋଲି ବିବେଚନା କରାଯାଏ। ଝାଳ ଏକ ପ୍ରତିଶତ ଲୁଣ ଓ ଚର୍ବିରେ ଗଠିତ। ଗରମ ପାଗ କିମ୍ବା ଶାରୀରିକ ଶ୍ରମ ସମୟରେ ଶରୀରକୁ ଥଣ୍ଡା କରିବା ପାଇଁ ଏହି ପ୍ରକ୍ରିୟା ଅବଶ୍ୟକ ହୋଇଥାଏ। ଚିନ୍ତାଜନିତ ମାନସିକ ଚାପ କିମ୍ବା ବିଚଳିତବୋଧ ଭଳି ଭାବନା ମଧ୍ୟ ଝାଳ ବୃଦ୍ଧି କରିପାରେ। ସାଧାରଣ ପରିସ୍ଥିତିରେ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତିଙ୍କ ଶରୀରରୁ ଦିନକୁ ପ୍ରାୟ ୦.୫ରୁ ୨ ଲିଟର ଝାଳ ବାହାରିଥାଏ। ଗରମ ଓ ଆର୍ଦ୍ର ପାଗରେ ଶାରୀରିକ ପରିଶ୍ରମ ବା ବ୍ୟାୟାମ ସମୟରେ ମାନସିକ ଚାପ, ମସଲାଯୁକ୍ତ ଖାଦ୍ୟ, କ୍ୟାଫିନ୍ ଓ ମଦ୍ୟପାନ ସମୟରେ ବା ମହିଳାଙ୍କ ଋତୁସ୍ରାବ ସମୟରେ ହରମୋନ୍ ପରିବର୍ତ୍ତନ ଯୋଗୁଁ ଝାଳର ପରିମାଣ ବଢ଼ିଥାଏ। ମେଟାବୋଲିଜିମ୍, ଫିଟନେସ୍ ସ୍ତର ଓ ଜେନେଟିକ୍ କାରଣଗୁଡ଼ିକ ମଧ୍ୟ ଝାଳକୁ ପ୍ରଭାବିତ କରନ୍ତି।

ଅତ୍ୟଧିକ ଝାଳ ବୋହିବାକୁ ହାଇପର୍‌ହାଇଡ୍ରୋସିସ୍ କୁହାଯାଏ। ଏହି ଅବସ୍ଥାରେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକତାରୁ ଅଧିକ ଝାଳ ବାହାରିଥାଏ। ଫଳରେ ପାପୁଲି ଓ ପାଦ ଝାଳୁଆ ହେବା, କାଖରେ ଅଧିକ ଝାଳ ବାହାରିବା ପରି ସମସ୍ୟା ଦେଖାଯାଇଥାଏ। ହାଇପର୍‌ହାଇଡ୍ରୋସିସ୍ ମୁଖ୍ୟତଃ ଦୁଇ ପ୍ରକାରର। ପ୍ରାଥମିକ ହାଇପର୍‌ହାଇଡ୍ରୋସିସ୍ ଅତ୍ୟଧିକ ସକ୍ରିୟ ଝାଳଗ୍ରନ୍ଥି ଯୋଗୁଁ ହୁଏ। ସେହିପରି ଦ୍ୱିତୀୟ ହାଇପର୍‌ହାଇଡ୍ରୋସିସ୍ ମଧୁମେହ, ଥାଇରଏଡ୍ ସମସ୍ୟା, ସଂକ୍ରମଣ, ଋତୁସ୍ରାବ କିମ୍ବା କୌଣସି ଔଷଧ ଯୋଗୁଁ ହୋଇଥାଏ। ତେଣୁ ଅତ୍ୟଧିକ ଝାଳ ଶରୀର ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରି।

# ଅତ୍ୟଧିକ ମୋବାଇଲ୍ ବ୍ୟବହାର କରୁଛନ୍ତି କି ?



ଆଜିକାଲି ସ୍ମାର୍ଟଫୋନ୍ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି। ଅଫିସ୍ ଇମେଲ୍ ଠାରୁ ଆରମ୍ଭ କରି ମନୋରଞ୍ଜନ ଏବଂ ସାମାଜିକ ଯୋଗାଯୋଗ ପର୍ଯ୍ୟନ୍ତ ସବୁଥିରେ ଏହାର ବ୍ୟବହାର ବଢ଼ିବାରେ ଲାଗିଛି। ଅନେକ ଲୋକଙ୍କ ଦିନ ଫୋନ୍ ସ୍କ୍ରିନ୍‌ରୁ ଆରମ୍ଭ ହୋଇ ଫୋନ୍ ସ୍କ୍ରିନ୍‌ରେ ହିଁ ଶେଷ ହେଉଛି। ତେବେ ଏହି ଅତ୍ୟଧିକ ବ୍ୟବହାର ଆମ ମସ୍ତିଷ୍କ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଉଛି, ତାହାକୁ ନେଇ ବିଶେଷଜ୍ଞମାନେ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛନ୍ତି।

ଏସିଆନ୍ ହସ୍ପିଟାଲର ପେଡିଆଟ୍ରିକ୍ ନ୍ୟୁରୋଲୋଜି ବିଭାଗର ମୁଖ୍ୟ ଡାକ୍ତର ବିଜୟ ଶର୍ମାଙ୍କ ଅନୁଯାୟୀ, ସ୍ମାର୍ଟଫୋନ୍ ସିଧାସଳଖ ମସ୍ତିଷ୍କର କୋଷଗୁଡ଼ିକୁ ନଷ୍ଟ କରେ ନାହିଁ। କିନ୍ତୁ ଆମେ ଆମର ମସ୍ତିଷ୍କକୁ କିପରି ବ୍ୟବହାର କରୁଛୁ ଏବଂ ଏହା କିପରି କାମ କରୁଛି, ସେହି ପ୍ରକ୍ରିୟା ଉପରେ ଦୀର୍ଘକାଳୀନ ପ୍ରଭାବ ପକାଇଥାଏ। ବେଙ୍ଗାଲୁରୁ ସ୍ଥିତ ସ୍ପର୍ଶ ହସ୍ପିଟାଲର ନ୍ୟୁରୋଲୋଜିଷ୍ଟ ଡାକ୍ତର ଅପୂରୂପା ଜନ୍ନାଭଟ୍ଟଲା କହିଛନ୍ତି ଯେ, ଲଗାତାର ଆସୁଥିବା ନୋଟିଫିକେସନ୍ ଏବଂ ଅନଲାଇନ୍ କଣ୍ଟେଣ୍ଟ ଯୋଗୁଁ ମସ୍ତିଷ୍କକୁ ବିଶ୍ରାମ ମିଳିପାରେ ନାହିଁ ଏବଂ ଏହା 'ଇନଫର୍ମେସନ୍ ଓଭରଲୋଡ୍'ର ଶିକାର ହୁଏ। ସ୍ମାର୍ଟଫୋନର ଅତ୍ୟଧିକ ବ୍ୟବହାର ଏକାଗ୍ରତା ହ୍ରାସ କରିଥାଏ। ଆକାଶ ହେଲ୍ଥକେୟାରର ନ୍ୟୁରୋଲୋଜି ବିଭାଗର ମୁଖ୍ୟ ଡାକ୍ତର ମଧୁକର ଭରଦ୍ୱାଜ କହିଛନ୍ତି ଯେ ଲଗାତାର ସ୍କ୍ରିନ୍ ଦେଖିବା ଦ୍ୱାରା ମାନସିକ କ୍ଳାନ୍ତି, ଏକାଗ୍ରତାର ଅଭାବ ଏବଂ ଉଦ୍‌ବେଗ ବଢ଼ିଥାଏ। ବାରମ୍ବାର ଆପ୍ ବଦଳାଇବା ଏବଂ ବିନା କାରଣରେ ସ୍କ୍ରୋଲିଂ କରିବା ଦ୍ୱାରା ବ୍ରେନ୍ 'ଇନଷ୍ଟାଣ୍ଟ ରିୱାର୍ଡ' ବା ତୁରନ୍ତ ଉତ୍ତେଜନା ଖୋଜିଥାଏ, ଯାହା ଫଳରେ କୌଣସି ଗୋଟିଏ କାମରେ ଗଭୀର ଧ୍ୟାନ ଦେବା କଷ୍ଟକର ହୋଇପଡ଼େ।

ରାତିରେ ଶୋଇବା ପୂର୍ବରୁ ସ୍ମାର୍ଟଫୋନ୍ ବ୍ୟବହାର କରିବା ଦ୍ୱାରା ନିଦ୍ରା ଚକ୍ର ସମ୍ପୂର୍ଣ୍ଣ ବ୍ୟାହତ ହୁଏ। ବିଶେଷଜ୍ଞଙ୍କ ମତରେ ସ୍କ୍ରିନ୍‌ରୁ ବାହାରୁଥିବା 'ବ୍ଲୁ ଲାଇଟ୍' ଶରୀରରେ ମେଲାଟୋନିନ୍ ହରମୋନ୍ (ଯାହା ନିଦ୍ରା ନିୟନ୍ତ୍ରଣ ପାଇଁ ଦାୟୀ) ଉତ୍ପାଦନକୁ ବାଧା ପହଞ୍ଚାଏ। ଠିକ୍‌ରେ ନିଦ ନହେବା କାରଣରୁ ଚିଡଚିଡାପଣ, ଚାପ, ଏକାଗ୍ରତା ହ୍ରାସ ଏବଂ ସୋସିଆଲ୍ ମିଡିଆ ଯୋଗୁଁ ଅନ୍ୟମାନଙ୍କ ସହ ନିଜକୁ ତୁଳନା କରିବା ଭଳି ଭାବନା ମାନସିକ ଅବସାଦ ସୃଷ୍ଟି କରେ।

ଡାକ୍ତର ଶର୍ମାଙ୍କ ମତରେ, ଆଜିକାଲି ପିଲାମାନଙ୍କ ମଧ୍ୟରେ ଧ୍ୟାନ କେନ୍ଦ୍ରୀଭୂତ କରିବାର କ୍ଷମତା କମିବାରେ ଲାଗିଛି ଏବଂ ସେମାନେ ଅଧିକ ଚାପଗ୍ରସ୍ତ ରହୁଛନ୍ତି। ସୋସିଆଲ୍ ମିଡିଆ ଲାଇକ୍ ଏବଂ ନୋଟିଫିକେସନ୍ ସେମାନଙ୍କ ମସ୍ତିଷ୍କରେ ଡୋପାମାଇନ୍ ରିଲିଜ୍ କରାଏ, ଯାହା ସେମାନଙ୍କୁ ଫୋନ୍ ପ୍ରତି ଅଭ୍ୟସ୍ତ ବା ନିଶାଗ୍ରସ୍ତ କରିଦିଏ। ଲଗାତାର ତଳକୁ ମୁଣ୍ଡ କରି ଫୋନ୍ ଦେଖିବା ଦ୍ୱାରା ବେକ ଦରଜ ଏବଂ ଆଖି ଉପରେ ଚାପ ପଡ଼ି ମୁଣ୍ଡବିନ୍ଧା ଭଳି ଶାରୀରିକ ସମସ୍ୟା ଦେଖାଦେଉଛି। ସ୍ମାର୍ଟଫୋନ୍ ନିଜେ କ୍ଷତିକାରକ ନୁହେଁ, ବରଂ ଏହାକୁ ସନ୍ତୁଳିତ ଭାବେ ବ୍ୟବହାର କରିବା ନିହାତି ଜରୁରୀ। ଶୋଇବା ପୂର୍ବରୁ ଫୋନ୍ ବ୍ୟବହାରରୁ ସମ୍ପୂର୍ଣ୍ଣ ନିବୃତ୍ତ ରୁହନ୍ତୁ। ସ୍କ୍ରିନ୍ ସାମ୍ନାରେ କାମ କରୁଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଆଖିକୁ ବିଶ୍ରାମ ଦିଅନ୍ତୁ। ବହି ପଢ଼ିବା, ବ୍ୟାୟାମ କରିବା ଏବଂ ଲୋକଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବା ଭଳି ଅଫଲାଇନ୍ କାର୍ଯ୍ୟକଳାପରେ ସମୟ ବିତାନ୍ତୁ।

# ଭାତ ନା ରୁଟି

## ରାତ୍ରିଭୋଜନରେ କେଉଁଟା ଭଲ ?

ଭାତ ଓ ରୁଟି ବିନା ଆମ ଭାରତୀୟଙ୍କ ଖାଦ୍ୟ ଅସମ୍ପୂର୍ଣ୍ଣ। ମଧ୍ୟାହ୍ନ ଭୋଜନ ହେଉ ବା ରାତ୍ରିଭୋଜନ, ପ୍ରତ୍ୟେକ ଘରେ ଭାତ କିମ୍ବା ରୁଟି ଖାଉଥିବା ଲୋକ ମିଳିବେ। ତେବେ ଏଥିପାଇଁ ଉପଯୁକ୍ତ ସମୟ ରହିଛି। ଆଜିର ଜୀବନଶୈଳୀ ଆମକୁ ସେଭଳି କରାଇନଦେଲେ ମଧ୍ୟ ଆମକୁ ତାହା ପାଳନ କରିବାକୁ ପଡ଼ିବ। ଆସନ୍ତୁ ଜାଣିବା, ଶରୀର ପାଇଁ ଭାତ ଓ ରୁଟିର କେତେ ଆବଶ୍ୟକତା ରହିଛି-

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ରୁଟି ଖାଇବା ଅଧିକ ଲାଭଦାୟକ ହୋଇଥାଏ। ତେବେ ଖାଦ୍ୟ ତାଲିକାରେ ଭାତ ଓ ରୁଟିକୁ ସମାନ ପରିମାଣରେ ନେଇପାରିବେ।



ଅଧିକ ଧଳା ଦିଶୁଥିବା ଭାତଠାରୁ ଦୂରେଇବା ଭଲ। ଯଦି ଆପଣଙ୍କର ଭାତ ପସନ୍ଦ, ତେବେ ସେଥିରେ ସନ୍ତୁଳା ବା ତରକାରୀ ମିଶାଇ ଖାଇବା ଆବଶ୍ୟକ। ରାତିରେ କେବଳ ରୁଟି ହିଁ ଖାଇବା ଦରକାର। କାରଣ ଏହା ଅଧିକ ପୁଷ୍ଟିକର ହୋଇଥାଏ। ଏହାଛଡ଼ା ରୁଟିରେ ଫାଇବର୍ ମାତ୍ରା ଅଧିକ ଥାଏ, ତେଣୁ ଏହା ଶୀଘ୍ର ହଜମ ହୋଇଥାଏ। ସେହିପରି ରାତିରେ ରୁଟି ଖାଇଲେ ନିଦ ମଧ୍ୟ ଭଲ ହୋଇଥାଏ। ପୋଷଣ ଅନୁଯାୟୀ ଦେଖିଲେ, ୧/୩ କପ୍ ଭାତରେ ୮୦ କ୍ୟାଲୋରି, ୧ ଗ୍ରାମ୍ ଫ୍ୟାଟ୍ ଓ ୧୮ ଗ୍ରାମ କାର୍ବୋହାଇଡ୍ରେଟ୍ ରହିଥାଏ। ସେହିଭଳି ଗୋଟିଏ ରୁଟିରେ ୭୧ କ୍ୟାଲୋରି, ୩ ଗ୍ରାମ୍ ପ୍ରୋଟିନ୍, ୦.୪ ଗ୍ରାମ୍ ଫ୍ୟାଟ୍ ଓ ୧୫ ଗ୍ରାମ୍ କାର୍ବୋହାଇଡ୍ରେଟ୍ ଥାଏ। ଏହାଛଡ଼ା ରୁଟିରେ କ୍ୟାଲସିୟମ୍ ଓ ଆଇରନ୍ ମଧ୍ୟ ରହିଥାଏ। ରୁଟିରେ ଭାତଠାରୁ ଅଧିକ ଫାଇବର୍ ଥାଏ, ଏହାଦ୍ୱାରା ପାଚନ ପ୍ରକ୍ରିୟା ସଂପାଦନ କରୁଥିବା ନଳୀଗୁଡ଼ିକ ସଫା ହୋଇଥାଏ। ଏହାଦ୍ୱାରା ଅପଚ ଓ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ବି ମୁକ୍ତି ମିଳିଥାଏ। ରୁଟି ଖାଇବା ଦ୍ୱାରା ଆଳସ୍ୟ ଓ ନିଦ ଭଳି ସମସ୍ୟା ହୋଇ ନ ଥାଏ, ତେବେ ଭାତ ଖାଇବା ପରେ ଏହି ଦୁଇଟି ସମସ୍ୟା ଦେଖାଦେଇଥାଏ। ଯଦି ଆପଣ ଓଜନ ହ୍ରାସ କରିବା ପାଇଁ ଚାହୁଁଛନ୍ତି, ତେବେ ରୁଟି ଖାଇବା ଆପଣଙ୍କ ପାଇଁ ବହୁତ ଲାଭଦାୟକ। ରୁଟିରେ ଥିବା କାର୍ବୋହାଇଡ୍ରେଟ୍‌କୁ ଜୀର୍ଣ୍ଣ କରିବା ପାଇଁ ଶରୀର ଅଧିକ ଶକ୍ତି ନେଇଥାଏ, ଯାହା ଫଳରେ ଓଜନ କମିଥାଏ। ଭାତକୁ କୁକର୍ ବଦଳରେ ଅଧିକ ପାଣିଦେଇ ହାଣ୍ଡିରେ ରୋଷେଇ କରନ୍ତୁ। ଏଭଳି ରୋଷେଇ କରି ପାଣି ବାହାର କରିଦିଅନ୍ତୁ। ଏହାଦ୍ୱାରା ଏହାର ନ୍ୟୁଟ୍ରିସନ୍ ବଢ଼ି ଯାଇଥାଏ। ଭାତକୁ ଡାଲି ସହିତ ଖାଆନ୍ତୁ। ଏହାଦ୍ୱାରା ଶରୀରକୁ ଜରୁରି ଆମିନୋ ଏସିଡ୍ ମିଳିଥାଏ।



# ଓଜନ କମାଏ ନାଣ୍ଡିବଗୁଲି ମଞ୍ଜି

ନାଣ୍ଡିବଗୁଲି ମଞ୍ଜି ବା ବାସିଲ୍ ସିଡ୍ସ କେବଳ ପାନୀୟ କିମ୍ବା ଡେଜର୍ଟରେ ବ୍ୟବହୃତ ହୁଏ ନାହିଁ, ବରଂ ଏହି ଛୋଟ କଳା ମଞ୍ଜିରେ ଅନେକ ସ୍ୱାସ୍ଥ୍ୟଗତ ଉପକାରିତା ଲୁଚି ରହିଛି। ଚିଆ ସିଡ୍ସ ଏବଂ ଫ୍ଲାକ୍ସ ସିଡ୍ସ ଭଳି ଲୋକପ୍ରିୟ ସୁପରଫୁଡ୍ ତୁଳନାରେ ଏହା ଅଧିକ ପୁଷ୍ଟିକର। ତୁଳସୀରୁ ବାହାରୁଥିବା ଏହି ମଞ୍ଜିକୁ ଏକ 'ୱେଲନେସ୍ ପାୱାରହାଉସ୍' କୁହାଯାଏ। ଆସନ୍ତୁ ଜାଣିବା ଏହାର ପ୍ରମୁଖ ଫାଇଦା, ଖାଇବାର ସଠିକ୍ ଉପାୟ ଏବଂ କିଛି ସତର୍କତା ବିଷୟରେ।

**ଶରୀରକୁ ଥଣ୍ଡା ରଖେଃ** ଖରାଦିନେ ଏହା ଶରୀରର ଉତ୍ତାପ କମାଇବାରେ ଏବଂ ପେଟକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ। ଲେମ୍ବୁପାଣି, ଡାବପାଣି କିମ୍ବା ସ୍ମୁଦି ସହ ଏହାକୁ ପିଇପାରିବେ।

**ମଧୁମେହ ନିୟନ୍ତ୍ରଣଃ** ରକ୍ତରେ ଶର୍କରା ସ୍ତରକୁ ସ୍ଥିର ରଖିବା ପାଇଁ ଏହା ବେଶ୍ ଲାଭଦାୟକ। ଏଥିରେ ଆଣ୍ଟି-ଡାଇବେଟିସ୍ ଗୁଣ ରହିଛି।

**କୋଷ୍ଠକାଠିନ୍ୟ ଏବଂ ଏସିଡିଟିରୁ ମୁକ୍ତିଃ** ଏଥିରେ ପ୍ରଚୁର ପରିମାଣରେ ଫାଇବର (ପେକ୍ଟିନ୍) ରହିଛି, ଯାହା ପେଟ ସଫା ରଖିବା ସହ ଗୁଡ୍ ବ୍ୟାକ୍ଟେରିଆ ବୃଦ୍ଧି କରି ଏସିଡିଟି ଦୂର କରେ।

**ଓଜନ ନିୟନ୍ତ୍ରଣଃ** ଏହାକୁ ଖାଇବା ଦ୍ୱାରା ପେଟ ପୂରିଲା ଭଳି ଲାଗେ, ଯାହା ଆମକୁ ଅଧିକ ଖାଇବାରୁ କ୍ଷାନ୍ତ କରେ। ଏହା ଶରୀରରୁ ବିଷାକ୍ତ ଦ୍ରବ୍ୟ ବାହାର କରି ଓଜନ ହ୍ରାସ କରିବାରେ ସାହାଯ୍ୟ କରେ।

**ପୋଷକ ତତ୍ତ୍ୱର ଭଣ୍ଡାରଃ** ଆଇରନ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍‌ରେ ଭରପୂର ଏହି ମଞ୍ଜି ହାଡ଼, ମାଂସପେଶୀ ମଜବୁତ୍ କରିବା ସହ ରକ୍ତହୀନତା ଦୂର କରିବାରେ ସହାୟକ ହୁଏ।

**ହୃତ୍‌ପିଣ୍ଡ ପାଇଁ ହିତକରଃ** ଏଥିରେ ଓମେଗା-୩ ଫ୍ୟାଟି ଏସିଡ୍ ରହିଛି, ଯାହା ହୃଦରୋଗ ଏବଂ ଉଚ୍ଚ ରକ୍ତଚାପ ଆଶଙ୍କା କମାଏ।

**ଆଣ୍ଟି-ଇନଫ୍ଲାମେଟୋରୀ ଗୁଣଃ** ଏଥିରେ ଥିବା ଫ୍ଲାଭୋନଏଡ୍ସ ଏବଂ ପଲିଫେନଲ୍ସ ଶରୀରରେ ପ୍ରଦାହ କମାଇଥାଏ।

**ପାଟି ପାଇଁ ଉପକାରୀଃ** ଏହାର ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ପାଟି ଘା' ଭଲ କରିବାରେ ଏବଂ ମାଉଥ୍ ଫ୍ରେସନର୍ ଭାବେ କାମ କରେ।

**କୋଲେଷ୍ଟ୍ରଲ୍ ଓ ମାନସିକ ଚାପ କମାଏଃ** ଏଥିରେ ଥିବା ସଲ୍ୟୁବଲ୍ ଫାଇବର କୋଲେଷ୍ଟ୍ରଲ୍ ଶୋଷଣକୁ କମାଏ। ଏହାସହ ଏହା ମାନସିକ ଚାପ, ଟେନସନ୍ ଓ ଉଦ୍‌ବେଗ କମାଇ ମନକୁ ଶାନ୍ତ ରଖେ।

**କିପରି ଖାଇବେ ଏବଂ କେତେ ଖାଇବେ ?**

ପ୍ରାୟ ୨ ଚାମଚ ନାଣ୍ଡିବଗୁଲି ମଞ୍ଜିକୁ ଏକ କପ୍ ଉଷୁମ ପାଣିରେ ୧୫ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହା ଫୁଲିଯାଇ ଏକ ଜେଲି ଭଳି ଆବରଣ ସୃଷ୍ଟି କରିବ। ଏହାକୁ ଆପଣ ଲେମ୍ବୁପାଣି, ମିଲ୍କସେକ୍, ସାଲାଡ୍, ସୁପ୍ କିମ୍ବା ଆଇସକ୍ରିମ୍ ସହ ମିଶାଇ ଖାଇପାରିବେ। ଦିନକୁ ୨ ଚାମଚରୁ ଅଧିକ ନାଣ୍ଡିବଗୁଲି ମଞ୍ଜି ଖାଇବା ଆଦୌ ଉଚିତ୍ ନୁହେଁ। ପିଲାମାନଙ୍କୁ ଦେବା ପୂର୍ବରୁ ଏହାକୁ ଭଲଭାବେ ପାଣିରେ ଭିଜାଇବା ଜରୁରୀ, ନଚେତ୍ ଏହା ତଣ୍ଟିରେ ଲାଗିଯିବାର ଭୟ ରହିଛି। ଗର୍ଭବତୀ ମହିଳାମାନେ ଏହାକୁ ଖାଇବା ପୂର୍ବରୁ ନିଜ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ କାରଣ ଏହା ଶରୀରରେ ଇଷ୍ଟ୍ରୋଜେନ୍ ସ୍ତର ବଢ଼ାଇଥାଏ। ନାଣ୍ଡିବଗୁଲି ମଞ୍ଜି ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟାକୁ ଧୀର କରିଦିଏ। ତେଣୁ ଆପଣଙ୍କର ସଦ୍ୟ ସର୍ଜରୀ ହୋଇଥିଲେ କିମ୍ବା ଆଗକୁ କୌଣସି ଅସ୍ତ୍ରୋପଚାର ଥିଲେ (ଅତିକମରେ ୨ ସପ୍ତାହ ପୂର୍ବରୁ) ଏହାକୁ ଖାଇବା ସମ୍ପୂର୍ଣ୍ଣ ବନ୍ଦ କରିଦେବା ଉଚିତ୍।

ନୁର୍ତାଙ୍ଗ ହାଇସ୍କୁଲ-ଆନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାସ୍ତା ପାଲଟିଛି ମରଣଯନ୍ତା

# ଦୁର୍ଘଟଣାର ଶିକାର ହେଉଛନ୍ତି ସ୍ଥାନୀୟ ଲୋକେ



**ମାହାଙ୍ଗା, ୧୮।୩(ସଂଚାର ବ୍ୟୁରୋ)ଃ** ସରକାରଙ୍କ ପକ୍ଷରୁ ଗମନାଗମନର ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗାଁ ଗହଳିମାନଙ୍କରେ ରାସ୍ତା ନିର୍ମାଣ କରାଯାଉଛି। ହେଲେ ପ୍ରଶାସନର ଅଣଦେଖା ଓ ଅବହେଳା ହେତୁ ବହୁ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଯାହା ଫଳରେ ଯାତାୟତରେ ନାନା ସସମ୍ୟା ଦେଖାଦେବା ସହ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ନୁର୍ତାଙ୍ଗ ହାଇସ୍କୁଲ ଠାରୁ ଆନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାସ୍ତାରେ। ଏହି ରାସ୍ତାଟି ନୁର୍ତାଙ୍ଗ ଏବଂ ଆନନ୍ଦପୁର ପଞ୍ଚାୟତକୁ ସଂଯୋଗ କରୁଥିବାବେଳେ ଏହି ରାସ୍ତା ଦେଇ ଶହ ଶହ ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କଲେଜ ଏବଂ ସାଧାରଣ ଲୋକମାନେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ବିଶେଷ କରି ତ୍ରିବେଣୀଶ୍ୱର ମନ୍ଦିର, ମାହାଙ୍ଗା ବ୍ଲକ, ବ୍ୟାଙ୍କ, ଡାକଘର, ସ୍କୁଲ, କଲେଜ, ଡାକ୍ତରଖାନା ସହ ଜରୁରୀକାଳୀନ ସେବା ନିମନ୍ତେ ଏହି ରାସ୍ତା ଦେଇ ଗମନାଗମନ କରିଥାନ୍ତି। କିନ୍ତୁ ଏହି ରାସ୍ତାରେ ଏବେ ବଡ ବଡ ମେଣ୍ଟାଲ ଗୁଡିକ ବିଛାଡି ହୋଇ ପଡ଼ିଥିବା ହେତୁ ପ୍ରତ୍ୟହ ଦୁର୍ଘଟଣା ମାନ ଘଟୁଛି। କେବଳ ସେତିକି ନୁହେଁ ଏହି ରାସ୍ତାଟି ମଧ୍ୟ ଖାଲ ଖମାରେ ପରିପୂର୍ଣ୍ଣ। ତେଣୁ ଏହି ରାସ୍ତା ଏବେ ଯାତାୟତ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି। ବିଶେଷ କରି ରାତି ସମୟରେ ଏହି ରାସ୍ତା ଦେଇ ଯାଉଥିବା ସାଇକେଲ ଓ ବାଇକ ଆରୋହୀ ମାନେ ଛୋଟ ବଡ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।। ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏହି ରାସ୍ତା ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି।

ଜୟଦେବରେ ବିଜେଡି ଭିତରେ ଫାଟ

# ବିଧାୟକଙ୍କ କୁଶପୁତ୍ତଳିକା ଦାହ

- ଶୀର୍ଷ ନେତୃତ୍ୱଙ୍କ ଅନୁପସ୍ଥିତି ଉଠିଲା ପ୍ରଶ୍ନ
- ଦଳରେ ବିଭୀଷଣ କିଏ ?



**ବାଲିପାଟଣା, ୧୮।୩(ସଂଚାର ବ୍ୟୁରୋ)ଃ** ଜୟଦେବ ନିର୍ବାଚନ ମଣ୍ଡଳୀର ରାଜନୈତିକ ପାଣିପାଗ ଏବେ ଦିନକୁ ଦିନ ସରଗରମ ହେଉଛି। ବିଧାୟକ ନବ କିଶୋର ମଲ୍ଲିକଙ୍କ ଦଳ କ୍ରସ୍ ଭୋଟିଂ ବିରୋଧୀ ଆଭିମୁଖ୍ୟକୁ ନେଇ ଆଜି ବାଲିପାଟଣା ଛକଠାରେ ବିଜେଡ଼ି ର ଏକ ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଇଛି। ମାତ୍ର ଏହି ପ୍ରତିବାଦ ସଭାରେ ଦଳୀୟ କନ୍ଦଳ ଓ ଗୋଷ୍ଠୀବାଦର ନଗ୍ନ ଚିତ୍ର ସ୍ପଷ୍ଟ ଭାବେ ବାରି ହୋଇପଡ଼ିଛି। ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏଭଳି ଏକ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ ସମୟରେ ସ୍ଥାନୀୟ ବ୍ଲକ ବିଜେଡି ସଭାପତି, ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ ଓ ଅନ୍ୟାନ୍ୟ ପ୍ରମୁଖ ନେତାଙ୍କ ଅନୁପସ୍ଥିତି ଘଟଣାକୁ ଅଧିକ ଚର୍ଚ୍ଚାର କେନ୍ଦ୍ର କରିଛି।ଯେଉଁମାନେ ଦଳର ମଙ୍ଗୁଆଳ ସାଜିବା କଥା, ସେମାନଙ୍କ ଗାଏବ ହେବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ମିଳୁଛି ଯେ, ବିଜେଡିର ଗୋଟିଏ ଗୋଷ୍ଠୀ ଏହି ଆନ୍ଦୋଳନ ପଛରେ ଥିବାବେଳେ ଅନ୍ୟ ଏକ ଶକ୍ତିଶାଳୀ ଗୋଷ୍ଠୀ ବିଧାୟକଙ୍କ ସପକ୍ଷରେ ରହି କାର୍ଯ୍ୟକ୍ରମରୁ ଦୂରେଇ ରହିଛି। ସାଧାରଣ କର୍ମୀଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି ଯଦି ବିଧାୟକ ଦଳ ବିରୋଧରେ ଯାଇଛନ୍ତି, ତେବେ ଶୀର୍ଷ ନେତୃତ୍ୱ ଚୁପ୍ କାହିଁକି? ବିଜେଡିର ଏହି ଆଭ୍ୟନ୍ତରୀଣ ଫାଟ ଏବେ ବାଲିପାଟଣା ଓ ବାଲିଅନ୍ତା ରାଜନୀତିକୁ ଗୋଳିଆ କରିଦେଇଛି। କୁଶପୁତ୍ତଳିକା ଦାହ ସମୟରେ ଉପସ୍ଥିତ ଥିବା ଅସନ୍ତୁଷ୍ଟ ଗୋଷ୍ଠୀର କର୍ମୀମାନେ ବିଧାୟକ ଙ୍କୁ ଜୟଦେବ ରେ ପୁରାଇ ଦବୁନି ର ନାରା ଦେବା ସହ ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ଓ ଦଳ ମଧ୍ୟରେ ଥିବା"ବିଭୀଷଣ' ମାନଙ୍କୁ ଚିହ୍ନଟ କରିବାକୁ ହାଇକମାଣ୍ଡଙ୍କୁ ନିବେଦନ କରିଛନ୍ତି।ଆଜିର ଏହି ବିକ୍ଷୋଭରେ ପୂର୍ବତନ ବିଜେଡି ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିବିକ୍ରମ ଦାସ, ବିନେଷ କୁମାର ନାୟକ, ସନ୍ଦିପ୍ତ ସେନାପତି, ସୋଲାର ମିଶ୍ର, ଜଗନ୍ନାଥ ପଣ୍ଡା, ଅମୁଲ୍ୟ ପ୍ରଧାନ, ମାନସ ପଣ୍ଡାଙ୍କ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଘଟଣା ଜୟଦେବ ନିର୍ବାଚନ ମଣ୍ଡଳୀର ରାଜନୀତିକୁ କେଉଁ ଆଡ଼କୁ ନେଉଛି, ତାହା ଏବେ ଦେଖିବାକୁ ବାକି।

## ସେବା ମନୋଭାବ ସହ ପାଳିଲେ ବନ୍ଧୁମିଳନ



**ବାଲିକୁଦା,୧୮।୩(ସଂଚାର ବ୍ୟୁରୋ)ଃ** ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳରେ ଅବସ୍ଥିତ ଇସ୍କନ ମନ୍ଦିର ପ୍ରାଙ୍ଗଣରେ ନୀଳକଣ୍ଠେଶ୍ୱର ବିଦ୍ୟାପୀଠର ୨୦୦୧ ମସିହାର ଦଶମ ଶ୍ରେଣୀ ବ୍ୟାଚର ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସ୍ମରଣୀୟ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ପୁଣିଥରେ ଏକ ସ୍ଥାନରେ ସମ୍ମିଳିତ ହୋଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା।ଏହି ବନ୍ଧୁମିଳନ ଉତ୍ସବ ପ୍ରତ୍ୟେକ ସହପାଠୀଙ୍କ ସମନ୍ୱୟ ଓ ସହଯୋଗରେ ସୁଚାରୁ ଭାବେ ଆୟୋଜିତ ହୋଇଥିଲା। ଅନେକ ବର୍ଷ ପରେ ମିଳିଥିବା ସହପାଠୀମାନେ ନିଜ ଛାତ୍ରଜୀବନର ସ୍ମୃତି, ଅନୁଭବ ଓ ଶିକ୍ଷାଳୟ ସମୟର ଅନେକ ଘଟଣାକୁ ସ୍ମରଣ କରି ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ଛାତ୍ରୀ ମାନେ ସେବା ମନୋଭାବ ସହ ରକ୍ତଦାନ କରି ବନ୍ଧୁମିଳନ ଉତ୍ସବ ର ଶୋଭା କୁ ଦ୍ୱିଗୁଣିତ କରାଇଥିଲେ।

## ଭାରତୀୟ ଷ୍ଟେଟ ବ୍ୟାଙ୍କ ନାଉଗାଁ ଶାଖାର ୨ ହିତାଧିକାରୀଙ୍କୁ ବୀମା ଅର୍ଥ ପ୍ରଦାନ




**ନାଉଗାଁ,୧୮।୩(ସଂଚାର ବ୍ୟୁରୋ)ଃ** ଭାରତୀୟ ଷ୍ଟେଟ ବ୍ୟାଙ୍କ ନାଉଗାଁ ଶାଖା ଅଧୀନରେ ଥିବା ୨ଜଣ ହିତାଧିକାରୀଙ୍କ ସମ୍ପର୍କୀୟଙ୍କୁ ବୁଧବାର ଶାଖା ପରିଚାଳକ ଶଶାଙ୍କ ଜେନାଙ୍କ ଦ୍ୱାରା ଶାଖା ପରିସରରେ ବୀମା ଅର୍ଥ ପ୍ରଦାନ କରାଯାଇଛି। ଏହି ୨ଜଣ ହିତାଧିକାରୀ ହେଲେ ତିରୁଣା ଗ୍ରାମ ପଞ୍ଚାୟତ ଅରିଓଦା ଗ୍ରାମର ପବିତ୍ର ନାୟକ ଓ ନାଉଗାଁ ପଞ୍ଚାୟତ ତିହୁଡା ଗ୍ରାମର ଧନେଶ୍ୱର ଲେଙ୍କା। ପବିତ୍ର କିଛି ଦିନ ପୂର୍ବରୁ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବେଳେ ଧନେଶ୍ୱର ଦୀର୍ଘ ଦିନ ହେବ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଥିଲେ। ଉଭୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ନାଉଗାଁ ଶାଖାରେ ଭାରତ ସରକାରଙ୍କ ପିଏମ୍‌ଜେଜେବିୱାଇ(ଜୀବନ କଭରେଜ), ପିଏମ୍‌ଏସବିୱାଇ (ଦୁର୍ଘଟଣା କଭରେଜ) ବୀମା କରିଥିଲେ। ଧନେଶ୍ୱର ବର୍ଷକୁ ୪୩୬ଟଙ୍କା ଓ ପବିତ୍ର ବର୍ଷକୁ ୨୦ଟଙ୍କା ହିସାବରେ ବୀମା ଅର୍ଥ ପୈଠ କରିଥିଲେ। ଉକ୍ତ ଅର୍ଥ ରାଶି ଧନେଶ୍ୱରଙ୍କ ପୁତ୍ର ଜ୍ଞାନେଶ୍ୱର ଓ ପବିତ୍ରଙ୍କ ପତ୍ନୀ ବିଶ୍ୱାମିତ୍ରା ନାୟକଙ୍କ ଜମା ଖାତାକୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶାଖା ପରିଚାଳକଙ୍କ ସମେତ ସହକର୍ମୀ ରମାକାନ୍ତ ସ୍ୱାଇଁ, ପ୍ରଭାତ କୁମାର ସେଠୀ, ସୌମ୍ୟ ରଞ୍ଜନ ସାହୁ, ଶିବଶଙ୍କର ପାଇଟାଳ, ଅନନ୍ତ ବିଶ୍ୱାଳ ଆଦି ଉପସ୍ଥିତ ଥିଲେ। ତେଣୁ ସମସ୍ତ ହିତାଧିକାରୀ ସ୍ୱଳ୍ପ ଦେୟରେ ଏହି ବୀମାରେ ସାମିଲ ହେବାକୁ ଶାଖା ପରିଚାଳକ ଜେନା ଆହ୍ୱାନ ଦେଇଥିଲେ।

## ବାଣିକ୍ଷେତ୍ର କ୍ରିକେଟ ଷ୍ଟୁର୍ଣ୍ଣମେଣ୍ଟ ତରଫରୁ କ୍ରିକେଟ ଷ୍ଟୁର୍ଣ୍ଣମେଣ୍ଟ ଉଦଘାଟିତ

**ନାଉଗାଁ,୧୮।୩(ସଂଚାର ବ୍ୟୁରୋ)ଃ** ନାଉଗାଁ ବ୍ଲକ ଅନ୍ତର୍ଗତ ବାଣିକ୍ଷେତ୍ର କ୍ରିକେଟ କ୍ଲବ ତରଫରୁ ତ୍ରିଦିବସୀୟ ଜିଲା ସ୍ତରୀୟ କ୍ରିକେଟ ଟୁନାମେଣ୍ଟ ବୁଧବାର ଉଦଘାଟିତ ହୋଇଯାଇଛି। ସାମାଜିକ କର୍ମୀ ତ୍ରନାଥ ପରିଜା ଉକ୍ତ ଟୁନାମେଣ୍ଟ କୁ ପ୍ରଦୀପ ପ୍ରଜ୍ୱାଳନ କରି ଉଦଘାଟନ କରିଥିଲେ। ଏହି ୩ ଦିନରେ ବିଭିନ୍ନ ଜିଲାରୁ ୮ ଟି ଦଳ ଭାଗ ନେଇଥିବା ଜଣାଯାଇଛି। ପ୍ରଥମ ଦିବସରେ ୪ ଟି ଦଳ ଭାଗ ନେଇଥିଲେ। ସେଥି ମଧ୍ୟରୁ ପ୍ରଥମେ ଜଗତସିଂହପୁର ଷ୍ମାର୍ଟ ଷ୍ଟାଡିୟମ ଓ ନାଉଗାଁ ଥଣ୍ଡର ଷ୍ଟ୍ରାଇକର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜଗତସିଂହପୁର ପ୍ରଥମେ ଟଚ ଜିତି ୮ ଓଭରରେ ୧୧୯ ରନ ସଂଗ୍ରହ କରିଥିବା ବେଳେ ନାଉଗାଁ ୫ ଓିକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଦ୍ୱିତିୟ ମ୍ୟାଚରେ ଇମେଜ ଇଲେଭେନ ଭଦ୍ରକ ପ୍ରଥମେ ଟିମ ଟସ ଜିତି ବ୍ୟାଟିଙ୍ଗ ନେଇ ୧୨୯ ରନ କରିଥିବାବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଟିମ ୧୦୩ ରନ କରି ପରାସ୍ତ ହୋଇଥିଲା। ସେମିଫାଇନାଲ ମ୍ୟାଚ ଭଦ୍ରକର ଇମେଜ ଇଲେଭେନ ଓ ନାଉଗାଁ ଥଣ୍ଡର ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## ଆଧ୍ୟତ୍ମିକ ପ୍ରବଚନ କାର୍ଯ୍ୟକ୍ରମ

**ବଲାଙ୍ଗିର,୧୮।୩(ସଂଚାର ବ୍ୟୁରୋ)ଃ** ମଙ୍ଗଳବାର ସଂଧ୍ୟାରେ ସ୍ଥାନୀୟ ଜୈନ ଭବନ ଠାରେ ଟିଟିଲାଗଡ଼ ବିପାସନା ଧ୍ୟାନକେନ୍ଦ୍ର ତରଫରୁ ଏକ ଆଧ୍ୟତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ସୁଦୂର ଗୁଜୁରାଟ ରାଜ୍ୟର ରାଜକୋଟରୁ ଗୁରୁଜୀ ରାଜୁଭାଇ ମେହେଟା ଆସି ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ଏହି ଆଧ୍ୟତ୍ମିକ ପ୍ରବଚନ ଶୁଣିବାକୁ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହ ବିଭିନ୍ନ ମହିଳା ସଙ୍ଗଠନର ସଦସ୍ୟମାନେ ସାମିଲ ହୋଇଥିଲେ। ଯେଉଁମାନେ ଏହି ସଂଧ୍ୟାରେ ପ୍ରବଚନ ଶୁଣୁଥିଲେ ସେମାନଙ୍କ କହିବାନୁଯାୟୀ ଏହି ପ୍ରବଚନ ଶୁଣି ନିଜ ଜୀବନକୁ କିପରି ପରିବର୍ତ୍ତନ କରି ଶାନ୍ତିରେ ଜୀବନ ବିତାଇ ହେବ ସେ ବିଷୟରେ ଆମେ ଜ୍ଞାନ ଆହରଣ କରିବାକୁ ପାଇଲୁ ବୋଲି କହିଛନ୍ତି।

## ଶ୍ରୀ ଜଗନ୍ନାଥ ଦର୍ଶନ ତୀର୍ଥଯାତ୍ରାର ଶୁଭାରମ୍ଭ

**ବୋରିଗୁମ୍ମା/କୋରାପୁଟ,୧୮।୩(ସଂଚାର ବ୍ୟୁରୋ)ଃ** ଶ୍ରୀ ଜଗନ୍ନାଥ ଦର୍ଶନ ତୀର୍ଥ ଯାତ୍ରାର ଶୁଭାରମ୍ଭ ଜିଲ୍ଲାପାଳ କୋରାପୁଟ ଶ୍ରୀ ମନୋଜ ସତ୍ୟୱାନ ମହାଜନଙ୍କ ଦ୍ୱାରା ହୋଇଯାଇଛି। ଏହି ଯାତ୍ରା ରେ କୋରାପୁଟ ଜିଲ୍ଲା ର ବିଭିନ୍ନ ବ୍ଲକ ଓ ପୌରପାଳିକା ରୁ ୧୮୫ ଜଣ ତୀର୍ଥ ଯାତ୍ରୀ ଆଜି ସନ୍ଧ୍ୟା ୬.୦୦ ଘଟିକା ରେ ଶ୍ରୀକ୍ଷେତ୍ର ପୁରୀ କୁ ଗସ୍ତ କରିଛନ୍ତି। ଆଜି ସର୍ବ ପ୍ରଥମେ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ସେମାନଙ୍କୁ କିଛି କିଛି ଜରୁରୀ ଔଷଧ ପ୍ରଦାନ କରାଯାଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ ତପନ କୁମାର ନାୟକ,



ନରେଶ ଚନ୍ଦ୍ର ଶବର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ବେଣୁଧର ଶବର, ଜିଲ୍ଲା ପରିବହନ ସଂଚାଳକ ଆରୋଷି ସାହୁ ଯୋଗଦାନ କରି ସମସ୍ତ ତୀର୍ଥ ଯାତ୍ରୀଙ୍କୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କ ଶୁଭ ଯାତ୍ରା ପାଇଁ କାମନା କରିଥିଲେ। ସମସ୍ତ ତୀର୍ଥ ଯାତ୍ରୀ ଆସନ୍ତାକାଲି ସକାଳେ ପୁରୀ ରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବେ ଏବଂ ଆସନ୍ତା କାଲି ସନ୍ଧ୍ୟା ରେ ପୁରୀ ଠାରୁ ବାହାରି ୧୯ତାରିଖରେ ସମସ୍ତ ତୀର୍ଥଯାତ୍ରୀ କୋରାପୁଟ କୁ ପ୍ରତ୍ୟାବର୍ତ୍ତନ କରିବେ।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଆରମ୍ଭ



**ସୁବର୍ଣ୍ଣପୁର, ୧୮।୩(ସଂଚାର ବ୍ୟୁରୋ)ଃ** ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ଆଜି ସନ୍ଧ୍ୟା ୭ ଟାରେ ସୁବର୍ଣ୍ଣପୁର ସଂସ୍କୃତି ଭବନରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ୭୪ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କ ଶୁଭ ତୀର୍ଥ ଯାତ୍ରାକୁ ଓଡ଼ିଶା ରାଜ୍ୟ ପରିବହନ ନିଗମ ର ଦୁଇ ଗୋଟି ଶୀତତାପ ନିୟନ୍ତ୍ରିତ ଭଲ୍ଭୋ ବସକୁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଶ୍ରୀମତି ସୌମ୍ୟାରୂପା ରଥ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ରାଜେଶ କୁମାର, ଜିଲ୍ଲା ସାଧାରଣ ପରିଚାଳକ, ଓଡ଼ିଶା ରାଜ୍ୟ ପରିବହନ ନିଗମ, ସୁବର୍ଣ୍ଣପୁରଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି ତୀର୍ଥ ଯାତ୍ରାରେ ୬ ଜଣ ସୁରକ୍ଷାଦାତାଙ୍କ ସହିତ, ଯେଉଁଥିରେ ୨ ଜଣ ଚିକିତ୍ସା ଅଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ, ୨ଟି ଏସି ବସରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି।ଏହି ଅବସରରେ ବିଭିନ୍ନ ସମ୍ବାଦପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପୁରୀ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ସହଯୋଗରେ ସେମାନେ ଆସନ୍ତାକାଲି ଶ୍ରୀ ଜଗନ୍ନାଥ ଦର୍ଶନ ସାରି ସନ୍ଧ୍ୟାରେ ପୁନର୍ବାର ସୁବର୍ଣ୍ଣପୁର ଫେରିବେ।

## କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଢେଙ୍କାନାଳ,୧୮।୩ (ସଂଚାର ବ୍ୟୁରୋ)ଃ** ଆଜି ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମ ଠାରେ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ପକ୍ଷରୁ ବ୍ଲକ ସ୍ତରୀୟ ଏବଂ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଷ୍ଟାଡ଼ିଙ୍ଗ ଷ୍ଟାର୍ଟ, ଷ୍ଟାଡ଼ିଙ୍ଗ୍ ବଲ୍ ଥ୍ରୋ ଓ ଷ୍ଟାଡ଼ିଙ୍ଗ୍ ଜମ୍ପ ପ୍ରତିଯୋଗିତା ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟର ୬ଷ୍ଠ, ୭ମ ଓ ୮ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ଦୟାନିଧି ପାତ୍ର, ଖେଳ ଶିକ୍ଷକ ଶୁଶିଲ କୁମାର ପଣ୍ଡା, ସରିତା ବିଶ୍ୱାଳ, ସ୍ମିତିସୁଧା ଜେନା ଓ ଶିକ୍ଷୟତ୍ରୀ ହରପ୍ରିୟା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



## ବୈତରଣୀ ମହାଆଳତୀ ଓ ପଥ ଉତ୍ସବ ଆୟୋଜିତ



**ଯାଜପୁର, ୧୮।୩(ସଂଚାର ବ୍ୟୁରୋ)ଃ** ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ର ପୂର୍ବାଭାସ ସ୍ୱରୂପ ସପ୍ତମାତୃକା ମନ୍ଦିର ନିକଟସ୍ଥ ଦଶାଶ୍ୱମେଧ ଘାଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈତରଣୀ ମହାଆଳତୀ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅମ୍ବର କୁମାର କର ବୈତରଣୀ ପୂଜାର୍ଚ୍ଚନାରେ ଯୋଗ ଦେଇଥିଲେ। ପ୍ରାତଃ ୫ ଟା ରେ ରକ୍ଷାକାଳୀ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ଦଶାଶ୍ୱମେଧ ଘାଟରେ ପହଞ୍ଚିଥିଲା। ଏଥିରେ ପାରମ୍ପରିକ ଘୋଡ଼ାନାଚ, ନାମ ସଂକୀର୍ତ୍ତନ ସହ ଘଣ୍ଟଘଣ୍ଟା ନାଦ ସହ ସମସ୍ତେ ଘାଟରେ ପହଞ୍ଚିଥିଲେ। ଘାଟକୁ ସୁସଜ୍ଜିତ କରିବା ସହ ଆଳତୀ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପୁରୀର ଶଙ୍କରାଚାର୍ଯ୍ୟଙ୍କ ମଠରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ପଣ୍ଡିତମାନେ ସୂର୍ଯ୍ୟୋଦୟ ସମୟରେ ବୈତରଣୀ ଆଳତୀ କରିଥିଲେ। ପୂଜାର୍ଚ୍ଚନା ସହ ବେଦ ମନ୍ତ୍ର, ଘଣ୍ଟ ଓ ଶଙ୍ଖ ନାଦରେ ଏକ ମନୋରମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀଙ୍କ ପାୱାର ବୋଟ୍ ନଦୀରେ ପଇଁତରା କରିଥିଲେ। ବୈତରଣୀ ଆଳତୀ ପରେ ସ୍ଥାନୀୟ ପ୍ରଶାସନିକ ଭବନ ପଡିଆ ସମ୍ମୁଖ ରାସ୍ତାରେ ପଥ ଉତ୍ସବ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କର ଏହାକୁ ଉଦଘାଟନ କରିଥିଲେ। ଏଥିରେ ରକ୍ ବ୍ୟାଣ୍ଡ, ନୃତ୍ୟ ସଙ୍ଗୀତ ପରିବେଷଣ, ଲାଇଭ ପେଣ୍ଟିଂ, ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାମ୍ପ, ସ୍କେଟିଙ୍ଗ, ରଙ୍ଗୋଲି, ପାରମ୍ପରିକ ଖାଦ୍ୟ ଷ୍ଟଲ୍, ଯୋଗ, ହକି, ଜୁମ୍ବା, ଏରୋବିକ୍ସ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଥିଲା।

## ପଶ୍ଚିମ ଓଡ଼ିଶାର ପ୍ରଥମ ଓଟିଟି ଚ୍ୟାନେଲ୍ 'ପଶ୍ଚିମ୍' ଲୋକାର୍ପିତ




**ସୁବର୍ଣ୍ଣପୁର, ୧୮।୩(ସଂଚାର ବ୍ୟୁରୋ)ଃ** ସୁବର୍ଣ୍ଣପୁର ସହର ବ୍ଲକ ଛକ ନିକଟସ୍ଥ ରୟାଲ କନଭେନସନ୍ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶ ଭିତରେ ଉଭୟ ନ୍ୟୁଜ ଏବଂ ମନୋରଞ୍ଜନ ପର୍ଯ୍ୟବେଶିତ ରାଜ୍ୟର ପ୍ରଥମ ଓଟିଟି ଚାନେଲ ପଶ୍ଚିମ୍ ଲୋକାର୍ପିତ ହୋଇ ଯାଇଛି। ଦେଶ ବିଦେଶରେ ଆଇଟି କ୍ଷେତ୍ରରେ କାମ କରି ସୁନାମ ଅର୍ଜନ କରିଥିବା ପଶ୍ଚିମ ଓଡିଶାର ସୁପୁତ୍ର ଦେବାଶିଷ ରଥ ଅନଲାଇନରେ ଏହି ଚାନେଲର ଲୋକାର୍ପଣ କରିଥିଲେ। ପଶ୍ଚିମ୍ ର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ରଥ, ନ୍ୟୁଜ ନିର୍ଦ୍ଦେଶକ ଧରଣୀଧର ମିଶ୍ର, ଅର୍ଜିନାଲ୍ ନିର୍ଦ୍ଦେଶକ ଶିବରାମ ମହାପାତ୍ର, ଅନ୍ୟତମ ନ୍ୟୁଜ ନିର୍ଦ୍ଦେଶକ ଗଣପତି ବାଘ ଏବଂ ଭାଇସ୍ ପ୍ରେସିଡେଣ୍ଟ ଶ୍ରୀହର୍ଷ ପୁରୋହିତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲାର ପ୍ରାୟ ୫୦୦ ଜଣ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ, ସଂଗୀତ ନିର୍ଦ୍ଦେଶକ, ସାମ୍ବାଦିକ ଏବଂ ଲେଖକ ଲେଖିକା ଯୋଗ ଦେଇ ନିଜର ମତାମତ ରଖିଥିଲେ। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଗୁଗୁଲ ପ୍ଲେ ଷ୍ଟୋରରୁ ପଶ୍ଚିମ ଓଟିଟି ଆପ୍ ବିନାମୂଲ୍ୟରେ ଡାଉନଲୋଡ କରିହେବ। ୧ ତାରିଖଠୁ ନ୍ୟୁଜ ସହ ୱେବ ସରିଜ, ମୁଭି, ସର୍ଟ ମୁଭି, ରିୟଲିଟି ସୋ, କମେଡି, ଡିଭୋସୋନାଲ ପ୍ରୋଗ୍ରାମ ଆଦି ଉପଲବ୍ଧ ହେବ। ପ୍ରଥମ ୧ ଲକ୍ଷ ସବସ୍କ୍ରାଇବରଙ୍କୁ ୨୦ ହଜାର ଟଙ୍କାର ଗିଫ୍ଟ କୁପନ ମିଳିବ। ଏହି ଅବସରରେ ପଶ୍ଚିମ ପ୍ରାୟୋଜିତ ୱେବ ସିରିଜ୍ ଗୁଦନୀ, ରାଜନୀତି, ଭରମ ସହ କ୍ଷୁଦ୍ର ସିନେମା ବାଟର ଟିଜର ରିଲିଜ୍ ହେବା ସହ କଳାକାର ମାନେ ତାଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ତେବେ କୌଣସି ରାଜନେତା କିମ୍ବା ସରକାରୀ ଅଧିକାରୀଙ୍କୁ ଅତିଥି ଭାବେ ସାମିଲ ନକରି କଳା ଏବଂ ସାମ୍ବାଦିକତା କ୍ଷେତ୍ରରେ ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଏହି ଚାନେଲର ଶୁଭାରମ୍ଭ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥି ମାନେ ମତ ପୋଷଣ କରିଥିଲେ।

## ବାସନ୍ଦ, ଜରିମାନାକୁ ନେଇ ଗୋଷ୍ଠୀ ସଂଘର୍ଷ, ୫ ଆହତ



**ହିଞ୍ଜିଳିକାଟୁ,୧୮।୩(ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ନନ୍ଦିତା ଗାଁରେ ମଙ୍ଗଳବାର ରାତିରେ କୁଳରୁ ବାସନ୍ଦ, ଜରିମାନା ଆଦାୟକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୫ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ରଜନୀ ଦାସ, ତାଙ୍କ ୨ ପୁଅ ମୋହନ ଦାସ ଓ ନବୀନ ଦାସ, ପୁତୁରା ସନ୍ନ୍ୟାସୀ ଦାସ ଏଥିରେ ଅପର ଗୋଷ୍ଠୀର ଗଣେଶ ଦାସ ଓ ପ୍ରହଲ୍ଲାଦ ଦାସ ମଧ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଚିକିତ୍ସିତ କରାଯାଉଥିବା ବେଳେ ସେମାନଙ୍କ ମଧ୍ୟରୁ ସନ୍ନ୍ୟାସୀ ଦାସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଏଠାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଗାଁରେ ଏହି ଘଟଣା ନେଇ ଉତ୍ତେଜନା ସୃଷ୍ଟି ହୋଇଛି। କିଛି ମହିଳା ବୁଧବାର ହିଞ୍ଜିଳି ଥାନାରେ ପହଞ୍ଚି ଦୋଷୀଙ୍କୁ ଗିରଫ ଦାବି କରିଛନ୍ତି। ହିଞ୍ଜିଳି ପୋଲିସ ଗାଁରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ଅନ୍ୟପକ୍ଷରେ ଆହତ ରଜନୀଙ୍କ ଅଭିଯୋଗ କ୍ରମେ ପୋଲିସ ଥାନାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, କିଛି ଦିନ ପୂର୍ବରୁ ସଂଘର୍ଷରେ ଗୁରୁତର ଆହତ ସନ୍ନ୍ୟାସୀ ଦାସଙ୍କ ପରିବାରଙ୍କୁ ଗାଁରେ ଏକ କୁଳ ବୈଠକରେ ବାସନ୍ଦ କରାଯାଇଥିଲା। କୁଳରେ ମିଶିବା ପାଇଁ ସନ୍ନ୍ୟାସୀଙ୍କ ପରିବାରଙ୍କୁ ୫୦ହଜାର ହଜାର ଜରିମାନା ଲଗାଯାଇଥିଲା। ଯାହାକୁ ସନ୍ନ୍ୟାସୀଙ୍କ ପରିବାର ବିରୋଧ କରିଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ସନ୍ନ୍ୟାସୀ ଓ ତାଙ୍କର ଅପର ଗୋଷ୍ଠୀ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ମଙ୍ଗଳବାର ରାତିରେ ପୂର୍ବ ବାସନ୍ଦ ଓ ଜରିମାନା ଘଟଣାକୁ କେନ୍ଦ୍ରକରି ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

## ଜଗନ୍ନାଥ ସାହୁଙ୍କୁ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ହସ୍ପିଟାଲ ସେବା ସମ୍ମାନ




**ବୈଶିଙ୍ଗା, ୧୮।୩(ସଂଚାର ବ୍ୟୁରୋ)ଃ** ବୈଶିଙ୍ଗା ଥାନା ଅନ୍ତର୍ଗତ ବର୍ତ୍ତନା ଗ୍ରାମର ଯୋଗ୍ୟ ସନ୍ତାନ ଜଗନ୍ନାଥ ସାହୁ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ହସ୍ପିଟାଲ ପକ୍ଷରୁ ଉତ୍କୃଷ୍ଟ ସେବା ସମ୍ମାନ ପାଇଥିବା ଯୋଗୁଁ ଗ୍ରାମରେ ଆନନ୍ଦର ଲହରୀ ଖେଳିଯାଇଛି। ଶ୍ରୀ ସାହୁ ବର୍ତ୍ତିନା ଗ୍ରାମ ର ପିତା ୰ଶ୍ରୀନାଥ ସାହୁ ଏବଂ ମାତା ଚମ୍ପାମଣୀ ସାହୁ ଙ୍କ ଗର୍ଭରୁ ୧୯୬୩ ମସିହା ଏପ୍ରିଲ ୩ ତାରିଖ ରେ ଜନ୍ମ ଗ୍ରହଣ କରି ପ୍ରାଥମିକ ଶିକ୍ଷା ଲାଭ କରି ମେର୍ଦ୍ଦା ହାଇସ୍କୁଲ, ବାଲେଶ୍ୱର ଫକିରମୋହନ କଲେଜ, ବାରିପଦା ସାନ୍ଧ୍ୟ କଲେଜ, ବୈଷୟିକ ଶିକ୍ଷା, ଦିଲ୍ଲୀରୁ କମ୍ପୁଟର ଡିପ୍ଲୋମା ଶିକ୍ଷା ଲାଭ କରି ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଚାକିରୀ ଆରମ୍ଭ କରିଥିଲେ। ତାଙ୍କୁ ଡାକ୍ତରଖାନା ବିଭାଗର ପବ୍ଲିକ ଅଫିସର ଦାୟିତ୍ୱ ଦିଆଯାଇଥିଲା। ସେଥିରେ ସେ ହଜାର ହଜାର କର୍ମଚାରୀ ଙ୍କ ପାଇଁ ଦେବଦୂତ ପାଇଟି ଯାଇଥିଲେ। ସ୍ୱାସ୍ଥ୍ୟ ସେବା ସହଯୋଗ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ରାଉରକେଲା ଇସ୍ପାତ କାରଖାନା ତରଫରୁ କର୍ତ୍ତବ୍ୟନିଷ୍ଠ କମଚାରୀ ଭାବେ 'ନେହେରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର ' ପ୍ରଦାନ କରାଯାଇଥିଲା। ନିଜର ଅବଦାନ ପାଇଁ ବାଲେଶ୍ୱର ଚେରିଟେବୁଲ ଟ୍ରଷ୍ଟ, ମେଡିକାଲ କ୍ରୀୟାନୁଷ୍ଠାନ କମିଟି, ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ କମିଟି, ବିପଦର ବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମଧ୍ୟ ବହୁ ସମ୍ମାନ ସୂଚକ ମାନପତ୍ର ପାଇଛନ୍ତି। ଏ ଅଞ୍ଚଳବାସୀ ତାଙ୍କ ପାଇଁ ଗର୍ବିତ।

## ସହର ପାଲଟିଛି ଅପରାଧିଙ୍କ ଆଡ୍ଡାସ୍ଥଳୀ

**ଗଂଜାମ,୧୮।୩(ସଂଚାର ବ୍ୟୁରୋ)ଃ** ବ୍ରହ୍ମପୁର ସହର ଅପରାଧୀଙ୍କ ହବ୍ ପାଲଟିଛି। କିଛିଦିନ ହେଲା ସହରରେ ଲୁଟତରାଜ ଗୋଷ୍ଠୀ ସଂଘର୍ଷ, ଚୋରୀ, ଛୁରାମାଡ, ଆକ୍ରମଣ ପ୍ରତି ଆକ୍ରମଣ ଓ ହତ୍ୟା କାଣ୍ଡ ଭଳି ଘଟଣା ଘଟିଚାଲିଛି। ଗତକାଲି ରାତିରେ ପୁଣି ସୁୱାରାଓ ଛକରେ ଦୀନେଶ ପଣ୍ଡା ନାମକ ଜେଣେ ଯୁବକକୁ କେତେକ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ପିଟ୍‌ୱା ସହ ଛୁରାମାଡ କରିଛନ୍ତି। ଆହତ ଦିନେଶକୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ବ୍ରହ୍ମପୁର ପୁଲିସ ଏସପି ଡଃ ସର୍ବଣା ୱିେକ ଏମ୍ ସୂଚନା ଦେଇଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ଗୋଷ୍ଠୀ ଶୌଚାଳୟ



**ସୁବର୍ଣ୍ଣପୁର,୧୮।୩(ସଂଚାର ବ୍ୟୁରୋ)ଃ** "ସ୍ୱଚ୍ଛଭାରତ, ସ୍ୱାସ୍ଥ୍ୟ ପରିମଳ" ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆମ୍ବେଦକର ଛକ ୱାର୍ଡ-୨ ଠାରେ ସର୍ବସାଧାରଣ ଙ୍କ ପାଇଁ ଏକ ଶୌଚାଳୟ (ସରକାରୀ ପାଇଖାନା) ନିର୍ମାଣ କରାଯାଇଥିଲା। ଲୋକମାନଙ୍କ ସୁବିଧା ଓ ଆମ୍ବେଦକର ପଡାର ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ତିଆରି ହୋଇଥିବା ଏହି ପାଇଖାନା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାକୁ ପଡ଼ିଛି। । ସ୍ଥାନୀୟ ଆମ୍ବେଦକର ପଡା ବାସୀଙ୍କ କହିବା ଅନୁସାରେ, ପାଇଖାନାଟି ତିଆରି ହେବା ପରେ ତାହାର ଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇନଥିବାରୁ ଦିୱାଲ ଫାଟିଯାଇଛି ଏବଂ ଛାତ ମଧ୍ୟ ନଷ୍ଟ ହୋଇଯାଇଛି। ପାଇଖାନା ର ଚାରି ପଟରେ ଅନାବନା ଘାସ ମଧ୍ୟ୍ୟ ଉଠି ଗଲାଣି ଫଳରେ ଆମ୍ବେଦକର ପଡ଼ା ବାସୀମାନେ ଏହି ପାଇଖାନା ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବେଦକର ପଡ଼ା ବାସୀମାନଙ୍କ କହିବାନୁସାରେ, ସରକାର ସ୍ୱଚ୍ଛତା ବୃଦ୍ଧି ପାଇଁ ଯୋଜନା ଆରମ୍ଭ କରିଥିଲେ ମଧ୍ୟ ଯଦି ତାହାର ଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ପରିଚାଳନା ହେବ ନାହିଁ, ତେବେ ଏହି ପ୍ରକଳ୍ପର ଲକ୍ଷ୍ୟ ପୂରଣ ହେବ ନାହିଁ। ସେହିପରି ଆମ୍ବେଦକର ପଡ଼ା ବାସୀମାନେ ସ୍ଥାନୀୟ ପୌର ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରୁଛନ୍ତି। ଏହି ସର୍ବସାଧାରଣ ଶୌଚାଳୟ ଶୀଘ୍ର ମରାମତି କରି ପୁନଃ ବ୍ୟବହାରଯୋଗ୍ୟ କରିବା ପାଇଁ ଦାବି କରିଛନ୍ତି। ଏହା ସହ ଆମ୍ବେଦକର ପଡ଼ା ବାସୀ ଓ ସାଧାରଣ ବ୍ୟକ୍ତି ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ପରିବେଶ ରକ୍ଷା ପାଇଁ ପୌର ପ୍ରଶାସନ ଶୀଘ୍ର ପଦକ୍ଷେପ ନେବେ ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି।